Split by PDF Splitter



ତଶୀଳଦା ହେଉଁଠାରେ ରଖ ନ ଯିବ । ମୂମାନେ ସ୍ଥାନୀୟ ହାକିମମାନଙ୍କୁ ଅନୁରୋଧ ଅନ୍ତୁ ଯେ ସେମାନେ ଏ ବିଷୟ ଉତ୍ତମରୂପେ ବଚନା କରି ଓ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ତ ପ୍ରତିକାର କରନ୍ତୁ । ଅମ୍ଭେମାନେ ଣ୍ଟ କହୁଅଛୁଁ ଯେ ସବ୍‌ଡିଭିଜନରେ କର ଣପତ୍ର ରହିବ ଅପତ୍ତି ହୋଇ ନ ପାରେ । ଉଡିଭିଜନକୁ ଜମାବନ୍ଦୀ ବହି ( ୧୩ ନମ୍ବର ଜିଷ୍ଟ୍ରୀ ) ପଠାଗଲେ ଓ ନଖରାଜଦାରଙ୍କୁ ଷ ଆଦେଶ ହେଲେ କୌଣସି ଅସୁବିଧା ହେବ । ଉତ୍କଳଡିଭିଜନ ଲଙ୍କୁ ମଧ୍ୟ ଅନୁ- ଧ କରୁଅଛୁଁ ଯେ ସେ ଏ ବିଷୟରେ ର୍ଣ୍ଣମେଣ୍ଟଙ୍କ ଅବେଦନ କରନ୍ତୁ କି ଯେପରି ଧ୍ୟଭରେ କରଦାୟୀଙ୍କୁ ଏପରି କଷ୍ଟ ନ ଇ ।

---

## ଗ୍ରେଡସେସ ଓ ହିତୈଷିଣୀ ।

ଅମ୍ଭେମାନେ ଉତ୍କଳହିତୈଷିଣୀରେ “ଗ୍ରେ- ସସ ଦୌରାତ୍ମ୍ୟ” ଶିରୋନାମାର ପ୍ରସ୍ତାବ ଢ଼କରି ଅଶ୍ରୁପାର୍ଣ୍ଣବରେ ମଗ୍ନ ହେଲୁଁ କରି ଦେବାରେ ଲୋକଙ୍କୁ ଯେ କଷ୍ଟ ଓ ୟ ପଡ଼ିଲା ତାହା ଅତ୍ୟନ୍ତ ବାହୁଲ୍ୟ ହୋଇ ଖା ହୋଇଅଛି । ବାହୁଲ୍ୟ କାହିଁକି ତହିଁରେ ତେକ ମିଥ୍ୟାକଥା ଲେଖା ଯାଇଅଛି । ଦକ ମହାଶୟ ଯାହା ଲେଖିଅଛନ୍ତି ତାହା ସେ ସ୍ୱୟଂ ଦେଖିଥିଲେ ନା କାହାର ମୁଖେ ଶୁଣି ହୋଇଥିଲେ ନା “ଅକଲପାରଥ” ଲେଖି ଅଛନ୍ତି । ‘ଅକଲପାରଥ’ ଲେଖିଥିବାର ଧ ହୁଏ କାରଣ ଗାଡ଼ିଣାଖାନାରେ ଅଦୌ ର ସ୍ଥାନରେ ପ୍ରହରୀ ନ ଥିଲେ, ହିତୈଷିଣୀ ହାଲନ୍ତି ଯେ ଯଥାକର ଦେବାବ୍ୟକ୍ତି କନେଷ୍ଟବଲଙ୍କୁ ଇ ଦେଖିଲେ କି ବାହାରରେ ପୁଲିସ କନେ- ବଲ ଅଛନ୍ତି, ଭିତରକୁ ଯିବାର ହୁକୁମ ନାହିଁ କରିବେ ତାଙ୍କୁ ଦୁଇଅଣା ଦେଇ ଏକ ପଡି- ନ୍ତି ପାର ପାଇଲେ ଓ ଭିତରକୁ ଯାଇ ଖିଲେ ଯେ ଅନ୍ୟ ଏକ କନେଷ୍ଟବଲ ମଧ- ଭାଗରେ ଠିଆ ହୋଇଅଛି ଓ ତାହାଙ୍କୁ ହି ନାହିଁ ବରଂ ପ୍ରହାର କରୁଅଛି । କ ରିବେ ଆଉ ଦୁଇଅଣା ସେ କନେଷ୍ଟବଲକୁ ଦେବାକୁ ପଡ଼ିଲା । ଏଥିରେ ଏତିକି ମାତ୍ର ସତ୍ୟ ଯେ କେବଳ ଏକସ୍ଥାନରେ କନେଷ୍ଟବଲ ପ୍ରହରୀ ଲେ; ସେମାନେ ପ୍ରଥମ ଦୁଇ ଏକଦିନ ଲୋକ କାହାଠାରୁ ଦୁଇ ଏକପଇସା ଲେଖାଏଁ ନେଇ ଥିଲେ ମାତ୍ର ତାହା ଧରା ପଡ଼ିବାରୁ ନିବାରଣ ହୋଇଗଲା ଓ ସେମାନେ ଅନ୍ତହୋଇ ଦଣ୍ଡଗ୍ର- ସ୍ତ ହେଲେ । କେବେ ୨ କନେଷ୍ଟବଲମାନେ ଧକ୍କା ଇତ୍ୟାଦି ମାରୁଥିଲେ ମାତ୍ର ମାଡ ଇତର ଅନୁସଙ୍ଗିକ ଅଟଇ । ଏ ସମ୍ପର୍କରେ ହିତୈଷି- ଣୀଙ୍କର ଆଉସବୁ କଥା ବାହୁଲ୍ୟ ଓ ଦୁଇପହରୀ ଓ ଦୁଇଅଣା ଲେଖାଏଁ ନେବା କଥା ମିଥ୍ୟା ଅଟେ । ଦ୍ୱାଦଶ ରେଜେଷ୍ଟ୍ରୀ ପାଇ ପହରୀ ପାର ହେବାକୁ ହେଉ ନ ଥିଲା ଲୋକେ ରେଲିଂକାଟେ ‘ରେଜେଷ୍ଟ୍ରୀ’ ବାବୁଙ୍କୁ ଦ୍ୱାଦଶ ଦେଖାଇ ଦେଉଥିଲେ ଓ ସେହିବାଟେ ଫେରି ନେଉଥିଲେ କେବଳ ଯୋଗାଡ଼ ପାଟରେ ପ୍ରହରୀ ଥିଲେ । ସେ ପୁନଶ୍ଚ କହିଲନ୍ତି ଯେ ଲୋକେ ‘ରେଜେଷ୍ଟ୍ରୀବାବୁ’ ନିକ- ଟକୁ ଗଲାବେଳକୁ ସେ ଅନାଇଲେ ନାହିଁ ତାଙ୍କୁ ମଧ୍ୟ ଦୁଇଅଣା ଦେବାକୁ ହେଲା । ଯେବେ କେବଳ ରେଜେଷ୍ଟ୍ରୀ ହୋଇ ରହିଲା ତହିଁ ଅରଦଳି ସମସ୍ତଙ୍କୁ ଅଉ ଦୁଇ ୨ ଅଣା ଦେବାକୁ ପଡ଼ିଲା । ହିଏତ ପାନ୍ଥଇ ସେହିଦିନ ମିଳିଲା ନାହିଁବା ତହିଁ ଅରଦଳି ଅଉ ଦୁଇଅଣା ଦେବାକୁ ପଡ଼ିଲା ଏପରି ଜଣେ ମେହନ୍ତର ଲୋକଙ୍କୁ ଝାଡ଼ୁରେ ବାଡ଼େଇଲା । ଏସବୁ କଥା ଅଧିକାଂଶ ମିଥ୍ୟା ଅଟଇ । ହିତୈ- ଷିଣୀ ଅଧିକ କହିଲନ୍ତି ଯେ ଲୋକେ ଗର୍ଭା ସକାଶେ ଲୋଟା ପିତଳ ଚଦର ବନ୍ଧିଲେ ଏହା ମଧ୍ୟ ଅମ୍ଭେମାନେ କାହାଠାରୁ ଶୁଣି ନାହୁଁ । ଅମ୍ଭେମାନେ ପୂର୍ବେ ଓ ଏବସ୍ତାବରେ ଲୋକଙ୍କର ଯେତେ କଷ୍ଟ ଓ ବ୍ୟୟ ଲେଖିଅଛୁଁ ପ୍ରକୃତରେ ସେତିକି ଘଟିଅଛି ଓ ତାହା ସାମାନ୍ୟ ନୁହେ ଏବଂ ସେଥିପାଇଁ ଅମ୍ଭେମାନେ ବ୍ୟାକୁଳିତ ଅଛୁଁ । କନେଷ୍ଟବଲଙ୍କ ଅପହରଣ ଧରାପଡ଼ିବା ଦିନୁ ରଙ୍ଗଲାଲ ବାବୁ ସ୍ୱୟଂ ଗାଡ଼ିଣାଖାନା ପିଣ୍ଡାରେ ସର୍ବଦା ବସିରହୁଲେ ଓ ସେହିଠାରେ ଦ୍ୱାଦଶ ରେଜେଷ୍ଟ୍ରୀ ଓ କର ଗ୍ରହଣ ହେଉଥିଲା । ଅମ୍ଭେ- ମାନେ ମଧ୍ୟ କେତେଥର ଗାଡ଼ିଣାଖାନାକୁ ଯାଇଥିଲୁଁ ଓ ହିତୈଷିଣୀଙ୍କ ବର୍ଣ୍ଣିତ ଅପହରଣ ଇତ୍ୟାଦି କିଛିହିଁ ଦେଖି ନାହୁଁ । ପ୍ରଥମ ଦୁଇ ତିନିଦିନ କେହି ୨ କାହା ୨ ଠାରୁ ଦୁଇ ଏକପଇସା ଲେଖାଏଁ ନେଇଥିବେ ମାତ୍ର ତାହା ଲୋକେଉତ୍ତର ନିସ୍ତାର ପାଇବାପାଇଁ ବଳେ ବଳେ ଦେଇଥିବେ । ଅମ୍ଭେମାନେ ସ୍ପଷ୍ଟ କହୁଅଛୁଁ ଯେ ଅମଲା- ମାନେ ନେବାର ଚେଷ୍ଟା କରି ନାହାନ୍ତି । ଅନେକ ଦ୍ୱାଦଶ ପ୍ରତ୍ୟହ ଆଗତ ହେବାରୁ ସେସବୁ ସେହିଦିନ ରେଜେଷ୍ଟ୍ରୀ ହୋଇ ନ ପାରିଲା ଓ ଯାହା ହେଲା ତାହା ସବୁ ସେହିଦିନ ଖଜାଞ୍ଚି ସ୍ୱାକ୍ଷର କରି ସେହିଦିନ ଫେରି ଦେଇ ନ ପାରିଲେ, ସୁତରାଂ ରେଜେଷ୍ଟ୍ରୀ ହେବାରେ ବା ପାଉତି ପାଇବାରେ କେତେକସ୍ଥଳେ ବିଳମ୍ବ ହେଲା ମାତ୍ର ଏଥିପାଇଁ ସେମାନଙ୍କୁ ଦୋଷୀ କରାଯାଇ ନ ପାରେ ।

ହିତୈଷିଣୀ ଅପହରଣର ଯେପରି ବିବାଦ ଦେଇଅଛନ୍ତି ତହିଁରେ ପ୍ରତି ଯଥାକର ଦେବା ବ୍ୟକ୍ତିକୁ ଦୁଇଟଙ୍କା ଲାଞ୍ଚ ଦେବାର ପଡ଼ିଅଛି । ଦୁଇ ଏକଅଣା ଦାଖଲ କରିବା ସକାଶେ ଲୋକେ ଯେ ଦୁଇଟଙ୍କା ଘୁସ ଦେଇଥିବେ କଦାପି ସମ୍ଭବ ନୁହେ ଓ ଦେଇଥିଲେ କଦାପି ଚୁପ ହୋଇ ନ ରହନ୍ତେ । କନେଷ୍ଟବଲ ଦୁଇ ଏକପଇସା ନେ- ବାର ଧରାଇ ଦେଲେ ଓ ପ୍ରତି କର୍ମଚାରୀଙ୍କୁ ଯେ ପୁନଃ ପୁନଃ ଦୁଇ ଦୁଇଅଣା ଦେଇ ଚୁପ ହୋଇ ରହନ୍ତେ କି ଏ ସମ୍ଭବ କଥା । କେହି ଏଠାରେ ଦ୍ୱାଦଶ ରଖିଗଲେ ତାହାର ଆଠଅଣା ଦଶ- ଗଣ୍ଡା ପଡ଼ନ୍ତା ସେ କାହିଁକି ତହିଁ ପରିବର୍ତ୍ତେ ଦୁଇଟଙ୍କା ଘୁସ ଦିଅନ୍ତା । ଘରେ ତାହାର ବିଶେଷ କାର୍ଯ୍ୟ ଥିଲେ ସେ ଏପରି କରିପାରେ କିନ୍ତୁ ସମସ୍ତଙ୍କର କି ଏପରି କାର୍ଯ୍ୟ ଥିଲା ନା ଏତେ ଘୁସ ଦେବାର ଶକ୍ତି ଥିଲା ? ଦ୍ୱାଦଶକେ ଅବା କାହାର କେତେ ମାସ ହୁଅନ୍ତା ଯେ ସେ ଏତେ ଘୁସ ଦିଅନ୍ତା । ଗାଡ଼ିଣାଖାନାର ଅଧସ୍ଥ କର୍ମ- ଚାରୀମାନେ ଯେ କେବେ କିଛି ନ ନିଅନ୍ତି ଏହା ଅମ୍ଭେମାନେ କହୁ ନାହୁଁ କିନ୍ତୁ ଅପେକ୍ଷାକୃତ ଗ୍ରେଡସେସ୍ ସମ୍ପର୍କରେ ସେମାନେ କିଛିହିଁ ନେଇ ନାହାନ୍ତି କହିଲେ ଚଳିଯାଇ ପାରେ । ଟପକ୍କଳବସମାନେ ପଣ୍ଡା ହୋଇ ଯଥେଷ୍ଟ ଦକ୍ଷିଣା ନେଇଅଛନ୍ତି ସତ୍ୟ କିନ୍ତୁ ସେଥିପାଇଁ କିଏ ଦାୟୀ ? ହିତୈଷିଣୀଙ୍କ କଲେକ୍ଟରୀ କଚେରୀ ଅଛି କିବା ସେ ଥରେ ସେଠାକୁ ଯାଇଥିଲେ ପ୍ରତ୍ୟକ୍ଷ ସବୁ ଦେଖିଥାନ୍ତେ । କବୃତ୍ତି ସୃଷ୍ଟି ଏପରି ଲେଖିବାର ଉଚିତ ନୁହେ ଏଥିରେ ଲୁଚିଲା ଏକ ତୋର ଛଦା ପ୍ରଶ୍ନର ହୁଅଇ ଓ ମଧ୍ୟ ସମ୍ପାଦ- ପତ୍ରର ମହତ ଊଣା ହୁଅଇ । ଯେତେ ଅଲିଷ୍ଟ ଘଟିଅଛି ତାହା ଶୃଙ୍ଖଳାର ଦୋଷ ଓ ପ୍ରାଦେ ସବୁ କଲରେ ପଡ଼ିଥିବ, ସେଥିର ବହୁତ ପ୍ରତିକାର ଅମ୍ଭେମାନେ ସ୍ଥାନାନ୍ତରରେ ପ୍ରସ୍ତାବ କରୁଅଛୁଁ ।

---

Digitized by srujanika@gmail.com

Split by PDF Splitter



# ସାପ୍ତାହିକସଂବାଦ ।

ବତାକାସିରେ ଯେଉଁ ନରହତ୍ୟା ମକଦ୍ଦମା ହୋଇଥିଲା ତହିଁରେ ହତ୍ୟାକାରୀ ସେସନ ଅଦାଲତରେ ଅପରାଧ ସ୍ୱୀକାର କରି କହିଲା ଯେ ତାହାର ସ୍ତ୍ରୀ ବ୍ୟଭିଚାରିଣୀ ଥିବାର ସନ୍ଦେହ ହେବାରୁ ସେ ଏତାଦୃଶ ନିଷ୍ଠୁର ଓ ଅଧମ କାର୍ଯ୍ୟ କରିଅଛି । ତାହାପ୍ରତି ଫାସିର ହୁକୁମ ହୋଇଅଛି ।

ଏଠା ଜଏଣ୍ଟମାଜିଷ୍ଟ୍ରେଟଙ୍କଠାରେ ଏକ ସିନ୍ଧଚୋରୀ ମକଦ୍ଦମା ହୋଇଥିଲା ଯେ ତହିଁରେ ତିନିଜଣ ମୂଦାଲୀ ଜଣକେ ଛଅବର୍ଷ ଲେଖାଁଏ କାରାବାସର ଦଣ୍ଡ ପାଇ ଅଛନ୍ତି । ଜଏଣ୍ଟ ମାଜିଷ୍ଟ୍ରେଟ ଉପରୁ ଏତେ ଦଣ୍ଡ ଦେଲେ ଏଥିରେ କେହି ଆଶ୍ଚର୍ଯ୍ୟ ହେବେ ଯେନ୍ତୁ ତାହା ଏକ ସୂକ୍ଷ୍ମ ଉପାୟରେ ହୋଇ ଅଛି । ସେ ମକଦ୍ଦମାରେ ତିନିଜଣଙ୍କର ଦ୍ରବ୍ୟ ଚୋରୀ ହୋଇଥିଲା ସାହେବ ତାହା ତିନି ମକଦ୍ଦମା କରି ପ୍ରତ୍ୟେକରେ ଦୁଇବର୍ଷ ଲେଖାଁଏ କଏଦ ଦଣ୍ଡ ଦିଅନ୍ତେ ଏମକଦ୍ଦମାରେ ମୋଟରେ ଜ ୧୮ ବର୍ଷ କଏଦ ଦଣ୍ଡ ହେଲା । ଅପରାଧୀମାନେ ବଡ ସିନ୍ଧିଆଳ ଥିବାରୁ ଏତେ କଠିନଦଣ୍ଡ ଦିଆ ଯାଇଅଛି ।

ଜଦ୍ଦଗ ପ୍ରଗନାରେ ଗ୍ରେଡବେସ ଇଲାକାର ଜଣେ ଅବେସର କେତେକ କାଗଜ ଗୋଲମାଲ କରିବା ଅପରାଧରେ ଦୋଷିସୁପୋର୍ଦ୍ଦ ହୋଇଅଛି ବୋଧହୁଏ ଏ ଅବେସର ମହାଶୟ ମଫସଲରେ ଉସ୍ଥଙ୍କର ଅସୁରଦଭାର ଧାରଣ କରିଥିବେ ।

ସୋମପ୍ରକାଶରୁ ଅବଗତ ହେଲୁଁ ଯେ ଝାଇଗ୍ରି ଦେଶର ରାଜା ଏକଦିନରେ ପ୍ରାୟେ ଜ ୨୭ ଣ କଏଦୀଙ୍କ ଦକ୍ଷିଣହସ୍ତ ଓ ବାମପାଦ ଅପଣା ସମ୍ମୁଖରେ କଟାଇ ସେମାନଙ୍କୁ ସିଂହ ଓ ବ୍ୟାଘ୍ର ସମ୍ମୁଖରେ ପକାଇ ଦେଲେ । କି ଭୟାନକ ନିଷ୍ଠୁରତା, ଅସଭ୍ୟତା, ଓ ଅଧମତା !!

ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ଆଦେଶ କରିଅଛନ୍ତି କି ଅଦାଲତରେ ଡିକ୍ରୀ ପରିଶୋଧ କରିବା ଯେ ଟଙ୍କା ପ୍ରଭୃତି ସବୁ ଦାଖଲ ହୁଏ ତହିଁର ସାର୍ଟିଫିକଟ ଅର୍ଥାତ ବସୁଲାନା ସାଦା କାଗଜରେ ଦିଆଯିବ ଷ୍ଟାମ୍ପ ବା କୌଣସିପ୍ରକାର ଫୀସ ନ ଲାଗିବ । ଇଣ୍ଡିଆନଷ୍ଟାମ୍ପଆଇନ ଓ କୋର୍ଟଫୀସ ଆଇନରେ ଯେ ଭ୍ରମ ଜନ୍ମାଉଥିଲା ତାହା ଲଟ ସାହେବ ଛଡ଼ ଦେଇଅଛନ୍ତି । ଯେନ୍ତୁ ଲଇସେନ୍ସ ଟିପୁଡ ଲାଇବ ଯେହେତୁ ବର୍ତ୍ତମାନ ଅଚଳନ୍ତୁ ସମ୍ପତ୍ତି ନିଲାମ କରାଇବା ସକାଶେ ଅଟେଡ଼ ପାଣ୍ଠିଙ୍କ ଫୀସ ଦେବାର ନିୟମ ହୋଇଅଛି ।

ବମ୍ସ ସାହେବ ବାଲେଶ୍ୱରର କଲେକ୍ଟରୀ ସିରସ୍ତାଦାର ବାବୁ ଦବାକର ଦାସଙ୍କୁ କଟକ କଲେକ୍ଟରୀ ସିରସ୍ତାଦାରୀରେ ନିଯୁକ୍ତ କରିବାର ଆଦେଶ ଦେଇଅଛନ୍ତି ଓ ତଦନୁସାରେ କଲେକ୍ଟର ସାହେବ ତାଙ୍କୁ ନିଯୁକ୍ତ କରି ତଲବ କରିଅଛନ୍ତି ।

ଏଠାର ଟାଉନ ଓଭରସୀୟର ଉଡ୍‌ହାଉସ ସାହେବଙ୍କୁ ମେଜିଷ୍ଟର ସାହେବ ବର୍ମଗ୍ରୁଭ କରିଅଛନ୍ତି । ଶୁଣାଯାଏ ଯେ ଜଣେ ବାଲେଶ୍ୱରୀ ଫିରଙ୍ଗୀ ତାହା କର୍ମରେ ନିଯୁକ୍ତ ହେବାର କଥା ହୋଇଅଛି । ହେଉ, କଟକଙ୍କର କପାଳ ଫାଟିଅଛି !!

ସୁକଦା ଇଲାକାରେ ଶ୍ରେରଦ୍ୱାର ନରହତ୍ୟା ମକଦ୍ଦମାର ବୃତ୍ତାନ୍ତ ଏଥିପୂର୍ବେ ଲେଖାଯାଇଥିଲା ସେ ମକଦ୍ଦମାରେ ଯାଜପୁରର ଅଡିଷ୍ଟାଣ୍ଟ ମେଜିଷ୍ଟ୍ରେଲ ସାହେବ ଅସାମିଙ୍କୁ ଦୌରା ସୁପୋର୍ଦ୍ଦ କରିଅଛନ୍ତି ।

ଅସ୍ମମାନଙ୍କର ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି ଯେ ସେଠାର ଅଶିଷ୍ଟାଣ୍ଟ ମେଜିଷ୍ଟର ଗନ ସାହେବ ମଫସଲ ଭ୍ରମଣ କରି ଶସ୍ୟର ଅବସ୍ଥା ସ୍ୱଚକ୍ଷୁରେ ଦେଖି ଦୁର୍ଭିକ୍ଷ ହୋଇ ନ ହେବାର ରପୋର୍ଟ କରିଅଛନ୍ତି ।

କୌଣସି ସମ୍ବାଦପତ୍ରରୁ ଅବଗତ ହେଲୁଁ ଯେ ଜଣେ ଫରାସି ଇଞ୍ଜିନିୟର ( ବାରକମାଷ୍ଟର ) କୃତ୍ରିମ ଚିନି ପ୍ରସ୍ତୁତ କରିବାର ଉପାୟ ଅବିଷ୍କୃତ କରିଅଛନ୍ତି । ଆଖୁରୁ ଯେପରି ଚିନି ହୁଏ ସେହିପରି ଚିନି ହେବ ଓ ଏ କୃତ୍ରିମ ଚିନିର ମୂଲ୍ୟପ୍ରତି ସେର ଦୁଇପାହୁଲା ମାତ୍ର ପଡ଼ିବ । ଏକ କୋମ୍ପାନୀ ତାହାଙ୍କୁ ଏକକୋଟି ଚୋଡଏଲକ୍ଷ ଟଙ୍କା ଦେଇ ଏ ଉପାୟ ତାହାଠାରୁ କେଇଅଛନ୍ତି । ଧନ୍ୟ ଫରାସୀଙ୍କ ବୁଦ୍ଧି ଓ ଯତ୍ନ ।

ଯାଜପୁରରେ ଗୋଟିଏ ଘୁଡ଼ାଇରେ ଅଗ୍ନି ଲାଗିଥିଲା, ସେଥି ମଧ୍ୟରେ ଗୋରୁ ମେଣ୍ଢା ବନ୍ଧା ହୋଇଥିଲେ । ଜଣେ ସାହସ ପୂର୍ବକ ଘର ମଧ୍ୟରେ ପ୍ରବେଶ କରି ସେମାନଙ୍କୁ ଉଦ୍ଧାର କରି ଆଣିଲା କେବଳ ଗୋଟିଏ ବୁଢ଼ା ଓ ଦୁଇଟି ମେଣ୍ଢା ମରିଗଲେ ଓ ସେ ବ୍ୟକ୍ତି ଦେହ ପୋଡ଼ିବାରୁ ବିଶେଷ ପୀଡ଼ାଗ୍ରସ୍ତ ହୋଇଥିଲା ମାତ୍ର ଅରୋଗ୍ୟ ଲାଭ କଲା । ଆଉ ଜଣେ ବ୍ରାହ୍ମଣ ଏକ ଉଦ୍ଧାକାନ୍ତ ଉପରେ ଚଢ଼ି ରହିଁ ନିବାରୁ ଥିଲା ଓ ସେ କାଛ ଖଜ ପଡ଼ିବାରୁ ସେ ଲୋକ ତଳେ ରହିଗଲା ଓ କାନ୍ଥ ତାହା ଉପରେ ପଡ଼ିଲା । ଗୃହଦହନେ ସେ ବ୍ୟକ୍ତିର ପ୍ରାଣତ୍ୟାଗ ହେଲା ।

ବଙ୍ଗଲା ଇଲାକାର ସିଭିଲସରଭିସର ଅସିଷ୍ଟାଣ୍ଟ ଗର୍ଡନ ସାହେବ ହନ୍ଦୀଭାଷାରେ ଓ ବୁର୍ଡିଲନ ସାହେବ ବଙ୍ଗଭାଷାରେ ବ୍ୟୁତ୍ପତ୍ତି ସୂଚକ ସାର୍ଟିଫିକଟ ପ୍ରାପ୍ତ ହେବାରୁ ପ୍ରଥମୋକ୍ତ ସାହେବ ଦୁଇସହସ୍ର ଟଙ୍କା ଓ ଶେଷୋକ୍ତ ସାହେବ ଏକ ସହସ୍ର ଟଙ୍କା ପୁରସ୍କାର ପାଇଅଛନ୍ତି ।

ସୋମପ୍ରକାଶ ଲେଖନ୍ତି ଯେ ସଂପ୍ରତି ଲିବର ପୁଲରେ ଗୋଟିଏ ବାଳକକୁ ବଲେଇ କାମୁଡ଼ିବାରୁ ତାହାର ମୃତ୍ୟୁ ହୋଇଅଛି । ଶୃଗାଳ କୁକୁରର କଥାତ ଶୁଣା ଯାଇଥିଲା ବଲେଇ କାମୁଡ଼ିଲେ ମୃତ୍ୟୁ ହୁଏ ଏ କଥା ଏତେ ଦିନ ଶୁଣାଯାଇ ନ ଥିଲା, ତେବେ ବିଲାତି ବଲେଇର କଥା କୋଲି ଯାଇ ନ ପାରେ ।

---

NOTICE.

Required a qualified Surveyor for the Pooree District Road Committee. Salary including allowances Rs. 60. A knowledge of English indispensable. Applications will be received by the undersigned from the 10th. to the 20th. instant. Testimonials of past services and qualifications must accompany all applications.

F. Bond
Executive Engineer
Cuttack, Pooree & T. Mehals.

---

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ଶ୍ରୀ ବାବୁ ଜଗନ୍ମୋହନରାୟ କଟକ କଙ୍କାଦ୍ୱାର | | | ୪ ୨ |
| ମିଲରସାହେବ | ,, | ,, | ୪ ୨ |
| ଶ୍ରୀବାବୁମୋହନଲାଲଚୌଧୁରୀ | ,, | ,, | ୪ ୨ |
| ଶ୍ରୀବାବୁ ହରମୋହନ ଗୁପ୍ତ | ,, | ,, | ୪ ୩ |
| ଶ୍ରୀବାବୁ ଜୟକୃଷ୍ଣ ଦାସ | ,, | ,, | ୪ ୩ |
| ଶ୍ରୀବାବୁ ଅଚ୍ୟୁତାନନ୍ଦଦାସ | ,, | ,, | ୪ ୬ |
| ଶ୍ରୀବାବୁ କୃଷ୍ଣବଲ୍ଲଭଘୋଷ | ,, | ,, | ୪ ୬ |
| ଶ୍ରୀବାବୁ ବୈକୁଣ୍ଠନାଥପଣ୍ଡିତ | ,, | ,, | ୪ ୨ |

---

☞ ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

୮ ଭାଗ } ତା ୨୨ରିଖ ନବେମ୍ବର ସନ ୧୮୭୩ ମସିହା । ମୁ । ମାର୍ଗଶିର ୭ଦିନ ସନ ୧୨୮୧ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪
୪୭ ସଂଖ୍ୟା } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧୲୦

ଯଶୋହରର ରାଜା ଏନଗରରୁ ପ୍ରସ୍ଥାନ କରି ନାହାନ୍ତି କି ଏଥି ମଧ୍ୟରେ ଅନ୍ୟ ଦୁଇଜଣ ସମ୍ଭ୍ରାନ୍ତଲୋକ ଏ ନଗରକୁ ଆଗମନ କରିଅଛନ୍ତି । ଯଥା ନୂଆଗଡର ରାଜା ଓ ବାଲେଶ୍ୱରର ଜଣେ ପ୍ରଧାନ ଜମିଦାର ଓ ମହାଜନ ବାବୁ ବୃନ୍ଦାବନଚନ୍ଦ୍ର ମଣ୍ଡଳ । ନୂଆଗଡ଼ ରାଜାଙ୍କର ଆଗମନର ଉଦ୍ଦେଶ୍ୟ ପ୍ରକାଶ ନାହିଁ ଲୋକେ ବୋଲନ୍ତି ଯେ ଦେଶଭ୍ରମଣ ଇଚ୍ଛାରେ କଲିକତା ଯିବାକୁ କଳ୍ପନା କରି ଆସି ଅଛନ୍ତି । ବାବୁ ବୃନ୍ଦାବନଚନ୍ଦ୍ର ମଣ୍ଡଳ ଆପଣା ଜମିଦାରୀ ପରିଦର୍ଶନ ଓ ବାଣିଜ୍ୟ ଉଦ୍ଦେଶରେ ଆସିବାର ଜଣାଯାଏ ଓ କଲିକତାକୁ ଚାଉଳ ପଠାଇବା ପାଇଁ ଗବର୍ଣ୍ଣମେଣ୍ଟର କଣ୍ଟ୍ରାକ୍ଟ ନେଇ ଅଛନ୍ତି ।

---

ଗୋରୁମଡ଼କ ନିବାରଣ ଉଦ୍ଦେଶ୍ୟରେ ଗବର୍ଣ୍ଣମେଣ୍ଟ ଏଜେଣ୍ଟମାନଙ୍କ ବ୍ୟୟରେ ଯେଉଁ ଚିକିତ୍ସାପୁସ୍ତକ ଜମିଦାର ପ୍ରଭୃତିଙ୍କୁ ବିତରଣ କରିଅଛନ୍ତି ତଦ୍ଦ୍ୱାରା କିଛି ଫଳ ହୋଇଅଛି କି ନାହିଁ ସ୍ଥାନୀୟ କର୍ମଚାରୀମାନେ ତାହା ଜାଣିବାକୁ କୌଣସି ଚେଷ୍ଟା କରିଥିବାର ଅନୁମାନ ହେଉ ନାହିଁ । ଯେବେ ସେପରି କିଛି ଚେଷ୍ଟା ହୋଇ ନାହିଁ ତେବେ ପୁସ୍ତକ ବିତରଣ କରିବା ଅନର୍ଥକ ବ୍ୟୟ ମାତ୍ର ତଦ୍ଦ୍ୱାରା କିଛି ଉପକାର ହେବ ନାହିଁ ଅମ୍ଭେମାନେ ଅଳ୍ପଦିନ ହେଲା ଅଶ୍ୱରେଶ୍ୱର ପରଗନାର ଏକ ଗ୍ରାମରେ ଏକ ଦିନରେ ଚାଳିଶା ଗୋରୁ ଅକସ୍ମାତ୍ ପୀଡିତ ହୋଇ ଘ।୨୪ଘଣ୍ଟା ମଧ୍ୟରେ ମରିଯିବାର ଦେଖିଅଛୁଁ । ଗୃହସ୍ଥମାନେ ଜାଣିବା ଲୋକଙ୍କ ପାଖକୁ ଦୌଡ଼ାଦୌଡ଼ି କରି ଯେ ଯାହା କହିଲା ତାହା ଯଦି ଖୁଆଇଲେ କିନ୍ତୁ କିଛି ଉପକାର ହେଲା ନାହିଁ । ଗୋରୁଙ୍କ ଚିକିତ୍ସାପୁସ୍ତକ ଅନୁସାରେ କିଛି ଉପାୟ କହିଁକି ନ ହେଲା ଏମନ୍ତ ପଚାରିବାରେ ସେମାନେ କହିଲେ ଉକ୍ତ ପୁସ୍ତକ କଥା କାହାରିକୁ ଜଣା ନାହିଁ ଓ ଯାହା ପାଖରେ ପୁସ୍ତକ ଅଛି ସେ ତହିଁପ୍ରତି ଆସ୍ଥା କରଇ ନାହିଁ । ସରକାର ଉକ୍ତ ପୁସ୍ତକମାନ ଜମିଦାରଙ୍କୁ ବିତରଣ କରି ଅଛନ୍ତି ମାତ୍ର ଅଧିକାଂଶ ଜମିଦାର ଅଜ୍ଞ ଓ ଅଳସୁଆ କୌଣସି ମଙ୍ଗଳଜନକ କଥାର ଫଳାଫଳ ବୁଝିବେ ଏମନ୍ତ ଇଚ୍ଛା ସେମାନଙ୍କ ମଧ୍ୟରେ ଅତି ବିରଳ ସୁତରାଂ ତାହାଙ୍କୁ ପୁସ୍ତକ ଦେବାରେ କିଛି ଫଳ ନାହିଁ କେବଳ ବୃଥା ଖର୍ଚ୍ଚା ସାର । ଯେବେ ଜମିଦାରଙ୍କୁ ପୁସ୍ତକ ଦିଆ ନ ହୋଇ ଗ୍ରାମର ପଣ୍ଡିତ ଲେଖକ ଜମାଦାର ବା ଅନ୍ୟ ଭଦ୍ରଲୋକ ଯାହାର ବିଦ୍ୟା ବୁଦ୍ଧି ଅଛି ଓ ଯାହାଙ୍କୁ ଲୋକେ ମାନନ୍ତି ଏପରି ଲୋକଙ୍କୁ ପୁସ୍ତକ ଦିଆ ହୋଇ ଥାନ୍ତା ତେବେ କଥଞ୍ଚିତ ଉପକାର ହେବାର ସମ୍ଭାବନା ଥିଲା । ମାତ୍ର ସେପରି କିଛି ହୋଇ ନାହିଁ । ଅମ୍ଭମାନଙ୍କ ବିବେଚନାରେ ଗ୍ରାମ୍ୟ ପାଠଶାଳାମାନଙ୍କର ଶିକ୍ଷକଙ୍କୁ ଏପରି ପୁସ୍ତକମାନ ଦେବାର ଉଚିତ ଓ ତଦନୁଯାୟୀ ସେ କେତେ ଗୋରୁର ଚିକିତ୍ସା କରିଅଛି ଓ ତହିଁରେ କିପରି ଫଳ ହୋଇଅଛି ତିନିମାସ ବା ଛମାସ ଅନ୍ତରରେ ତହିଁର ଖଣ୍ଡିଏ ଲେଖା ଜିଲ୍ଲା କଲେକ୍ଟର ସାହେବ ତାହାଙ୍କଠାରୁ ପ୍ରାପ୍ତ ହେବାର ଚେଷ୍ଟା କଲେ ବୋଧ ହୁଅଇ ପୁସ୍ତକର ଉପଯୋଗିତା ସ୍ପଷ୍ଟରୂପେ ଜଣା ପଡ଼ିବ । ଯେଉଁବ୍ୟକ୍ତି ଉକ୍ତ ପୁସ୍ତକ ଲିଖିତ ଉପାୟଦ୍ୱାରା ବର୍ଷମଧ୍ୟରେ କଳ୍ପିତ ସଂଖ୍ୟାର ଗୋରୁ ବଞ୍ଚାଇ ପାରିବ ତାହାକୁ କିଛି ପାରିତୋଷିକ ଦେଲେ ମଧ୍ୟ ବ୍ୟର୍ଥ ହେବ ନାହିଁ । ଜିଲ୍ଲା ହାକିମଙ୍କୁ ଏ ବିଷୟରେ ଦୃଷ୍ଟି ରଖିବା ପାଇଁ ଅମ୍ଭେମାନେ ଅନୁରୋଧ କରୁଅଛୁଁ ।

---

ମୋଫସଲରେ ଆଜି କାଲି ଜ୍ୱର ରୋଗର ପ୍ରାଦୁର୍ଭାବ ଅତିଶୟ ହୋଇଅଛି । ପ୍ରତିବର୍ଷ ପ୍ରାୟ ଏହି ସମୟରେ ଜ୍ୱର ଅଧିକ ହୁଅଇ ଓ ଲୋକେ ଏହାକୁ କାର୍ତ୍ତିକଝଡ଼ା କହନ୍ତି । ଜ୍ୱର କିଛି ସାଂଘାତିକ ନୁହଇ ମାତ୍ର ଦୀର୍ଘକାଳ ସ୍ଥାୟୀ ଯାହାକୁ ଧରେ ସହଜରେ ଛାଡଇ ନାହିଁ କଫର ଆଧିକ୍ୟ ହେଲେ ପ୍ରାଣଉପରେ ପଡଇ । ଅମ୍ଭେମାନେ ଦେଖିଅଛୁଁ ଯେ ଏକ ଏକ ଗ୍ରାମରେ ବିସ୍ତରଲୋକ ଏ ରୋଗରେ ପଡି ଅଛନ୍ତି ପୁଣି ଦୁଃଖର ବିଷୟ ଯେ ଚିକିତ୍ସାର କୌଣସି ଉତ୍ତମ ସୁଯୋଗ ନାହିଁ । ଗ୍ରାମ୍ୟ ବୈଦ୍ୟମାନେ ଅନେକସ୍ଥଳରେ ଚିକିତ୍ସା କରୁଅଛନ୍ତି ସତ୍ୟ କିନ୍ତୁ ତାହାଙ୍କ ଔଷଧ ଖଟିବାର ଅତି ବିରଳ ଓ ଅଧିକାଂଶ ବୈଦ୍ୟ ନିଦାନଜ୍ଞ ନୁହନ୍ତି । ବୈଦ୍ୟ-

Digitized by srujanika@gmail.com

ଟ ହେତୁ ଅନେକ ସ୍ଥଳରେ ଜ୍ୱର ଅନେକ ଦିନ ଅଟକି ରହିବାର ଜଣାଯାଏ ଓ ଯଥାସମୟରେ ଚିକିତ୍ସା ନ ହେବାରୁ ପ୍ଳୀହା ଇତ୍ୟାଦି ନାନା ଆନୁଷଙ୍ଗିକ ରୋଗମାନ ଜାତ ହୋଇଅଛି । ଅମ୍ଭେମାନେ ଅନେକ ଗୁଡ଼ିଏ ରୋଗୀର ଅବସ୍ଥା ଦେଖିଅଛୁଁ ଓ ଦୁଇ ବ୍ୟକ୍ତିଙ୍କୁ ମଧ୍ୟ ଅଳ୍ପ ପରିମାଣ କୁଇନାଇନ ବା ଚିରେଇତାପାଣିରେ ଭଲ ହେବାର ଦେଖିଅଛୁଁ । ଆମ୍ଭମାନଙ୍କର ଅନୁମାନ ହୁଅଇ ଯଦ୍ୟପି ଏମନ୍ତ ସମୟରେ ଜଣେ ନେଟିବ ଡାକ୍ତର ଗ୍ରାମ୍ୟ ବୁଲି ସାମାନ୍ୟ ଔଷଧ ଦିଅଇ ତେବେ ଅନେକଲୋକ ରୋଗରୁ ମୁକ୍ତ ହେବେ କିନ୍ତୁ ଗବର୍ଣ୍ଣମେଣ୍ଟକୁ ଏଥିର ବିଧାନ କରିବାକୁ କିଏ ପ୍ରବର୍ତ୍ତାଇବ । ଅନୁକଥାଚ ଯେଉଁଠାରେ ଶୁଣାଯାଏ ନାହିଁ ତଥାଚ ସ୍ଥାନୀୟ କର୍ତ୍ତୃପକ୍ଷ ଯେବେ ମନେ କରିବେ ସହଜରେ ଏପରି ବିଧାନ କରି ପାରନ୍ତି । ସବ୍‌ଡିଭିଜନର ନେଟିବ ଡାକ୍ତରମାନେ ଗସ୍ତ କରି ଔଷଧ ଦେଇ ବୁଲିଲେ ଉପକାର ହେବ ଓ ସଦରମୁକାମରୁ ଅତିରିକ୍ତ ଡାକ୍ତର ମଧ୍ୟ ପଠାଯାଇ ପାରେ । ଏଥିରେ ବ୍ୟୟ ବିସ୍ତର ପଡ଼ିବ ନାହିଁ । ଅଧିକ ଅନେକ ଲୋକଙ୍କର ଉପକାର ହେବ ଓ ଲୋକେ କ୍ରମଶଃ ଇଂରେଜି ଔଷଧର ଗୁଣ ଜାଣିପାରି ଆପେ ସେ ସବୁ ବ୍ୟବହାର କରିବାକୁ ପ୍ରବୃତ୍ତ ହେବେ । କେତେକବର୍ଷ ହେଲା ଗବର୍ଣ୍ଣମେଣ୍ଟ ସୁଲଭ ମୂଲ୍ୟରେ ଇଂରେଜି ଔଷଧ ବିକ୍ରୟ କରିବାର ସୁବିଧା କରି ଦେଇ ଅଛନ୍ତି ମାତ୍ର ଓଡ଼ିଶାରେ ତଦ୍ୱାରା କିଛି ଫଳ ହୋଇ ନାହିଁ ଏ କଥା ଆମ୍ଭେମାନେ ପୂର୍ବେ କହିଥିଲୁଁ ଓ ବର୍ତ୍ତମାନ ପୁଣି କହୁଅଛୁଁ କି ଯେପର୍ଯ୍ୟନ୍ତ ଲୋକମାନେ ଔଷଧର ଉପକାର ଜାଣି ନ ପାରିବେ, ସେ ପର୍ଯ୍ୟନ୍ତ କଦାଚ କ୍ରୟ କରିବେ ନାହିଁ । ଯେମନ୍ତ ଗବର୍ଣ୍ଣମେଣ୍ଟ ଔଷଧ ବିକ୍ରୟର ଉପାୟ କରିଅଛନ୍ତି ତେମନ୍ତ ତହିଁର ଗୁଣ ଲୋକଙ୍କୁ ଦେଖାଇବା ନିମନ୍ତେ ସମୟ ସମୟରେ ଏକା ଡାକ୍ତର ମୋଫସଲକୁ ପଠାଇ ସେ ସବୁର ବ୍ୟବହାର ଶିଖାଇ ଦେବାର ଯତ୍ନ କରନ୍ତୁ । ଆମ୍ଭମାନଙ୍କୁ ନିଶ୍ଚୟ ବୋଧ ହୁଅଇ ଯେ ବର୍ତ୍ତମାନ ସମୟରେ ଯେବେ ଜଣେ ଡାକ୍ତର ମୋଫସଲରେ ବୁଲି କେତେକ ଜ୍ୱରରୋଗୀଙ୍କୁ କୁଇନାଇନଦ୍ୱାରା ଆରୋଗ୍ୟ କରନ୍ତି ଓ ଉକ୍ତ ଔଷଧ ଯେଉଁଠାରେ ପାଆଯାଏ ଓ ଯେଉଁରୂପେ ବ୍ୟବହାର ହୁଅଇ ସେ ସବୁ ଓ ତାହା ପ୍ରତିବାସିଙ୍କୁ କହି ଦିଅନ୍ତି ତେବେ ଅବଶ୍ୟ ଇଂରେଜି ଔଷଧ ପ୍ରତି ଲୋକଙ୍କ ଆଦର ବଢ଼ିବ ଓ ସାମାନ୍ୟ ରୋଗରେ ଲୋକେ ବୈଦ୍ୟର ଭରସା ନ କରି ଶୀଘ୍ର ଆପେ ଔଷଧ ସେବନଦ୍ୱାରା ଆରୋଗ୍ୟଲାଭ କରିବେ ।

---

## ବିଦେଶୀ ।

ଏହି ନାମରେ ଖଣ୍ଡିଏ ନୂତନପତ୍ରିକା ଏ ନଗରରେ ବାହାରୁଅଛି । ମାର୍ଗଶିର ମାସ ତା ୧ ରିଖରେ ଏହାଙ୍କର ପ୍ରଥମ ପ୍ରବେଶ ହେଲା । ଏଖଣ୍ଡିକ ମଧ୍ୟ ପାକ୍ଷିକପତ୍ର ଓ ମୂଲ୍ୟ ଏକଟଙ୍କା । ଏହାକୁ ନେଇ ବର୍ତ୍ତମାନ କଟକରେ ଚାରିଖଣ୍ଡି ପାକ୍ଷିକପତ୍ର ହେଲା ଓ ସମସ୍ତଙ୍କର ଏହି ବର୍ଷ ମଧ୍ୟରେ ପ୍ରାଦୁର୍ଭାବ ଦେଖି ଅମ୍ଭେମାନେ ମନେକରୁଅଛୁଁ ଯେ ପାକ୍ଷିକ ସମ୍ବାଦପତ୍ର ବାହାର କରିବା ଗୋଟିଏ ରୋଗ ହୋଇଅଛି । ଓଡ଼ିଶା ପରି କ୍ଷୁଦ୍ରସ୍ଥାନରେ ଏତେ ପତ୍ରିକା ବାହାରିବାର ଆବଶ୍ୟକ ନୁହଇ କାରଣ ସମସ୍ତେ ଯୋଗୀ ହେଲେ ଭିକ କିଏ ଦେବ ? ବୋଧ ହୁଅଇ ବିଦେଶୀ ପକ୍ଷରେ ଉକ୍ତ କଥା ପ୍ରବର୍ତ୍ତେ ନାହିଁ ଯେହେତୁ ବଙ୍କେଳ ଲୋକ ବିଦେଶକୁ ବାହାରିଲେ ଆପଣା ପାଥେୟ ବ୍ୟୟ ସଙ୍ଗରେ ଆଣି ଥାନ୍ତି ତେବେ ବିଦେଶୀ କି ଅଭିପ୍ରାୟରେ ଆଗମନ କରିଅଛନ୍ତି ସ୍ଥିର କରିବାର ଆବଶ୍ୟକ । ଅନୁଷ୍ଠାନପତ୍ରରୁ ଜଣାଯାଏ ଯେ ଓଡ଼ିଶାର ମଙ୍ଗଳ କରିବା ଓ ଭିନ୍ନ ସମ୍ପ୍ରଦାୟ ମଧ୍ୟରେ ପ୍ରେମ ଓ ବନ୍ଧୁତ୍ୱ ସ୍ଥାପନ କରିବା ଏହାଙ୍କର ଉଦ୍ଦେଶ୍ୟ ଅଟଇ ଅର୍ଥାତ ବଙ୍ଗାଳୀ ଓ ଉତ୍କଳୀୟଙ୍କ ମଧ୍ୟରେ ଯେ ମନାନ୍ତର ଚଳି ଆସୁଅଛି ତାହାକୁ ଲକ୍ଷ କରି କହୁଅଛନ୍ତି ଯେ ଏକଜାତୀୟ ଲୋକ ଅନ୍ୟ ଜାତୀୟ ଲୋକଙ୍କୁ ଘୃଣା କରିବାରେ କିଛି କାରଣ ନାହିଁ ଓ ଏଯାବତ୍ ମଧ୍ୟସ୍ଥିତ ଉନ୍ନତି ହେବାର ଅନେକ କାଳ ବିଳମ୍ବ ଅଛି । ତେବେ ବିଦେଶୀ ଏତେ ତରବ ହୋଇ କାହିଁକି ପଥଶ୍ରମ କରି ଆସିଲେ ? ବିଦେଶୀଙ୍କ ସମ୍ବାଦରୁ ଜଣାଯାଏ ଯେ ସେ ଅନେକକାଳ ହେଲା ଓଡ଼ିଶାକୁ ଆସିଅଛନ୍ତି କିନ୍ତୁ ସମ୍ବାଦପତ୍ର ପ୍ରଚାରଦ୍ୱାରା ଓଡ଼ିଶାର ମଙ୍ଗଳଚେଷ୍ଟା କରିବା ପୂର୍ବେ ଉତ୍କଳଭାଷା ଭଲ କରି ଶିଖିଲେ ଭଲ ହେବ ବର୍ତ୍ତମାନ ଯେଉଁରୂପ ଭାଷାରେ ସେ ଆପଣା ଅଭିପ୍ରାୟମାନ ବ୍ୟକ୍ତ କରୁଅଛନ୍ତି ତାହା ଦେଖି ଆମ୍ଭମାନଙ୍କର ଏହି ଶଙ୍କା ହେଉଅଛି ଯେ ତାହାଙ୍କୁ ବଙ୍ଗବାସୀ ମନେ କରି କେହି ନ ପୁଣି ଅଛିବା କରନ୍ତି !

---

## ଚାଉଳର ବଜାର

ଅମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ ଯେ ବଙ୍ଗଦେଶରେ ଏ ବର୍ଷ ଦୁର୍ଭିକ୍ଷର ଆଶଙ୍କା ହେବାରୁ ଏ ଜିଲାରୁ ବିସ୍ତର ଚାଉଳ ରପ୍ତାନି ହେବ ଓ ତଦ୍ୱାରା ଚାଉଳର ଦର ଅନେକ ବୃଦ୍ଧି ହେବ । ଦୁଇସପ୍ତାହ ଗତ ନ ହେଉଣୁ ଉକ୍ତ କଥା ପ୍ରତ୍ୟକ୍ଷ ଦେଖାଗଲା କଲିକତାରେ ଚାଉଳର ଦର ବଢ଼ିବାରୁ ଏଠାରୁ ମାରୱାଡ଼ିମାନେ ଚାଉଳ କିଣି ପଠାଇବାକୁ ଆରମ୍ଭ କଲେ ଅବଧି ପ୍ରାୟ କୋଡ଼ିଏ କି ତିରିଶ ହଜାର ମହଣ ଚାଉଳ ରପ୍ତାନି ହୋଇ ନାହିଁ ତେବେ ଏଥି ମଧ୍ୟରେ ବଜାରରେ ମୋଟ ଚାଉଳ ଟଙ୍କାକୁ ୧୬ ସେର ହେଲାଣି ଓ ଶୀଘ୍ର ଯେ ଏଥିରୁ ଶସ୍ତା ହେବ ଏମନ୍ତ ଆଶା ଦିଶୁ ନାହିଁ । ଗବର୍ଣ୍ଣମେଣ୍ଟ ଏଠାରୁ ଛଅଲକ୍ଷ ମହଣ ଚାଉଳ କଲିକତାକୁ ରପ୍ତାନି କରିବାର ଆଜ୍ଞା ଦେବାରୁ ଏଠା କଲେକ୍ଟର ଜନ୍‌ସୁସାହେବ ତହିଁର କଣ୍ଟ୍ରାକ୍ଟ ବାବୁ ହରଲାଲ ମିଶ୍ର ବାବୁ ବୃନ୍ଦାବନଚନ୍ଦ୍ର ମଣ୍ଡଳ ଓ ବାବୁ ସୁବଳଚନ୍ଦ୍ର ମଲ୍ଲିକଙ୍କୁ ଦେଇ ଅଛନ୍ତି । ଏମାନେ ମଫସଲରୁ ଚାଉଳ କ୍ରୟ କରି ଛଅମାସ ମଧ୍ୟରେ ଜାହାଜରେ କଲିକତାକୁ ପଠାଇଲେ ପ୍ରତି ମହଣର ମୂଲ୍ୟ ଟ ୨।୦ ଲେଖାଏ ପାଇବେ । ତଦନୁସାରେ କଣ୍ଟ୍ରାକ୍ଟରମାନେ କଟକ ପୁରୀ ଓ ବାଲେଶ୍ୱରଠାରେ ଚାଉଳ କ୍ରୟ କରିବାର ଆରମ୍ଭ କଲେଣି । ଓଡ଼ିଶାରେ ଫସଲ ଏବର୍ଷ ସର୍ବତ୍ର ଭଲ ହୋଇ ନାହିଁ ଅନେକ ସ୍ଥଳେ ମରୁଡ଼ି ହୋଇ ଅଛି ସେ ସ୍ଥାନ ସବୁର ପ୍ରୟୋଜନୀୟ ପୂର୍ତ୍ତି ଯାଇ ଛଅଲକ୍ଷ ମହଣ ଚାଉଳ ଓଡ଼ିଶାରୁ ରପ୍ତାନି ହୋଇ ପାରେ କି ନାହିଁ ସନ୍ଦେହ ଓ ହେଲେ ଏଠା ଲୋକଙ୍କର ବିସ୍ତର କ୍ଲେଶ ହେବ ଏମନ୍ତ ସର୍ବସାଧାରଣ ବିଶ୍ୱାସ କରନ୍ତି । ଅମ୍ଭମାନଙ୍କ ବିବେଚନାରେ ଏ ରପ୍ତାନିଦ୍ୱାରା ସେତେ ଅମଙ୍ଗଳର ଆଶଙ୍କା ନାହିଁ ଯେଉଁ ନିୟମରେ କଣ୍ଟ୍ରାକ୍ଟ ଦିଆଗଲା ତହିଁରେ ଅଶୁଭ ଫଳ ଫଳିବାର ଅନୁମାନ ହୁଅଇ । ଆଗେ କଲେକ୍ଟର ସାହେବ ଏ ଚାଉଳ ଯୋଗାଇବାପାଇଁ ଟେଣ୍ଡରରେ କେତେ ପ୍ରାର୍ଥୀ ଅଛନ୍ତି କି ନାହିଁ ଘୋଷଣାଦ୍ୱାରା ତାହା ଜାଣିବାର ଚେଷ୍ଟା କଲେ ନାହିଁ ଓ ଏ ବର୍ଷର ଫସଲ ଦୃଷ୍ଟିରେ ଏ ବର୍ଷ କେତେ ଦରରେ କିଏ ଚାଉଳ ଦେବାକୁ

Split by PDF Splitter

Digitized by srujanika@gmail.com

Split by PDF Splitter



ପ୍ରାର୍ଥୀ ଅଛୁ ତାହା ନ ବୁଝି କଲିକତାର ଅସି-ଥିବା ଉଚ୍ଚ ଦରରେ ଆପଣା ମନୋମତ ବ୍ୟ-କ୍ତିଙ୍କ ସଙ୍ଗେ ଚାଉଳର କଣ୍ଟ୍ରାକ୍ଟ ଦେଇପକାଇଲେ ଚାଉଳ ଯୋଗାଇବା ବ୍ୟକ୍ତିଙ୍କ ମଧ୍ୟରେ ଲଭା-ଲଭି ହୋଇଥିଲେ ସରକାରଙ୍କର ବହୁ ହେଲେ ଲାଭ ହୋଇ ଥାନ୍ତା ଓ ଅଳ୍ପ ଦର ବନ୍ଧିତ ଲୋକଙ୍କୁ କଣ୍ଟ୍ରାକ୍ଟ ଦେଇଥିଲେ ଦେଶର ଲୋକମାନେ ହେଲେ କେହି କିଛି ଲାଭ କରି ଥାନ୍ତେ ଓ ସେ ତାହା ସୁବିଧାନୁସାରେ ବଜା-ରଦରକୁ ଅଳ୍ପ ହଣିଥିଲେ ସର୍ବସାଧାରଣଙ୍କୁ କଷ୍ଟ ଜଣାଯାନ୍ତା ନାହିଁ । ବର୍ତ୍ତମାନ ଯେଉଁ ରୀତିରେ କଣ୍ଟ୍ରାକ୍ଟ ଦିଅଗଲା ତହିଁରେ ସବୁ ସ୍ଥାନରେ ଡାକ ପଡ଼ିଯିବ ଯେ ସରକାର ବହୁତ ଚାଉଳ ନେଉ ଅଛନ୍ତି ଓ ବ୍ୟବସାୟୀମାନେ ମୂଲ୍ୟ କମାଇବାକୁ ଆଉ ଚେଷ୍ଟା କରିବେ ନାହିଁ । ଏଥିରେ ବଣିକ୍ମାନଙ୍କର ଯେତେ କଷ୍ଟ ହେବ ତାହା ଅକଥନୀୟ । ଏହି କଟକ ନଗରରେ ଦୁର୍ମୂଲ୍ୟର ଡାକ ପଡ଼ିଲାଣି ଓ ତାହା ନିବାରଣ ନିମନ୍ତେ ଗତ ମଙ୍ଗଳବାର ଶ୍ରୀଯୁକ୍ତ କମିସନର ସାହେବ ସମସ୍ତ ବଣିଆମାନଙ୍କୁ କଚେରୀକୁ ଡକାଇ ନେଇ ଧମକାଇ କହିଲେ କି ଚାଉଳର ଦର କେହି ଯେମନ୍ତ ବୃଦ୍ଧି କରି ପାରିବ ନାହିଁ ବଜା-ରର ଶସ୍ତା ଦରୀ କରିବେ । କିନ୍ତୁ ଚାଉଳ କାର୍ଯ୍ୟ କରିବାର ମୂଳଦ୍ୱାରଣ ଯେ ସ୍ୱୟଂ ଅଟନ୍ତି ତାହା କମିସନର ସାହେବ ଏତେ ସୁଯୋଗ୍ୟ ହୋଇ ବୁଝିପାରୁ ନାହାନ୍ତି ଆଶ୍ଚର୍ଯ୍ୟର ବିଷୟ ଅଟଇ । ଚାଉଳ କି ବଣିଆମାନଙ୍କର ଘରେ ଫଳୁଅଛି ଯେ ସେମାନେ ଇଚ୍ଛାମତେ ମୂଲ୍ୟବୃଦ୍ଧି କି ଊଣା କରି ପାରିବେ? ମୋଫସଲରେ ସରକାରୀ କଣ୍ଟ୍ରାକ୍ଟ-ରମାନେ ଟଙ୍କା ଲକ୍ଷ ମହଣ ଚାଉଳ କିଣିବେ ଏ-ଣେ ତେଲଙ୍ଗା ଓ ମାରୱାଡ଼ି ମହାଜନମାନେ ଯେଉଁ ସେମାନେ ଅଗଣ୍ଡ କ୍ଷେତ୍ର ମଧ୍ୟରେ କି କହିଲେଣି ଏମନ୍ତ ଅବସ୍ଥାରେ ସହରକୁ କେଉଁଠାରୁ ଅଧିକ ଚାଉଳ ଆସିବ ଯେ ଦର ଶସ୍ତା ହେବ ? ତସା ଅଧିକା ଲାଭ ନ ପାଇଲେ ଚାରିପାଖ ଗାଁଓ ସହରକୁ ଚାଉଳ କିଏ ଆଣିବ ନାହିଁ ଓ ବଣିଆର ଯେବେ ସରକାର ଦୃଷ୍ଟି ରହାଇ ତାହାର ଦ୍ରବ୍ୟ ଊଣା ଦରରେ ବିକ୍ରୟ କରାଇ ଦେବେ ତେବେ ସେ ଆଉ ଆଣିବ ନାହିଁ । ଜଅଙ୍କ ସମୟରେ ଠିକ ଏହିପରି ଘଟଣା ହେବାରୁ ଛନିଦନ ସହରକୁ ଚାଉଳ ଆସିବା ବନ୍ଦ ହୋଇ ଥିଲା ଓ ଏତେବେଳେ ସେହିପରି ଘଟିବ ସନ୍ଦେହ ନାହିଁ । ଭାରତର ଶସ୍ତା କରିବାର ଏକ ମାତ୍ର ଉପାୟ ରପ୍ତାନୀ ନିଷେଧ ଅଟଇ । ଆମ୍ଭେମାନେ ଏ ପକ୍ଷରେ ଦୃଷ୍ଟି ରଖି-ବାକୁ ସ୍ଥାନୀୟ କର୍ମଚାରୀଙ୍କୁ ଅନୁରୋଧ କରିଥିଲୁଁ କିନ୍ତୁ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଯେଉଁ ଅଭିପ୍ରାୟ ବ୍ୟକ୍ତ କରି ଅଛନ୍ତି ତହିଁର ପ୍ରକାଶ ଯେ ସେପରି ନିଷେଧ ହୋଇ ନ ପାରେ ଓ ଏ କଥାର ଯୁକ୍ତି-ଯୁକ୍ତ ଅଟଇ ସନ୍ଦେହ ନାହିଁ ଆମ୍ଭେମାନେ କେବଳ ଆପଣା ସୁବିଧା ସକାଶେ ରପ୍ତାନୀ ନିଷେଧ କରାଇବାକୁ ଚାହୁଁଥିଲୁଁ ବାସ୍ତବରେ ତାହା ଭୁଲ ଥିଲା । ଘର ମଧ୍ୟରେ ବିସ୍ତର ହେଉଥିଲେ ମୂଲ୍ୟ କମିବ ଓ ଦର ଅଧିକ ହେଲେ ବିଦେଶକୁ ରପ୍ତାନୀ ଲାଭକର ହେବ ନାହିଁ ସୁତରାଂ ଆପେ ରପ୍ତାନୀ ରହିତ ହେବ । ବିଶେଷ ଓଡ଼ିଶା ବଙ୍ଗଳା ଏକ ଶାସନକର୍ତ୍ତାର ଅଧୀନ, ତାହାଙ୍କର ଦୃଷ୍ଟି ସମସ୍ତଙ୍କ ଉପରେ ସମାନ ଅତଏବ ଏକ ଜଣର ଦୁଃଖ ହର ଅପର ଜଣକୁ କଷ୍ଟ ଦେବା-କାର ଉଚିତ । ଓଡ଼ିଶାରେ ଅଧିକ ଫସଲ ହେଲା ବୋଲି ଓଡ଼ିଶାବାସିମାନେ ଶସ୍ତା ଖାଇବେ ଓ ବଙ୍ଗବାସିମାନେ ଶତ ମରିବେ ଏକଥା ଯେବେ ଓଡ଼ିଆଙ୍କ ସୁଖକର ହେବ ତେବେ କାଲି ଯେବେ ବଙ୍ଗଳାରେ ପ୍ରଚୁର ଶସ୍ୟ ହୁଅଇ ଓ ଓଡ଼ିଶା-ରେ କାଳ ପଡ଼ଇ ତେବେ ଓଡ଼ିଆମାନେ ବଙ୍ଗ-ଳାର ଚାଉଳ ନ ଆଣାଇ ସୁଖି ହେବେ କି? ଅତଏବ କୌଣସି ସମୟରେ ଆପଣା ରାଜ୍ୟ-ମଧ୍ୟରେ ଆମଦାନୀ କି ରପ୍ତାନୀ ନିଷେଧ କରି-ବାର ଉଚିତ ନୁହଇ । ଯେତେବେଳେ ତାହା ନ ହେଲା ତେତେବେଳେ ଭାତ ଉପରେ ରାଜ-କର୍ମଚାରୀଙ୍କର ଆଉ କି ବଳ ଅଛି ? ସୁତରାଂ ଆମ୍ଭମାନଙ୍କ ନୂତନ କଲେକ୍ଟର ଯେରୂପ ଏ ବିଷୟରେ ହସ୍ତକ୍ଷେପଣ କରି ଅଛନ୍ତି ଏଥିରେ ଅନିଷ୍ଟ ଭିନ୍ନ ଇଷ୍ଟର ସମ୍ଭାବନା ନାହିଁ ।

ଉପସଂହାର ସ୍ଥଳେ ବକ୍ତବ୍ୟ ଏହି ଯେ ରପ୍ତାନୀ ଯୋଗୁଁ ଏଠାଲୋକେ ଯେମନ୍ତ ଭୀତ ଅଛନ୍ତି ତେତେ ଭୀତ ହେବାର କାରଣ ନାହିଁ ରପ୍ତାନୀଦ୍ୱାରା କିଛି ଶତ ବୃଦ୍ଧି ହେବ ଓ ତାହା ଦେଶ ପକ୍ଷରେ ମଙ୍ଗଳକର ଅଟଇ କୃଷିମାନେ ଆପଣା ପରିଶ୍ରମର ଫଳ ଅଧିକ ପରିମାଣରେ ଭୋଗିବେ ଓ ଅପରଶ୍ରେଣୀ ଅର୍ଥାତ୍ ବଣିଆ ଥ-ଙ୍କର ଯେ କିଛି କଷ୍ଟ ପଡ଼ିବ ତହିଁର କାରଣ ଶ୍ରୀଯୁକ୍ତ କମ୍ପସ ସାହେବଙ୍କ ତରତରିଅ ସୀତ ଅଟଇ ସେ ସାବଧାନପୂର୍ବକ କମେ୨ କଣ୍ଟ୍ରାକ୍ଟ ଦେଇଥିଲେ ଦେଶରେ ଏତେ ହୁରି ପଡ଼ନ୍ତା ନାହିଁ ଓ ଲୋକମାନେ ପୂର୍ବରୁ ସାବଧାନ ହୋଇ ଆପଣା୨ ବାର୍ଷିକ ଖର୍ଚ୍ଚ ସଂଗ୍ରହ କରି ରଖନ୍ତେ ।

---

# ସାପ୍ତାହିକସଂବାଦ ।

ଆମ୍ଭମାନଙ୍କର କମିସନର ଶ୍ରୀଯୁକ୍ତ ରେଭେ-ନ୍ସା ସାହେବ ଗତ ଗୁରୁବାରଦିନ ଏନଗରରେ ପହଞ୍ଚିଥିଲେ । ସେ କଲିକତାରୁ ଗତ ସୋମବାର ବାହାରି ବଣ୍ଡିଘର ବାଟେ ଆସିଅଛନ୍ତି । ରେଭେ-ନ୍ସା ସାହେବ ଏଠାରେ ପ୍ରବେଶ ହେଲାମାତ୍ରେ ଅନେକ ପରିବର୍ତ୍ତନ ଦେଖି ଚମତ୍କୃତ ହୋଇ-ଥିବେ ।

ଶ୍ରୀଯୁକ୍ତ କମ୍ପସ ସାହେବ ଗତ ଶନିବାର କଟକ କଲେକ୍ଟର ଓ ମାଜିଷ୍ଟ୍ରେଟଙ୍କ କର୍ମର ଭାର ନେଇ ଆଉ ଗୋଟିଏ ଅମଲା ଅର୍ଥାତ୍ ଅବକାରୀ ଗୋଦାମର ମୋହରରକୁ ପଦଚ୍ୟୁତ କରିଅଛନ୍ତି କିନ୍ତୁ ଭାଗ୍ୟର ବିଷୟ ଯେ ଏପଦ-ରେ ବାଲେଶ୍ୱରର କୌଣସି ଲୋକକୁ ନିଯୁକ୍ତ କରି ନାହାନ୍ତି । ଏହାଙ୍କ ଆଖିରେ କଟକ କ-ଲେକ୍ଟରର କୌଣସି ଅମଲା ଭଲ ଦିଶୁ ନାହାନ୍ତି । ଶୁଣିଲୁଁ ଯେ ସେ ଏଠାକାର ସୁଯୋ-ଗ୍ୟ ଖଜାଞ୍ଚିଙ୍କୁ ସୁଦ୍ଧା ବାହାର କରି ଦେବେ ବୋଲି କହି ସାରିଲେଣି ।

ଉତ୍କଳପୁତ୍ର ପାଠକଙ୍କୁ ଅତି ଦୁଃଖର ସହିତ ଅବଗତ ହେଲୁଁ ଯେ ତାଲଚେରର କୃଷ୍ଣରାଜା ଜୀବନଯାତ୍ରା ଶେଷ କରିଅଛନ୍ତି । ଏରାଜା ବଡ ଧାର୍ମିକ ଥିଲେ ।

ଚୌକିଦାରୀ ଟାକ୍ସ ନିମିତ୍ତ କଟକ ନଗରର ନୂତନ ସୀମା କଳ୍ପନା ହୋଇ ତହିଁର ଗବର୍ଣ୍ଣ-ମେଣ୍ଟ ବିଜ୍ଞାପନ ପ୍ରକାଶ ହୋଇଅଛି, ତହିଁରୁ ଦେଖାଯାଏ ଯେ ବିଡାନାସୀ, ଚାଉଳିଆଗଞ୍ଜ, ଗାନନଗର ପ୍ରଭୃତି ସ୍ଥାନମାନ ଉକ୍ତ ଟାକ୍ସରୁ ନିଷ୍କୃତି ଲଭି ଅଛନ୍ତି । ଏ ଆଜ୍ଞା ଉତ୍ତମ ହୋଇଅଛି ।

ଶ୍ରୀଯୁକ୍ତ ଟଏନବି ସାହେବ କଲିକତାରେ ଆପଣା କାର୍ଯ୍ୟର ଭାର ଗତ ଅକ୍ଟୋବର ମାସ ଶେଷରେ ଗ୍ରହଣ କଲେ ମାତ୍ର ସେ ବର୍ତ୍ତମାନ ଏଠାକୁ ଆସିବେ ନାହିଁ । ଗବର୍ଣ୍ଣମେଣ୍ଟ ତାହାଙ୍କୁ କଲିକତାରେ ଚାଉଳ ଆମଦାନୀ ଓ ଦୁର୍ଭିକ୍ଷପୀ-ଡ଼ିତ ସ୍ଥାନକୁ ପଠାଇବା କାର୍ଯ୍ୟରେ ନିଯୁକ୍ତ କରିଅଛନ୍ତି । ଓଡ଼ିଶାରୁ ଯେତେ ଚାଉଳ ଯିବ ସେ ସବୁ ଉକ୍ତ ମହାଶୟ ତାହାଙ୍କର କାଟିନେଇ ଉକ୍ତସାହି ପ୍ରଭୃତି ସ୍ଥାନକୁ ପଠାଇବେ ।

Digitized by srujanika@gmail.com

Split by PDF Splitter

214



ଦୁର୍ଭିକ୍ଷ ସାହାଯ୍ୟ ନିମିତ୍ତ ବଙ୍ଗ ପ୍ରଦେଶରେ ଅନେକ କାରକମାନଙ୍କ କାର୍ଯ୍ୟ କରିବାର ଆବଶ୍ୟକ ହେବାରୁ ଏବର୍ଷ ଓଡ଼ିଶାର କାଲେକ୍ଟର କାର୍ଯ୍ୟ ଜ୍ୟୁର ହେବ ନାହିଁ ଓ ଏଠାରେ ଯେ ସାହେବଙ୍କ ଅଧୀନରେ ଯେଉଁ ଲୋକମାନେ କେରାଣୀ ବର୍ଗ କରିବାକୁ ନିଯୁକ୍ତ ହୋଇଥିଲେ ସେମାନଙ୍କୁ ଅଫିସ ସହିତ ବେହାରକୁ ଯିବାର ଆଜ୍ଞା ହୋଇଅଛି । କିନ୍ତୁ ଆମ୍ଭେମାନେ ଶୁଣି ଦୁଃଖିତ ହେଲୁଁ ଯେ ବହୁତ ଲୋକ ସେଠାକୁ ଯିବାପାଇଁ ଅସମ୍ମତ ଅଛନ୍ତି । ଏପରି ହେଲେ ଓଡ଼ିଶାବାସିଙ୍କର ଅବସ୍ଥା କିରୂପେ ଉନ୍ନତ ହେବ କିଛି ଭରସା ପାଉ ନାହିଁ ।

ବାଲେଶ୍ୱରଠାରୁ ଜଣେ ବନ୍ଧୁ ଲେଖିଅଛନ୍ତି ଯେ ସେଠାରେ ଚାଉଳର ଦର ଏକସପ୍ତାହ ପୂର୍ବେ ମହଣକୁ ଟ ୧। ଥିଲା ବର୍ତ୍ତମାନ ଦୁଇଟଙ୍କା ହୋଇଅଛି । ଧାନ ଟଙ୍କାକୁ ଗୌ ୨।୮ ଣୀ । ଦର ପ୍ରତିଦିନ ବଦଳ ହେବାର ଦେଖାଯାଏ । ବଙ୍ଗଳାର ଅକାଳ ଓ ତେଲଙ୍ଗା ମହାଜନଙ୍କ ଆଗମନ ଏଥିର ହେତୁ । ଏପର ସରକାର ଏଠାରୁ ଅଢ଼େଇ ଲକ୍ଷ ମହଣ ଚାଉଳ ନେବେ । ପ୍ରତି ଜିଲ୍ଲାରେ ସରକାର ଏପରି ଖରିଦ କଲେ କଷ୍ଟ ହୋଇପାରେ ।

ଶୁଣାଯାଏ ଯେ ମୟୂରଭଞ୍ଜର ରାଜା ବ୍ରାହ୍ମଣଙ୍କର ପ୍ରଦତ୍ତ ଦେବତ୍ରମି ହରଣ କରୁଅଛନ୍ତି । ଦେବଭୂମି ହରଣ କରିବା ଅବଶ୍ୟ ମନ୍ଦ ଅଟଇ ମାତ୍ର ଅନେକ ଅବସ୍ଥାରେ ସେରୂପ କରିବାକୁ ମଧ୍ୟ ଆବଶ୍ୟକ ହୁଅଇ । ଏବଜା ବ ଜମିନରେ ହରଣ କରୁଅଛନ୍ତି ସବିଶେଷ ଜଣା ନ ଯିବାରୁ ଆମ୍ଭେମାନେ କିଛି କହି ନ ପାରୁଁ ।

ବଙ୍ଗଳାର ଆଉ ଜଣେ ବିଖ୍ୟାତ କବି ବାବୁ ଦୀନବନ୍ଧୁ ମିତ୍ର ଓଲ୍‌ଦକ ହେଲା ସଂସାରଯାତ୍ରା ଶେଷ କରିଅଛନ୍ତି । ଆମ୍ଭେମାନେ ଏସମ୍ବାଦ ଶୁଣି ଅତ୍ୟନ୍ତ ଦୁଃଖିତ ହେଲୁଁ ଓ ଅନେକ ଲୋକେ ବଡ଼ ଦୁଃଖିତ ହେବେ ସନ୍ଦେହ ନାହିଁ କାରଣ ଉକ୍ତ ବାବୁ ବହୁକାଳ ଏଠାରେ ଡାକ ଇନ୍ସପେକ୍ଟରେ କର୍ମ କରିବାରୁ ଅନେକ ଲୋକଙ୍କ ଠାରେ ପରିଚିତ । ଏ ବାବୁ ଅନେକ ଗୁଡ଼ିଏ ବଙ୍ଗଭାଷାରେ ନାଟକ ରଚନା କରି ଆପଣାର ନାମ ରଖି ଯାଇଅଛନ୍ତି । ବଙ୍ଗଳାର ଦୁର୍ଭାଗ୍ୟ ବୋଲିବାକୁ ହେବ ଯେ ଏହି ବର୍ଷ ମଧ୍ୟରେ ଦୁଇଜଣ ସୁଲେଖକଙ୍କୁ ହରାଇ ବସିଲା ।

କେଲ୍‌ନୟୁଜରୁ ଅବଗତ ହେଲୁଁ ଯେ ନବୀନଚନ୍ଦ୍ର ବାନ୍ଦ୍ୟର୍ଜୀଙ୍କୁ କ୍ଷମା ଦେବା ପ୍ରାର୍ଥନାରେ ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ସାକ୍ଷାତକୁ ଏକ ଆବେଦନପତ୍ର ପ୍ରେରିତ ହେବାର ପ୍ରସ୍ତାବ ହେଉଅଛି । ଉକ୍ତ ଦରଖାସ୍ତରେ କଲିକତା, ହୁଗୁଳି ଓ ଅନ୍ୟାନ୍ୟ ଜିଲ୍ଲା ନିବାସୀ ଇଉରୋପୀୟ ଓ ଦେଶୀୟ ପ୍ରାୟ ଛଅ ସହସ୍ର ଲୋକ ସ୍ୱାକ୍ଷର କଲେଣି ଓ ଅଧିକ ଅନେକ ସ୍ୱାକ୍ଷର ସଂଗ୍ରହ ହେବାର ଆଶା ଅଛି ।

ହିନ୍ଦୁପେଟ୍ରିଅଟ ଏମନ୍ତ ଜନରବ ଶୁଣିଅଛନ୍ତି ଯେ ଦୁର୍ଭିକ୍ଷ ସାହାଯ୍ୟ କାର୍ଯ୍ୟର ତତ୍ତ୍ୱାବଧାରଣ କାରଣ ଶ୍ରୀଯୁକ୍ତ ବର୍ଣ୍ଣାର୍ଡ ଓ ଗେଡ୍‌ସ ସାହେବ ଦୁହେଁ ଏକତ୍ରରେ କମିଶନର ନିଯୁକ୍ତ ହେବେ । ଗେଡ୍‌ସ ସାହେବଙ୍କଦ୍ୱାରା ଯେ ଏକାର୍ଯ୍ୟ ଉତ୍ତମରୂପେ ନିର୍ବାହ ହେବ ଏଥିରେ କିଛି ସନ୍ଦେହ ନାହିଁ କାରଣ ସେ ଓଡ଼ିଶାର ଗତ ଦୁର୍ଭିକ୍ଷ ସମୟରେ ଏହି କାର୍ଯ୍ୟ କରିଥିଲେ ମାତ୍ର ଆଉ ଜଣକୁ ତାଙ୍କ ସଙ୍ଗେ କାହିଁକି ଯୋଡ଼ି ଦିଆଯାଉଅଛି ? ଦୁହେଁ ଟଣାଟଣିରେ ନ ପୁଣି ମନ୍ଦ ହୁଅଇ ।

ଅଗ୍ରାକୁ ଦରବାର ଉପଲକ୍ଷରେ ଅନେକ ରାଜା ଓ ସରଦାରମାନେ ଆସିଅଛନ୍ତି ମାତ୍ର ଦରବାର ସ୍ଥଗିତ ହେବାରୁ ସେମାନଙ୍କ ସହିତ ମହାମାନ୍ୟ ଗବର୍ଣ୍ଣର ଜେନେରଲ୍ ସାହେବ କେବଳ ସାକ୍ଷାତ୍ କରିବେ । ଦରବାରର ଧୂମଧାମ କିଛି ହେବ ନାହିଁ ।

ବଙ୍ଗଳାର ଦୁର୍ଭିକ୍ଷରେ ଅଧିକରୁ ଲାଭର ଆଶାରେ ଉତ୍ତରର ଅନେକ ଖାଦ୍ୟୋପଯୋଗୀ ଶସ୍ୟ କଲିକତାକୁ ରପ୍ତାନି ହୋଇଅଛି ଓ ଖାଦ୍ୟଦ୍ରବ୍ୟର ମୂଲ୍ୟ ସର୍ବତ୍ରରେ ବଢ଼ୁଅଛି ।

ଗତମାସ ତା ୧୩ ରବିବାରରେ କଲିକତା ଟାଉନହଲରେ ଏକ ବଡ଼ ସଭା ହୋଇଥିଲା ଓ ତହିଁରେ ଅନେକ ଲୋକ ସମାରୋହ ପୂର୍ବକ ଏକତ୍ରିତ ହୋଇ ଦୁର୍ଭିକ୍ଷରୁ ଲୋକଙ୍କୁ ଉଦ୍ଧାର କରିବା କାରଣ ସୃଷ୍ଟିକର୍ତ୍ତାଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ପ୍ରଟେଷ୍ଟାଣ୍ଟ ଶ୍ରେଣୀର ଖ୍ରୀଷ୍ଟିୟାନଙ୍କ ଉଦ୍ୟମରେ ଏସଭା ହୋଇଥିଲା ।

ବର୍ଦ୍ଧମାନ ଜିଲ୍ଲାର ଜଣେ ସମ୍ଭ୍ରାନ୍ତ ଜମିଦାର ବାବୁ ମଣିନାଥ ସିଂହ ଗଲଗଣ୍ଡରୂପେ ହତ ହୋଇଥିବାର କେଲ୍‌ନୟୁଜରୁ ଅବଗତ ହେଲୁଁ ଏବ୍ୟକ୍ତି ଜଣେ ଭାରି ଲମ୍ପଟ ଥିଲେ ଓ ବଳାତ୍କାର ମହନ୍ତ ପ୍ରାୟ ବଳପୂର୍ବକ ଅନେକ କୁଳବାଳାର ଧର୍ମ ନଷ୍ଟ କରିଥିଲେ । ଗ୍ରାମସ୍ଥ ଲୋକଙ୍କୁ ଏପରି ଦୁଷ୍ଟତ୍ୱ ଅସହ୍ୟ ହେବାରୁ କେତେଗୁଡ଼ିଏ ଗ୍ରାମର ଯୁବାପୁରୁଷ ମନ୍ତ୍ରଣା କରି ଜଣେ ସ୍ତ୍ରୀବେଶ ଧାରଣ କଲା ଓ ଆଉ ଏକଜଣ ବାବୁଙ୍କୁ ସୁନ୍ଦରୀ ସ୍ତ୍ରୀ ଦେଖାଇବା ଛଳରେ ଡାକି ଆଣିଲା । ସଙ୍କେତ ସ୍ଥାନକୁ ବାବୁ ଯେମନ୍ତ ଆସିଲେ ଏକଜଣ ତାହାଙ୍କ ପଛଆଡ଼ୁ ତରବାରି କସିଦେବାରୁ ବାବୁ ପଞ୍ଚତ୍ୱ ପାଇଲେ । ହତ୍ୟାକାରୀମାନେ ସମସ୍ତେ ଧରାପଡ଼ି କାରାଗାରରେ ଅଛନ୍ତି । ମୃତ ଦେହକୁ ଏମାନେ ଦୂର ମାଇଲ ଅନ୍ତରକୁ ନେଇଯାଇ ପୋତି ପକାଇଥିଲେ ।

## NOTICE.

CUTTACK CATHOLIC SCHOOL.

A DRAMATIC PIECE ENTITLED

CHARLES THE XII.

**KING OF SWEDEN.**

will be performed by the pupils of the Cuttack Catholic School on 28th and 29th November.

TICKETS OF ADMITTANCE.

| | | |
|---|---|---|
| First night | Re. 1 | per ticket |
| 2nd ,, | Re. ,, 8 | Do. |

Performance to begin at 6 P. M. precisely. For Tickets, apply to the Head master of the Cuttack Catholic School.

### ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ସୁଦର୍ଶନ ଦାସ | କଟକ | ବକେୟା | ଟ ୬ |
| ,, ଦେବାନନ୍ଦ ବେବେହେର୍ | ,, | ,, | ଟ ୬ |
| ,, ହରମୋହନ ମିତ୍ର | ,, | ଅଗ୍ରିମ | ଟ ୪ |
| ,, ହରେକୃଷ୍ଣ ଦାସ | ,, | ,, | ଟ ୪ |
| ,, ବୃନ୍ଦାବନଚନ୍ଦ୍ର ମଣ୍ଡଳ | , | ବକେୟା | ଟ ୬ |
| ,, ରାମଲାଲ୍ ମୁଖର୍ଯ୍ୟା | , | ,, | ଟ ୩ |
| ,, ସୁଦାମଚନ୍ଦ୍ର ପଟ୍ଟନାୟକ ତେରେଙ୍ଗ | | ଅଗ୍ରିମ | ଟ ୬।୶ |
| ଦେଓ ବାବର ସବ୍‌ଡିଭିଜନ ଖୋର୍ଦ୍ଧାର ମାଷ୍ଟର | | ବକେୟା | ଟ ୭।୶ |
| ବାବୁ ସଦାନନ୍ଦ ମହାନ୍ତି | କଟକ | ,, | ଟ ୬ |
| ,, କୃଷ୍ଣ ମହାନ୍ତି | ,, | ,, | ଟ ୩ |
| ତପୋନିଧି ଜଗନ୍ନାଥ ରଥ ଗୋସାଇଁ | ,, | ,, | ଟ ୬ |
| ଚୌଧୁରୀ ସଚ୍ଚିଦାନନ୍ଦ ଦାସ | ,, | ,, | ଟ ୬ |
| ମୁନସି ଅଳତାଫ ଖାଁ | ,, | ,, | ଟ ୬ |
| ବାବୁ ବଟଧାନନ୍ଦ ଦାସ | ,, | ,, | ଟ ୬ |

☞ ଏହି ଉତ୍କଳଦୀପିକା କଟକ ଦର୍ପଣ ବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୩୮ ଭାଗ } ତା ୨୯ ରିଖ ନବେମ୍ବର ସନ ୧୮୭୯ ମସିହା । ମୂ । ମାର୍ଗଶିର ୧୬ ଦିନ ସନ ୧୨୮୭ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪॥

ସଂଖ୍ୟା ୪୭ } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫

ମଫସଲ ପାଇଁ ଡାକମାସୁଲ ୪।୵

ଅମ୍ଭେମାନେ ଆନନ୍ଦର ସହିତ ଅବଗତ ହେଲୁଁ ଯେ କଟକ ଜିଲାରେ ନୀଳବଡ଼ ପ୍ରସ୍ତୁତ କରିବା ପାଇଁ ଗୋଟିଏ କାରଖାନା ଘର ସ୍ଥାପନ ହୋଇ ଅଛି । ଦୁଇ ତିନିବର୍ଷଠାରୁ ଓଡ଼ିଶା ମଧ୍ୟରେ କେବଳ ମୟୂରଭଞ୍ଜରେ କିଛି କିଛି ନୀଳର ଚାଷ ହୋଇ ଆସୁଅଛି ମାତ୍ର ଏ କାର୍ଯ୍ୟ ବିସ୍ତାର ହୋଇ ନାହିଁ । ସମ୍ପ୍ରତି ନାଲିତଳ ଖାହାଯଧରେ ଏହି ଜିଲାର କେନ୍ଦୁପାଟଣାରେ ନୀଳଚାଷ ଆରମ୍ଭ ହୋଇ ନୀଳବଡ଼ ପ୍ରସ୍ତୁତ ହେଉ ଅଛି ଉକ୍ତସ୍ଥାନ ନିବାସୀ ତେଲଙ୍ଗା ମହାଜନମାନେ ଏ ବ୍ୟବସାୟ ଆରମ୍ଭ କରି ଅଛନ୍ତି ଓ ତହିଁପାଇ ଉପଯୁକ୍ତ ଲୋକ ଆଣାଇ ଯଥା ନିୟମରେ ଏଠାରେ କାରଖାନା ଘର ସ୍ଥାପନ କରି ଅଛନ୍ତି ଏ ବର୍ଷ ଅଳ୍ପ ପରିମାଣରେ ନୀଳ ଉତ୍ପନ୍ନ ହୋଇ ଅଛି କିନ୍ତୁ ଦ୍ରବ୍ୟ କି ପ୍ରକାର ତାହାର ଅଛି ଦେଖି ନାହୁଁ । ଶୁଣିଅଛୁଁ ବଡ଼ ଉତ୍କୃଷ୍ଟ ହୋଇ ନାହିଁ । ଯାହା ହେଉ ଏ ବ୍ୟବସାୟଟି ଲାଭକର ଓ ଯେବେ ଏଥିର ଆରମ୍ଭକର୍ତ୍ତାମାନେ ସଫଳ ହୁଅନ୍ତି ତେବେ ଦେଶର ମଙ୍ଗଳ ହେବ ଅମ୍ଭେମାନେ ଭରସା କରୁଁ ଯେ ପ୍ରଥମରେ ଅସୁବିଧା ହେଲେ ମଧ୍ୟ ଏ ବ୍ୟବସାୟିମାନେ ଏ କଳ୍ପନାକୁ ପରିତ୍ୟାଗ ନ କରନ୍ତୁ ଈଶ୍ୱରଙ୍କ ଇଚ୍ଛାରେ ତାହାଙ୍କର ଶ୍ରମ ସଫଳ ହେବ ।

---

ଗତ ପ୍ରକାଶିତ ଉତ୍କଳହିତୈଷିଣୀ ଅତ୍ୟନ୍ତ ବାଧ୍ୟ ହୋଇ ଅମ୍ଭମାନଙ୍କ ସହିତ ଦୀର୍ଘ ବାକ୍ୟୁଦ୍ଧ କରି ଅଛନ୍ତି କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ଅମ୍ଭମାନଙ୍କର ପ୍ରସ୍ତାବ ଲେଖକଙ୍କୁ ସେ "ଶ୍ବେତବେଶ ସମ୍ପର୍କୀୟ କୌଣସି ବ୍ୟକ୍ତି" ସିଦ୍ଧାନ୍ତ କରି ତହିଁପାଇ ଦର୍ଜୀବଜାର ଫିରିଙ୍ଗିମାନଙ୍କୁ କଟୂକ୍ତି କରୁ ଅଛନ୍ତି । ଦରଜୀବଜାର ଫିରିଙ୍ଗି ପଦଟି ବୋଧ ହୁଏଇ ଅମ୍ଭମାନଙ୍କୁ ପ୍ରଦତ୍ତ ହୋଇ ଅଛି ଓ ଅମ୍ଭେମାନେ ତହିଁପାଇ ଅତ୍ୟନ୍ତ ବାଧିତ ହେଲୁଁ । ମାତ୍ର ଅମ୍ଭମାନଙ୍କ ଲେଖକ ଯେବେ ବାସ୍ତବରେ ଶ୍ବେତ୍‌ବେଶ ସମ୍ପର୍କୀୟ ଲୋକ ଥିବାର ହିତୈଷିଣୀଙ୍କର ବିଶ୍ବାସ ହୋଇ ଥାଏ ତେବେ ସେ ଅବଶ୍ୟ ସବୁ ବ୍ୟାପାର ଆଦ୍ୟୋପାନ୍ତ ସ୍ୱଚକ୍ଷୁରେ ଦେଖିଥିବେ ସୁତରାଂ ତାହାଙ୍କ କଥା ଅନ୍ୟ ଲୋକାପେକ୍ଷା ଅଧିକ ବିଶ୍ବାସ ଯୋଗ୍ୟ ହେବାର ଯୁକ୍ତିଯୁକ୍ତ ଅଟଇ । କଟେଣ୍ଟରେ ଗୋଟିଏ କଥା ହେଲେ ବଜାରରେ ସତର କଥା ହୁଏଇ ଓ ଏକ ଘଟଣାର ନାନାପ୍ରକାର ଅର୍ଥ ଲୋକେ କରନ୍ତି ହିତୈଷିଣୀ ସେ ପ୍ରକାର ଭ୍ରମରେ ପଡିବାର ବିଚିତ୍ର ନୁହଇ ଏପରି ଅମ୍ଭମାନଙ୍କର ମନରେ ଉଦୟ ହେଉ ଅଛି ମାତ୍ର ହିତୈଷିଣୀଙ୍କ ସମ୍ପାଦକ ବ୍ୟାସଦେବ ସ୍ୱରୂପ ତାହାଙ୍କ ସହିତ ଅମ୍ଭମାନଙ୍କ ପ୍ରାୟ ସାମାନ୍ୟ ମାନବଙ୍କର ଦ୍ବନ୍ଦ କଲେ କେବଳ ଅଭିଶାପର ଭାଗୀ ହେବୁଁ ସୁତରାଂ କ୍ଷାନ୍ତ ରହିବାକୁ ହେଲା ।

---

ଅମ୍ଭେମାନେ ଡେଲିନ୍ୟୁଜରେ ପଢି ଆଶ୍ଚର୍ଯ୍ୟ ହେଲୁଁ ଯେ କଲିକତାରେ ଚାଉଳର ଦର ମହଣ ପ୍ରତି ୫ ୬ା ହେଲେହେଁ ବିଦେଶକୁ ରପ୍ତାନି ଅବଧି ଊଣା ହୋଇ ନାହିଁ । ଗଲାମାସ ତା ୨୦ରିଖ ପର୍ଯ୍ୟନ୍ତ କଲିକତାରୁ ମ ୧୯୦୦୦ ହଣ ଇଙ୍ଗଲଣ୍ଡକୁ ମ ୩୩୦୦୦ ହଣ ମରିଚଦ୍ବୀପକୁ ଏବଂ ମ ୩୬୦୦୦ ମହଣ ପଶ୍ଚିମ ଇଣ୍ଡିସ୍‌କୁ ଏରୂପେ ସବୁସୁଦ୍ଧା ମ ୮୮୦୦୦ ହଣ ଚାଉଳ ରପ୍ତାନି ହୋଇ ଅଛି । ଯେଉଁ ସ୍ଥାନରେ ଦୁର୍ଭିକ୍ଷର ସମ୍ପୂର୍ଣ୍ଣ ଆଶଙ୍କା ଓ ଲୋକଙ୍କୁ ପ୍ରତିପାଳନ କରିବା କାରଣ ଗବର୍ଣ୍ଣମେଣ୍ଟ ନାନା ସ୍ଥାନରୁ ଯେଉଁ ସ୍ଥାନକୁ ଖାଦ୍ୟଦ୍ରବ୍ୟ ଆମଦାନି କରୁ ଅଛନ୍ତି ସେଠାରୁ ଯେବେ ମାସକରେ ଲକ୍ଷେ ମହଣ ଚାଉଳ ବାହାରିଯାଏ ତେବେ ଗବର୍ଣ୍ଣମେଣ୍ଟ କିରୂପେ ଦୁର୍ଭିକ୍ଷକୁ ନିବାରଣ କରିବେ ; ବିଶେଷତଃ ଯେ ସବୁ ସ୍ଥାନକୁ ଚାଉଳ ରପ୍ତାନି ହୋଇ ଅଛି କେବଳ ମରିଚଦ୍ବୀପ ଭିନ୍ନ ଅନ୍ୟସବୁରେ ଚାଉଳ ସାଧାରଣ ଖାଦ୍ୟ ନୁହଇ ଅତଏବ ଏ ସମସ୍ତ ସ୍ଥାନକୁ ଚାଉଳ ନ ଯୋଗାଇଲେ କିଛି କ୍ଷତି ଦେଖାଯାଉ ନାହିଁ ଅନ୍ୟାନ୍ୟ ଯେ ପ୍ରୟୋଜନରେ ଚାଉଳ ଏ ସବୁ ସ୍ଥାନରେ ଖର୍ଚ୍ଚ ହୁଏଇ ତହିଁପାଇ ସେମାନେ ଅଧିକାଦର ଦେବାକୁ ମଧ୍ୟ କ୍ଲେଶକର ଜ୍ଞାନ ନ କରିବେ । ସୁତରାଂ ଦର ଉଚ୍ଚ ହେଲେ ମଧ୍ୟ ରପ୍ତାନି ବନ୍ଦ ହେବାର ଆଶା ଦେଖା ଯାଉ ନାହିଁ । ବାଣିଜ୍ୟରେ ହସ୍ତକ୍ଷେପ କରିବା ଗବର୍ଣ୍ଣମେଣ୍ଟଙ୍କର ଉଚିତ ନୁହଇ ସତ୍ୟ କିନ୍ତୁ ବର୍ତ୍ତମାନପରି ଅବସ୍ଥାରେ ତାହା ନ କଲେ ଅନୁମାନ ହୁଏଇ ଏଠା ଲୋକଙ୍କର କଷ୍ଟ

Digitized by srujanika@gmail.com

Split by PDF Splitter



ଅନେକ ପରିମାଣରେ ବୃଦ୍ଧି ହେବ ଅତଏବ ବିଦେଶକୁ ରପ୍ତାନି ନିଷେଧ କରିବା ଆବଶ୍ୟକ ହେଉ ଅଛି ମହାମାନ୍ୟ ଗବର୍ଣ୍ଣର ଜେନରଲ କହି ଅଛନ୍ତି ଯେ ଯେଭଳି ଆବଶ୍ୟକ ଦେଖିଲେ ରପ୍ତାନି ବନ୍ଦ କରିବେ କିନ୍ତୁ ରପ୍ତାନିର ଅବସ୍ଥା ଦେଖି ନିଶ୍ଚୟ ବୋଲଯାଇ ପାରେ ଯେ ସେକାଳ ଉପସ୍ଥିତ ହୋଇ ଅଛି ଆଉ ଭାବିବାର ସମୟ ନାହିଁ ।

---

ଗତ ସପ୍ତାହରେ ଏଠାରେ ପଥକର କମିଟୀର ସଭା ହୋଇଥିଲା । ଏସଭାର କାର୍ଯ୍ୟ ମଧ୍ୟରେ ଗୋଟିଏ କାର୍ଯ୍ୟ ଅତି ହିତକର ଅଟଇ । ସେ କାର୍ଯ୍ୟଟି ଏହି ଯେ ଗ୍ରାମ୍ୟ ରାସ୍ତା ସକାଶେ ୫୨୦୦ ଟଙ୍କା ମଞ୍ଜୁର ହୋଇଅଛି । କିନ୍ତୁ ଏ ପ୍ରଶଂସାର ଭାଗୀ କାମ୍ବେଲ ସାହେବ ଅଟନ୍ତି କାରଣ ସେ ପୁନଃପୁନଃ ଆଦେଶ କରିଅଛନ୍ତି କି ପଥକର ଟଙ୍କା ଯେପରି କେବଳ ସଦର ସଡକରେ ଖର୍ଚ୍ଚ ନ ହୋଇ ସେଥିର ବହୁତ ଅଂଶ ଗ୍ରାମ୍ୟ ରାସ୍ତାରେ ଖର୍ଚ୍ଚ କରିବାର ଆବଶ୍ୟକ ତାହା ହେଲେ ଲୋକଙ୍କର ସୁବିଧା ହେବ ଓ ସେମାନେ ଜାଣିପାରିବେ ଯେ ଯେଉଁ ପଥକର ସେମାନେ ଦେଉଅଛନ୍ତି ତାହା ତାଙ୍କର ଉପକାରାର୍ଥେ ଖର୍ଚ୍ଚ ହେଉଅଛି । ଲେଫଟେନେଣ୍ଟ ଗବର୍ଣ୍ଣର ସାହେବ ଆହୁରି କହନ୍ତି ଯେ ଗ୍ରାମ୍ୟ ରାସ୍ତା କରି ଜମିଦାର କିମ୍ବା ଗ୍ରାମର ପ୍ରଧାନ ଲୋକମାନେ ପ୍ରବୃତ୍ତ ହେବ ଓ ସେମାନେ ମନୋଯୋଗ କଲେ ବାହାରମାନଙ୍କ ଅପେକ୍ଷା ଅଳ୍ପ ଖର୍ଚ୍ଚରେ କର୍ମ ନିର୍ବାହ କରିବେ । ଅମ୍ଭମାନଙ୍କର କଲେକ୍ଟର ବିମ୍ସ ସାହେବଙ୍କର ମତ ମଧ୍ୟ ଏହି ପ୍ରକାର । ସେ ସଭାରେ ବ୍ୟକ୍ତ କଲେ ଯେ ଯେଉଁ ଜମିଦାର ତାଙ୍କଠାରେ ଗ୍ରାମ୍ୟ ରାସ୍ତା ସକାଶେ ଆବେଦନ କରିବେ ସେ ତାହାଙ୍କ ଉପରେ ଭରସା କରି ତାଙ୍କ ହସ୍ତେ ଖର୍ଚ୍ଚ ଓ କର୍ମର ଭାର ସମର୍ପଣ କରିବେ ଓ ସେ ନିଜେ ମଫସଲ ଭ୍ରମଣ ସମୟରେ ଯେଉଁ ୨ ଠାରେ ଗ୍ରାମ୍ୟ ରାସ୍ତା ହେବାର ଆବଶ୍ୟକ ତାହା ସ୍ଥିର କରିବେ ।

ଆଉ ଗୋଟିଏ ସୁଖ ସମ୍ବାଦ କମିଟୀରେ ଶୁଣାଗଲା, ତାହା ଏହି, ଲାଖରାଜଦାରଙ୍କର ପଥକର କାନୁଙ୍ଗୋଙ୍କ ଦ୍ୱାରା ବା ସବଡିଭିଜନରେ ଉସୁଲ ହେବାର ଯେ ଅମ୍ଭେମାନେ ପ୍ରସ୍ତାବ କରିଥିଲୁଁ ଶ୍ରୀଯୁକ୍ତ ବିମ୍ସ ସାହେବ ସେହି ପ୍ରକାର ପ୍ରସ୍ତାବ କରି ବୋର୍ଡକୁ ଚିଠି ଲେଖିଅଛନ୍ତି ଓ ବର୍ତ୍ତମାନର ବଡ଼ ଓ ଅନିଷ୍ଟକାରୀ ନିୟମ ପରିବର୍ତ୍ତିତ ହେବାର ଆଶ୍ୱାସ ପାଉଅଛନ୍ତି । ଏଥି ପାଇଁ ଅମ୍ଭେମାନେ ବିମ୍ସ ସାହେବଙ୍କୁ ଧନ୍ୟବାଦ ଦେଉଅଛୁଁ ।

---

## କୋର୍ଟଫିସ ଆଇନର ନୂତନ ଅର୍ଥ ।

କଟକ କଲେକ୍ଟରୀର ନୂତନ ସିରସ୍ତାଦାର ବାବୁ ଦିବାକର ଦାସ ଗତ ସୋମବାର କାର୍ଯ୍ୟଭାର ଗ୍ରହଣ କରି ୧୦ଟା କାର୍ଯ୍ୟପ୍ରଣାଳୀରେ ଗୋଟିଏ ଦୋଷ ବାହାର କରିଅଛନ୍ତି । ତାହା ଏହି ଯେ ଦାଖଲଖାରଜ ମୋକଦ୍ଦମାର ଦରଖାସ୍ତ ଆଠଅଣିଆ ଷ୍ଟାମ୍ପ କାଗଜରେ ଦାଖଲ ହେଉଥିଲା । ଦିବାକର ବାବୁ ତାହା କୋର୍ଟଫିସ ଆଇନର ବିରୁଦ୍ଧ ଜ୍ଞାନ କରି କଲେକ୍ଟର ସାହେବଙ୍କୁ ଜଣାଇବାରେ ସେ ଆଜ୍ଞା ଦେଇଅଛନ୍ତି କି ଉକ୍ତ ଆଇନର ଦ୍ୱିତୀୟ ତଫସିଲ ଅନୁଯାୟୀ ଜମିଦାରୀ ଦାଖଲଖାରଜର ଦରଖାସ୍ତ ଦଶଟଙ୍କିଆ ଷ୍ଟାମ୍ପରେ ହେବ । ଲୋକେ ଏ ଆଜ୍ଞା ଶୁଣି ଚମକି ହୋଇଅଛନ୍ତି କାରଣ ସାଧାରଣ ବିବେଚନାରେ ଦେଖାଯାଏ ଯେ ସାମାନ୍ୟ ଜମିଦାରୀ ସକାଶେ ଏତେ ଅଧିକ ଖର୍ଚ୍ଚ ପଡ଼ିବ । କିନ୍ତୁ ସେ ଚିନ୍ତା କରିବା ଅମ୍ଭମାନଙ୍କର ଆବଶ୍ୟକ ନାହିଁ ଆଇନକର୍ତ୍ତାମାନେ ଯେବେ ଭୁଲ କରିଥାନ୍ତି ତହିଁପାଇଁ କର୍ମଚାରୀଙ୍କର ଦୋଷ ନାହିଁ ତାହାଙ୍କୁ ଆଇନ ବୁଝି କର୍ମ କରିବାର ଅଛି । ଏଥିରୁ ଅମ୍ଭେମାନେ ଶୁଣିଅଛୁଁ ଯେ ଶ୍ରୀଯୁକ୍ତ ମାକଫର୍ସନ ସାହେବ ଏଠାରେ କଲେକ୍ଟର ଥିଲାବେଳେ ଏହିକଥା ତାହାଙ୍କ ସମ୍ମୁଖରେ ପୂର୍ବ ସିରସ୍ତାଦାର ଦରପେଶ କରିବାରେ ସେ କହିଥିଲେ ଯେ ଉକ୍ତ ନିୟମ ଅଦାଲତପକ୍ଷରେ ଅଟଇ ରେଭିନ୍ୟୁ ମହକୁମାର କାର୍ଯ୍ୟପ୍ରତି ନୁହେ । ବର୍ତ୍ତମାନ ବିମ୍ସ ସାହେବ ତହିଁର ବିପରୀତ ବୁଝିଅଛନ୍ତି ଏଥିମଧ୍ୟରେ କାହାର ବୁଝିବା ଠିକ । ଶ୍ରୀଯୁକ୍ତ ବିମ୍ସ ସାହେବ ଏଠାକୁ ଆସିଲାଦିନୁ ଏହିକଥା ଶୁଣାଯାଏ ଯେ କଟକର କାର୍ଯ୍ୟସବୁ ଭୁଲ ଓ ବୁଝିବାର ଅଙ୍କୁର ବାଲେଶ୍ୱରରେ ରହିଅଛି ସେହି ହେତୁ ବିମ୍ସ ସାହେବ ଏଠାକୁ ଆସି ଆପଣାର ପ୍ରଧାନ କର୍ମଚାରୀମାନଙ୍କୁ ବାଲେଶ୍ୱରରୁ ଆଣାଇ ଅଛନ୍ତି । ମାତ୍ର ଦୁର୍ଭାଗ୍ୟବଶତଃ ଅମ୍ଭମାନଙ୍କର ମତ ସେରୂପ ନୁହଇ । ଅମ୍ଭେମାନେ ବିଶ୍ୱାସ କରୁଁ ଯେ ବାଲେଶ୍ୱରୀ ବୁଦ୍ଧି କଟକକୁ ଲାଗଇ ନାହିଁ ଓ ତହିଁର ଅନେକ ପ୍ରମାଣ ସୁଦ୍ଧା ଦେଇପାରୁଁ । ବର୍ତ୍ତମାନ ପ୍ରସଙ୍ଗରେ ଅମ୍ଭେମାନେ କହୁଁ ଯେ କୋର୍ଟଫିସ ଆଇନର ଯେଉଁ ଭାଗ ଦେଖି ଏ ନିୟମ ହୋଇଅଛି ତହିଁରେ ଅରଜି କିମ୍ବା ଅର୍ଜିକର ହେତୁବାଦ ଗଦ ଲେଖାଅଛି । ଦାଖଲଖାରଜର ନିୟମ ସନ ୧୮୦୦ ମସିହାର ୫ ୮ ଆଇନର ଧା ୧୯ ରୁ ପ୍ରାପ୍ତ ସ୍ପଷ୍ଟ ଓ ତାହା କେବଳ ସରକାରୀ ରେଜିଷ୍ଟ୍ରୀମାନ ଠିକ ରଖିବା ସକାଶେ ହୋଇଅଛି । ଅତେବ ତାହାକୁ ମୋକଦ୍ଦମା ବୋଲିବା ଭ୍ରମ ଅଟଇ ତହିଁର ଦରଖାସ୍ତକୁ ଉପର ଅରଜି ବୋଲିଯିବ ଯେ ତହିଁପାଇଁ ଦଶଟଙ୍କାର ଷ୍ଟାମ୍ପ ଲଗିବ । ଦାଖଲଖାରଜ ଦରଖାସ୍ତ କେବଳ କଲେକ୍ଟରଙ୍କ ହସ୍ତାନ୍ତରର ସମ୍ବାଦ ଦେବା ମାତ୍ର ଏହାକୁ ଯେବେ ଅରଜି ବୋଲଯାଏ ତେବେ ଦରଖାସ୍ତ ମାତ୍ରକୁ ଅରଜି ବୋଲାଯାଇ ପାରେ । ଏକପକ୍ଷରେ ବୁଝିଲେ ଯେସ୍ଥଳେ ଦାଖଲଖାରଜର ସମ୍ବାଦ ନ ଦେଲେ ଜରିମାନା ଦଣ୍ଡନୀୟ ଅଟଇ ସେସ୍ଥଳେ ତହିଁପାଇଁ ଅତେବ ଷ୍ଟାମ୍ପ ନେବା ଭୁଲ ଅଟଇ କାରଣ ତାହା ଲୋକଙ୍କର ବଡ ପ୍ରୟୋଜନ ନୁହଇ ମାତ୍ର ସରକାରଙ୍କର ପ୍ରୟୋଜନ । ଅତଏବ ଅମ୍ଭମାନଙ୍କ ବିବେଚନାରେ ଏଆଜ୍ଞା ବିଷୟରେ ଅପିଲ ହେବାର ଆବଶ୍ୟକ ତାହା ହେଲେ ସମ୍ଭବ ହୁଅଇ ଯେ କମିଶନର କିମ୍ବା ବୋର୍ଡରେଭିନ୍ୟୁ ଏ ଆଜ୍ଞାକୁ ରହିତ କରିବେ । ଯେବେ ରହିତ ନ ହୁଅଇ ତେବେ ବାଲେଶ୍ୱରୀ ବୁଦ୍ଧିକୁ ବଡ କରି ଦେଖିବାକୁ ହେବ ମାତ୍ର ସେପର୍ଯ୍ୟନ୍ତ ଅମ୍ଭେମାନେ ଏହାକୁ ଭୁଲ କହିବାକୁ ବାଧ୍ୟ ହେଲୁ ।

---

## ପୁରୀ ।

ଅମ୍ଭମାନଙ୍କ ସମ୍ବାଦଦାତା ଉଲ୍ଲିଖିତ ବିଷୟମାନ ଲେଖିଅଛନ୍ତି ଯଥା ।

୧ ସତ୍ୟବାଦୀଠାରୁ । ପ୍ର । ଶ୍ରୀଦା । ମୌ । ଶ୍ରୀଚନ୍ଦ୍ରପୁରକୁ ଯିବା ବାଟରେ ବାଙ୍କଭୁଠ ନାମକ ନଦୀ ଅଛି ତହିଁରେ ପାର ହେବାର ଉତ୍ତମ ନୌକାଦି ନ ଥିବାରୁ ଅନେକ ଅନିଷ୍ଟ ଘଟୁଅଛି । ଗତ ଅକ୍ଟୋବର ମାସ ତୋଫାନରେ ଏକ ନୌକା ବୁଡିବାରୁ ୨ ଜଣ ମନୁଷ୍ୟ ପ୍ରାଣରେ ମରିଯାଇଥିଲେ । ଜିଲ୍ଲା ହାକିମମାନେ ଏନଦୀ ପାର ଉତ୍ତାର ପକ୍ଷରେ ଭଲ ବନ୍ଦୋବସ୍ତ କରି ଦେଲେ ଅନେକ ମଙ୍ଗଳ ହେବ ।

୨ ଲକ୍ଷ୍ମୀଦାସ ପୁଷ୍କରିଣୀ ମରାମତି ବିଷୟରେ ପୂର୍ବେ ଯାହା ପତ୍ରିକାରେ ପ୍ରକାଶ ହୋଇଥିଲା ସ୍ଥାନୀୟ ସୁଯୋଗ୍ୟ ମାଜିଷ୍ଟ୍ରେଟ ଥମ୍ପସନ ସା-

Digitized by srujanika@gmail.com

Split by PDF Splitter



ହେବାକୁ ତାହା ଗୋଚର ହେବାରୁ ସ୍ଵଳା ଅବାଧ କର ମରାମତ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଦୃଢ଼ଚିତ୍ତ ହୋଇଅଛନ୍ତି ଓ ମଧ୍ୟ ବାବୁ ଶିବପ୍ରସାଦ ସିଂହ ଏନଗରଙ୍କ ବଦଳି ହୋଇ ଆସିଅଛନ୍ତି ଏ ମହାଶୟଙ୍କଠାରୁ ମାଜିଷ୍ଟ୍ରେଟ ସାହେବ ପୁରୀନଗର ଉନ୍ନତିସାଧନପକ୍ଷରେ ଅନେକ ସାହାଯ୍ୟ ପାଇବେ ।

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସେବାର ପୂର୍ବ ସ୍ଥିତିରୁ ବିପରୀତ ହେବାର ଦେଖାଯାଏ ଓ ମନ୍ଦିରର କେତେକ ଦେଉଳ ଓ ପାଚେରି ପ୍ରଭୃତିରେ ବୃହଦାକାର ବୃକ୍ଷମାନ ହୋଇ ଅତ୍ୟନ୍ତ ଅପରିଷ୍କାର ଅବସ୍ଥାରେ ଅଛି ମନ୍ଦିରର ସୁପ୍ରିଣ୍ଟେଣ୍ଡେଣ୍ଟ ପର୍ଦ୍ଦାନସିନ ସ୍ତ୍ରୀ ଓ କୌଣସି ଉପଯୁକ୍ତ ମ୍ୟାନେଜର କିମ୍ବା ତତ୍କର୍ମଦକ୍ଷ ନିଯୁକ୍ତ ନ କରିବାରୁ ଏସବୁ ଦୁର୍ଘଟନା ହେଉଅଛି । ପୁରୀର ମହାରାଜା ନାବାଳଗ ଓ ପୁରୁଣା ମ୍ୟାନେଜରଙ୍କଦ୍ୱାରା ବେଷ୍ଟିତ ସୁତରାଂ ତାହାଙ୍କଦ୍ୱାରା କିଛି କାର୍ଯ୍ୟ ହେଉ ନାହିଁ । ମୁଗଲବନ୍ଦୀ ଏଲାକାର ଜଣେ ଉପଯୁକ୍ତ ତତ୍କର୍ମଦକ୍ଷ ଯେବେ ସେ ନିଯୋଗ କରନ୍ତି ତେବେ ସବୁକାର୍ଯ୍ୟ ଶୃଙ୍ଖଳାରେ ଚଳନ୍ତା ।

* ମାର୍କଣ୍ଡ ପୁଷ୍କରିଣୀର ଅବସ୍ଥା ମଧ୍ୟ ଅତି ମନ୍ଦ ହୋଇଅଛି ଓ ଏହାର ଜଳ ଏମନ୍ତ ଅପରିଷ୍କାର ଓ ଦୁର୍ଗନ୍ଧ ହୋଇଅଛି ଯେ ଏଥିରେ ସ୍ନାନ କରିବାକୁ ଘୃଣା ବୋଧ ହୁଅଇ । ପୂର୍ବେ ବର୍ଦ୍ଧମାନର ମହାରାଜା ଥରେ ଏ ପୁଷ୍କରିଣୀକୁ ମରାମତ କରିଥିଲେ ବର୍ତ୍ତମାନ ଏହାକୁ ପରିଷ୍କାର କରିବାର ଦୂରେ ଥାଉ ଅପର କେହି ଧନୀବ୍ୟକ୍ତି ତାହା କରିବାକୁ ପ୍ରବୃତ୍ତ ହେଲେ ଇହିଁରେ ତାହାଙ୍କ ମୁକ୍ତାର ବାଧା ଦେଉଅଛନ୍ତି ।

* ଏ ପୁରୀସହରସ୍ଥିତ ଗୁଣ୍ଡିଚାମନ୍ଦିରକୁ ବନ୍ଦର ବାଲେଶ୍ୱର ନିବାସୀ ସୁବିଖ୍ୟାତ ଓ ଧର୍ମିଷ୍ଠ ଜମୀଦାର ବାବୁ ଶ୍ୟାମାନନ୍ଦ ଦେ ବହୁଟଙ୍କା ବ୍ୟୟରେ ପରିଷ୍କାର କରାଇଅଛନ୍ତି ବର୍ତ୍ତମାନ ସେ ମନ୍ଦିର ଚତୁଃପାର୍ଶ୍ୱ ବେଢ଼ା ମଧ୍ୟରେ ଓ ପାଚେରି ଉପରେ ଲମ୍ବକାଠ ଜଙ୍ଗଲ ହୋଇଅଛି ଗୃହସମସ୍ତ ଉକ୍ତ ବେଢାମଧ୍ୟରୁ ଯିବାର ଚତୁଃସାଧ ଯଦି ବାବୁ ପ୍ରଶଂସିତ ପୁନର୍ବାର ପୂର୍ବ ସୂଚିତ ପ୍ରକାଶରେ ଉକ୍ତ ଜଙ୍ଗଲକୁ ପରିଷ୍କାର କରନ୍ତି ତେବେ ତାଙ୍କର ସୁକୀର୍ତ୍ତି ଓ ମଧ୍ୟ ହିନ୍ଦୁଧର୍ମର ସ୍ଥାନ ଯାବତ୍ ଚନ୍ଦ୍ରାର୍କେ ଜାଗ୍ରତ ରହିବାର ସମ୍ଭାବନା ।

୬ ଶ୍ରୀଜଗନ୍ନାଥ ସଡ଼କରୁ ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଛାମୁକୁ ଯିବା ସଡ଼କ ସମ୍ବନ୍ଧେ ବୈକୁଣ୍ଠଗାମୀ ବାବୁ ପଦ୍ମଲୋଚନ ମଣ୍ଡଳ ଟ ୭୦୦ ଦାନ କରିଥିଲେ କିନ୍ତୁ ଉକ୍ତ ଟଙ୍କା ଜଙ୍ଗଲ କଟା ଓ ସଡ଼କର ନୂତନ ଅର୍ଥାତ୍ ଚଡ଼ କରିବାରେ ଅନଟନ ହୋଇଅଛି ଅତଏବ ସେ ସଡ଼କ ନ ଥିବାରୁ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଦର୍ଶନାର୍ଥୀ ବିଦେଶୀ ଓ ସ୍ୱଦେଶୀ ଯାତ୍ରୀମାନଙ୍କର ବହୁ କ୍ଲେଶ ଓ ଦୁଃଖ ଜାତ ହେଉଅଛି ଏବିଷୟରେ ଯଦି ଏହଲର ମହାମାନ୍ୟ କମିଶ୍ନର ଓ ମେକଞ୍ଜି ସାହେବ ଦୃଷ୍ଟିପାତ କରି ଶ୍ରଦ୍ଧା ନତୁବା ସରକାର ବ୍ୟୟରେ ଉକ୍ତ ସଡ଼କ ନିର୍ମାଣ କରନ୍ତି ତେବେ ଅନାୟାସରେ ସମସ୍ତଙ୍କର ଦୁଃଖ ମୋଚନ ହୋଇପାରେ ସନ୍ଦେହ ନାହିଁ ।

---

## ଅବକାରୀ ଶୁଳ୍କ ।

୧୮୭୬।୭୭ ବର୍ଷ ବାବତ୍ ବଙ୍ଗଳାର ଅବକାରୀ ଶୁଳ୍କ ସମ୍ପର୍କୀୟ ବୋର୍ଡ ରେବନ୍ୟୁଙ୍କ ରିପୋର୍ଟରେ ମାନ୍ୟବର ଲେଫ୍‌ଟନାଣ୍ଟ ଗବର୍ଣ୍ଣର ଯେଉଁ ମତ ପ୍ରକାଶ କରିଅଛନ୍ତି ତାହା କଲିକତା ଗେଜେଟରେ ପ୍ରକାଶ ହୋଇଅଛି । ଅମ୍ଭେମାନେ ତହିଁରୁ ଅବଗତ ହେଲୁଁ ଯେ ଗତବର୍ଷ ୬୫ ଲକ୍ଷ ଟଙ୍କା ଶୁଳ୍କ ମିଳିଥିଲା ଏ ବର୍ଷ ୬୯ ଲକ୍ଷ ଟଙ୍କା ମିଳିଅଛି ଅର୍ଥାତ୍ ଏ ବର୍ଷ ପ୍ରାୟ ୪୧ ଲକ୍ଷ ଟଙ୍କା ଗବର୍ଣ୍ଣମେଣ୍ଟଙ୍କର ଆୟ ବଢ଼ିଅଛି । ପ୍ରାୟ ସବୁ ପ୍ରକାର ମାଦକ ଦ୍ରବ୍ୟରେ ଆୟ ବୃଦ୍ଧି ହୋଇଅଛି କିନ୍ତୁ ତହିଁ ମଧ୍ୟରେ ଦେଶୀ ମଦ ଓ ଅଫିମରେ ଅଧିକ ଲାଭ ଦେଖାଯାଏ । ଲେଫ୍‌ଟନାଣ୍ଟ ଗବର୍ଣ୍ଣର ସାହେବ ସନ୍ତୋଷ ହୋଇ ବ୍ୟକ୍ତ କରିଅଛନ୍ତି ଯେ ମାଦକଦ୍ରବ୍ୟ ଖର୍ଚ୍ଚର ପରିମାଣ ବୃଦ୍ଧି ନ ହୋଇ ଉପରଲିଖିତ ଲାଭ ହୋଇଅଛି । ଏମନ୍ତ ଫଳ ଆନନ୍ଦର ବିଷୟ ଅଟଇ ସତ୍ୟ ଓ ଅମ୍ଭମାନଙ୍କ ବିବେଚନାରେ ସମ୍ଭବର ମାସୁଲ ବୃଦ୍ଧିଦ୍ୱାରା ଏ ଫଳ ହୋଇଅଛି ନୋହିଲେ ପଟ୍ଟା ଫିସ ବୃଦ୍ଧି ହେବାର ଯେଉଁ ଫଳ ଗବର୍ଣ୍ଣମେଣ୍ଟ ଅନୁମାନ କରିଅଛନ୍ତି ତାହା ଭୁଲ ଅଟଇ । ଏହି କଟକ ନଗରରେ ପୂର୍ବେ ପ୍ରତି ଦୋକାନ ପାଞ୍ଚ ମାସକୁ ଦୁଇଟଙ୍କା ଲେଖାଏ ପଟ୍ଟା ଫିସ ଥିଲା ବର୍ତ୍ତମାନ ଏକ ଦୋକାନର ପଟ୍ଟା ଫିସ ମାସକୁ ଅତିଟଙ୍କା କିମ୍ବା ଏକଶତ ଟଙ୍କା ହୋଇଅଛି ଏଥିପେ ଶତକଡ଼ା ପଚାଶ ଗୁଣ ଫିସ ବଢ଼ିଲା ସତ୍ୟ ମାତ୍ର ଖର୍ଚ୍ଚ କି ବିଶେଷ ଊଣା ହେଲା ? ତାହା ନୁହଇ ବରଂ ପୂର୍ବଠାରୁ ବହୁତ ବଢ଼ିଅଛି କାରଣ ପୂର୍ବେ ଏକବୋତଲ ମଦକୁ ଅଠଅଣା ଥିଲା ବର୍ତ୍ତମାନ ଛଅଣା ହୋଇଅଛି ଦୋକାନର ଜମା ଅଧିକ ହେବାରୁ ବଣିକମାନେ ଖାଦକ ସକାଶେ ଧରାଧରି ହୋଇ ଦର ଊଣା କରିଅଛନ୍ତି ଓ ପାନ ଦୋଷ ଊଣା କରି ମାସୁଲ ନେବାର ଗବର୍ଣ୍ଣମେଣ୍ଟ ଯାହା ଆଶା କରିଥିଲେ ତାହା ବିଫଳ ହୋଇଅଛି । ମାନ୍ୟବର କାମ୍ବେଲ ସାହେବ ଯେବେ ପଟ୍ଟାଫିସ ନ ବଢ଼ାଇ ଦ୍ରବ୍ୟ ଉପରେ ମାସୁଲ ବଢ଼ାଇଥାନ୍ତେ ତେବେ ସରକାରଙ୍କର କ୍ଷତି ନ ହୋଇ ଅବଶ୍ୟ ମଦ୍ୟ ପାନ ଊଣା ହୁଅନ୍ତା । ପଟ୍ଟା ଫିସ ବୃଦ୍ଧି କରିବାରେ ସରକାରଙ୍କୁ କିଛି ଅଧିକ ଟଙ୍କା ମିଳିଲା ସତ୍ୟ କିନ୍ତୁ ତହିଁରେ ଦୋକାନିର ସଙ୍କୋଚ ଓ ମଦ୍ୟପ୍ରିୟଙ୍କର ସଂଖ୍ୟା ଅଧିକ ହେଲା । ବର୍ତ୍ତମାନ ଗାଲନ ପ୍ରତି ଏକଟଙ୍କା ମାସୁଲ ଅଛି ଯେବେ ଦୁଇଟଙ୍କା ହେବ ତେବେ ମଦର ମୂଲ୍ୟ ଅବଶ୍ୟ ବଢ଼ିବ ସୁତରାଂ ଖର୍ଚ୍ଚ ଊଣା ହେବ । ପଟ୍ଟା ଫିସରେ ଲବ୍ଧି ଅତି ସାମାନ୍ୟ କିନ୍ତୁ ବନ୍ଦୀ କରିବାର ଆବଶ୍ୟକତା ଅତ୍ୟନ୍ତ ଅଧିକ ଅତଏବ ଏଥିରେ ଗବର୍ଣ୍ଣମେଣ୍ଟଙ୍କ ଉଦ୍ଦେଶ୍ୟ ସାଧନ ନ ହୋଇ କେବଳ ପାନ ଦୋଷଟି ଅଧିକ ବଢ଼ିବ ଓ ବଢ଼ୁଅଛି । ଅମ୍ଭେମାନେ ଭରସା କରୁଁ ଗବର୍ଣ୍ଣମେଣ୍ଟ ପଟ୍ଟା ଫିସ ବୃଦ୍ଧିର କଳ୍ପନାକୁ ପରିତ୍ୟାଗ କରି ମାସୁଲ ବଢ଼ାଇବାକୁ ପ୍ରବୃତ୍ତ ହେବେ ଏଠାରେ ପୁରୁଣାଶୀଳକୁ ଘୃଣା କଲେ ଚଳିବ ନାହିଁ ।

ଅଫିମ ସମ୍ପର୍କରେ ଗବର୍ଣ୍ଣମେଣ୍ଟ ଦୁଃଖିତ ହୋଇ କହିଲେ ଯେ ଏ ଦ୍ରବ୍ୟର ଖର୍ଚ୍ଚ ବଢ଼ିଅଛି ମାତ୍ର ସେ କହିଲେ ଯେ ଅଧିକାଂଶ ବୃଦ୍ଧି ସେହି ସବୁ ସ୍ଥଳରେ ଦେଖାଯାଏ କି ଯେଉଁଠାରେ ଚୀନଦେଶୀୟ କିମ୍ବା ସେହି ପ୍ରକାର ଲୋକ ଅଧିକ ଅଛନ୍ତି । ଏକା ବାଲେଶ୍ୱର ଏଥିରୁ ବର୍ଜିତ ଅଟଇ ସେଠାରେ ବର୍ଷକୁ ବର୍ଷ ଅଫିମର ଖର୍ଚ୍ଚ ବଢ଼ୁଅଛି କିନ୍ତୁ ତହିଁର କିଛି କାରଣ ପାଇ ଯାଉ ନାହିଁ । କଟକ ଓ ମେଦିନୀପୁର ଜିଲାମାନଙ୍କରେ ମଧ୍ୟ ଏ ଦ୍ରବ୍ୟର ଖର୍ଚ୍ଚ ବଢ଼ିଅଛି ଓ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଅନୁମାନ କରନ୍ତି କି ଅନେକ ଯାତ୍ରୀ ଏ ବାଟେ ଯାତାୟାତ କରିବାରୁ ଏରୂପ ହୁଅଇ । ଅମ୍ଭମାନଙ୍କ ବିବେଚନାରେ ଯାତ୍ରିମାନେ ଏ ଖର୍ଚ୍ଚ ପାଇଁ ଦାୟୀ ନୁହନ୍ତି ଏ ଦୋଷଟି ଜିଲା ଲୋକଙ୍କର ଅଟଇ ମାତ୍ର କାହିଁକି ବର୍ଷକୁ ବର୍ଷ ଏହି ଦୋଷଟି ବୃଦ୍ଧି ହେଉଅଛି ତହିଁର କାରଣ କିଛି ସ୍ପଷ୍ଟ କରି

Digitized by srujanika@gmail.com

Split by PDF Splitter



କହି ନ ପାରୁଁ କିନ୍ତୁ ବୃଦ୍ଧି ଯେ ହେଉଅଛି ଏଥିରେ ସନ୍ଦେହ ନାହିଁ । ବାଲେଶ୍ୱରରେ ଅଫିମ ଖର୍ଚ୍ଚ ବୃଦ୍ଧି ହେବାର ଗୋଟିଏ କାରଣ ଏହ କଥିତ ହୁଅଇ ଯେ ସେଠା ଲୋକଙ୍କର ବିଶ୍ୱାସ ଯେ ଅଫିମ ସେବା ନ କଲେ ଶରୀର ଭଲ ରହଇ ନାହିଁ ଏହି ହେତୁରୁ ଶିଶୁପିଲାମାନଙ୍କୁ ସୁଦ୍ଧା ତାହାଙ୍କ ପିତା ମାତା ଅଫିମ ଖୁଆନ୍ତି ଓ ସୁତରାଂ ବିଦେଶୀୟ ଲୋକ ସେହି ଅନୁମାନରେ ସେଠାରେ ଅଫିମଖାଉଥିବେ ତଟକଟକର ନିର୍ଦ୍ଦି ଅଧିକାଂଶ ଗତବର୍ଷଠାରେ ଦେଖାଯାଏ ଯେ ସବୁ ସ୍ଥାନରେ ପୂର୍ବେ ବେଶ ଅଫିମ ମଧ୍ୟପ୍ରଦେଶ ବାଟେ ଆସି ବିକ୍ରୟ ହେଉଥିଲା ବର୍ତ୍ତମାନ କଟକରୁ ଅଫିମ ନେଇ ପସାରୀମାନେ ବିକ୍ରୟ କରୁଅଛନ୍ତି । ସମ୍ବଲପୁରରେ ଅଫିମର ମୂଲ୍ୟ ଅତିଶୟ ଅଧିକ ଏଣୁ କଟକ ଗଡ଼ଜାତ ବାଟେ ଯେବେ ସେଠା ଖର୍ଚ୍ଚ ପାଇଁ ଅଫିମ ଯାଉଥିବ ତାହା ମଧ୍ୟ ଆଶ୍ଚର୍ଯ୍ୟ ନୁହଇ । ଏତଦ୍ଭିନ୍ନ ଓଡ଼ିଶାର ସବୁ ଜିଲାରେ ମଦଖୋରଙ୍କର ସଂଖ୍ୟା ବଢ଼ୁଅଛି ଓ କାହିଁକି ଏରୂପ ହୋଇଅଛି ଉହିଁର କାରଣ ନିର୍ଣ୍ଣୟ କରି କହି ନ ପାରୁ ।

---

# ସାପ୍ତାହିକସଂବାଦ ।

ଗତ ଶୁକ୍ରବାର ଶ୍ରୀଯୁକ୍ତ ଜଜ ସାହେବଙ୍କ କଚେରୀରେ ମୋଇଶନ ଅଭ ଓ ତାହା ବର୍ଣ୍ଣିତ ଶାସ୍ତି ପାଇଅଛନ୍ତି ଏମାନେ ଏକ ଗେଟ୍ ଲୁଣ ମୋକଦ୍ଦମାରେ କଠିନ ଦଣ୍ଡ ପାଇଥିଲେ ମାତ୍ର ଅପିଲରେ ତାହା ରହିଲା ନାହିଁ ।

କଟକରେ ଚାଉଳର ମୂଲ୍ୟ ଅତ୍ୟନ୍ତ ବଢ଼ିବାରୁ ଶ୍ରୀଯୁକ୍ତ ବିମ୍ସ ସାହେବ ସହରରୁ ଅସିବା ସଡ଼କ ସବୁରେ ମୋହରିର ଓ କନେଷ୍ଟବଲ ରଖାଇ ସବୁ ବେପାରିଙ୍କୁ ସହର ମଧ୍ୟକୁ ପଠାଇ ଦେଉଅଛନ୍ତି ଓ ସ୍ଥାନାନ୍ତରକୁ ପଠାଇବା ମହାଜନଙ୍କୁ କିଣିବାକୁ ଦେଉ ନାହାନ୍ତି ଏ ଉପାୟ ଦ୍ୱାରା ଦୁଇଦିନ ହେଲା ସହରରେ ଚାଉଳ କିଛି ଶସ୍ତା ହୋଇଅଛି । ମାତ୍ର କେତେକାଳ ଏପରି ଚଳିବ କହିଯାଇ ନ ପାରେ ।

ଆଗାମୀ ସୋମବାର ବାଲେଶ୍ୱରରେ ସେସନ ଆରମ୍ଭ ହେବ ସେଥିପାଇଁ ଶ୍ରୀଯୁକ୍ତ ଜଜସାହେବ ଗତ କାଲି ଏଠାରୁ ପ୍ରସ୍ଥାନ କଲେ ।

ବାଲେଶ୍ୱର ଜିଲ୍ଲା ସ୍କୁଲର ଅଧ୍ୟାପକ ପରିବର୍ତ୍ତନ ହେବାରୁ ବର୍ତ୍ତମାନ ସମ୍ପାଦକାହିଙ୍କ ମୂଲ୍ୟାଙ୍କନ ସ୍ଥଗିତ ଅଛି । ଏଥି ଗୋଟିଏ ନୂତନ ଯନ୍ତ୍ରାଳୟ ସେଠାରେ ବସିବ ଓ ଉହିଁର ଆବଶ୍ୟକୀୟ ଦ୍ରବ୍ୟମାନ କଲିକତାରୁ ଆସୁଅଛି । ଏ ଯନ୍ତ୍ରାଳୟର କାର୍ଯ୍ୟାରମ୍ଭ ହେଲାଠାରୁ ପତ୍ରିକା ବାହାରିବ ଏମନ୍ତ ଅବସ୍ଥାରେ ଓଡ଼ିଶାର ଉନ୍ନତି କେବେ ହେବ ?

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ପାରଳାଖେମଣ୍ଡି ନିବାସୀ କବିଚନ୍ଦ୍ର ରଘୁନାଥ ପରୀକ୍ଷା ମାନବଲୀଳା ସମ୍ବରଣ କରିଅଛନ୍ତି । ଏହାଙ୍କ ମୃତ୍ୟୁରେ ଓଡ଼ିଶା ଜଣେ ଯଥାର୍ଥ କବି ହରାଇ ଅଛି । ରଘୁନାଥ ପରୀକ୍ଷା ଏକଥରକୁ ଆସିଥିଲେ ଓ ତାହାଙ୍କ ଅସାଧାରଣ ଗୁଣର ସମସ୍ତେ ଅବଗତ ଅଛନ୍ତି ବର୍ତ୍ତମାନ ତାହାଙ୍କର ଶୋକ ସମ୍ବାଦ ଶୁଣି ସମସ୍ତେ ଦୁଃଖିତ ହେବେ ସନ୍ଦେହ ନାହିଁ ।

ଆଏରଲଣ୍ଡର ଗାଲୱେ ନାମକ ଜିଲାରେ ଗୋଟିଏ ଆଶ୍ଚର୍ଯ୍ୟ ଘଟନା ହୋଇଅଛି । କେତେକ ଜଣ କୃଷକ ଯେ ସମୟରେ ଶସ୍ୟ କାଟିବାରେ ନିଯୁକ୍ତ ଥିଲେ ସେମାନେ ଆଶ୍ଚର୍ଯ୍ୟର ସହିତ ଦେଖିଲେ ଯେ ନିକଟବର୍ତ୍ତୀ ଦଳଦଳର ଏକ ଅଂଶ ସେମାନଙ୍କ ନିକଟକୁ ଅତି ବେଗରେ ମାଡ଼ି ଆସୁଅଛି । ଅଳ୍ପକ୍ଷଣ ମଧ୍ୟରେ କଟା ଓ ଅକଟା ଫସଲ ସବୁ ଜଳମଗ୍ନ ହେଲା ଓ ସେମାନେ ଅତିକଷ୍ଟରେ ପଶୁ ସବୁକୁ ନେଇ ପଳାଇଲେ । ତିନି ଦିନ ପର୍ଯ୍ୟନ୍ତ ଏହିରୂପେ ତାହା ଦଳଦାର ଚାଲିଥିଲା ଓ ପ୍ରାୟ ମା ୩୦୦ ଏ ଭଲ ଜମିକୁ ପାଙ୍କର ପଙ୍କରେ ବୁଡ଼ାଇ ଦେଲା ଦୁର୍ଘଟା ପରେ ଏଥିରେ ଗୋ ନଷ୍ଟ ହେଲା କିନ୍ତୁ ତାହାର ଉଦ୍ଦେଶ ଜାଣ ହୋଇ ନାହିଁ । ବୋଧ ଏ ଘଟନାର ସନ୍ତୋଷଜନକ କାରଣ ଦେଇ ଥାରୁ ନାହାନ୍ତି କିନ୍ତୁ ଏମନ୍ତ ଅନୁମାନ ହୁଅଇ ଯେ ଭର୍ଷା ବୃଷ୍ଟି ହେବାରୁ ପଙ୍କ ତଳେ ଅନେକ ଜଳ ଜମା ହୋଇଥିଲା ସେ ସବୁ ଫାଟି ଉଠିବାରୁ ଉପରସ୍ଥ ସ୍ତର ଭୂମିରୁ ଖସିଗଲା ।

ଇଂରାଜମାନେ ବୁଝିଅଛନ୍ତି ଯେ ବିଲାତରେ ସାକ୍ଷ୍ୟ ଦେବା ପାଇଁ ଯେଉଁମାନେ ବଙ୍ଗଳାରୁ ଯିବାର ପ୍ରାର୍ଥୀ ଥିଲେ ତହିଁ ମଧ୍ୟରୁ କେବଳ ତିନି ଜଣ ଲୋକଙ୍କୁ ନିମନ୍ତ୍ରଣ ମନୋନୀତ କରି ଅଛନ୍ତି ଯଥା— ମୌଲବୀ ଅବ୍ଦୁଲ ଲତିଫ ଖାଁ ବାହାଦୁର, ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଓ ବାବୁ କାଳୀପଦ ବାନର୍ଯ୍ୟା । ଏଥି ଭିନ୍ନ ନଘରେ ଓଡ଼ିଆବାସୀ ଜଣକୁ ନେବାର ପ୍ରସ୍ତାବ ହୋଇଅଛି ଯେ ବିଲାତରେ ଓଡ଼ିଶାର ଅବସ୍ଥା ଅଛି ଏକାକ ହେଲେ ସୁଦ୍ଧାରୁ କଷ୍ଟ ଥିବ ।

ବାବୁ ସୁରେନ୍ଦ୍ରନାଥ ବାନର୍ଯ୍ୟାଙ୍କ ଉପରେ ଗବର୍ଣ୍ଣମେଣ୍ଟ ନ ୧୪ ମୂର ଅଭିଯୋଗ କରିଅଛନ୍ତି ଓ ସେ ଅଭିଯୋଗମାନ ସମ୍ବାଦପତ୍ରସବୁରେ ପ୍ରକାଶ ହୋଇଅଛି । ଏ ବାବୁଙ୍କର ବିଚାର ସିଲହେଟ ଜିଲାରେ ହେଉଅଛି ବିଚାର ଶେଷ ହେଲେ ଉତ୍ତାରୁ ଯାହା ଫଳ ହେବ ପ୍ରକାଶ ପାଇବ ଏପାଇଁତଃ ଅଭିଯୋଗର ଧୂମଧାମ ଦେଖି ଅମ୍ଭେମାନେ ଅବାକ ହେଲୁଁ ।

ମାନ୍ଦ୍ରାଜରେ ଏକାଉଣ୍ଟାଣ୍ଟ ଜେନରଲ ଆପଣା ଅଧସ୍ତ ଜଣେ କର୍ମଚାରୀଙ୍କୁ ପ୍ରହାର କରିବାରୁ ଏକଶତଟଙ୍କା ଅର୍ଥଦଣ୍ଡ ଦେବାକୁ ବାଧ୍ୟ ହୋଇ ଅଛନ୍ତି । ଏପରି ଉଚ୍ଚ କର୍ମଚାରୀ ମାଜିଷ୍ଟ୍ରେଟର ନାଗରିକର ଦୁଇଶତଟଙ୍କା ଦଣ୍ଡ ପାଇ ଅଛନ୍ତି ।

---

## ପ୍ରେରିତପତ୍ର ।

ଶ୍ରୀ ଉତ୍କଳ ଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ମୋର ପୀଡ଼ାର ପ୍ରାଦୁର୍ଭାବ ସମୟରେ ଓଡ଼ିଶାକୁ "ବଦେଶୀ" ଙ୍କର ଆବସ୍ଥାନ୍ତ ଅସାଧ୍ୟ ଦେଖି ଶଙ୍କା ହେଉଥିଲା ଯେ "ବଦେଶୀ" ଓଡ଼ିଆଙ୍କର ଜାତି ମହତ ରକ୍ଷାର୍ଥ ଥାଇ ରକ୍ଷିବେ ନାହିଁ, କିନ୍ତୁ ବଡ ସୁଖର ବିଷୟ ଏହି ଯେ ଶ୍ରୀଗୁରୁମ୍ଭେ "ବିଦେଶୀ" ଆପଣଙ୍କ ଅମୃତ ହସ୍ତରୁ ଯେଉଁ ଔଷଧ ପାନକ ପାଇଅଛନ୍ତି ତଦ୍ଦ୍ୱାରା ତାଙ୍କ ରୋଗର ତାପ ଅନେକ ଶାନ୍ତି ହୋଇଯିବ । ଯଦି ବା ନହେ ତେବେ ଅପର ଅଭିଜ୍ଞ ହସ୍ତେ ପାଣେ ପୂର୍ବୋକ୍ତ ଦସ୍ତୁର ପ୍ରୟୋଗ କରିବେ ଏହି ଅମ୍ଭମାନଙ୍କର ଏକାନ୍ତ ଭକ୍ତି । ଇତି ।

୨୪।୧୧।୭୬ ନ । କସ୍ତିଲ୍ ସାମାନ୍ୟ ରଚୟିତ

☞ ଅମ୍ଭମାନଙ୍କ ବିବେଚନାରେ ବିଦେଶୀଙ୍କ ରୋଗ ତେତେ ଉତ୍କଟ ନୁହଇ ଯାହା ବଡ଼ ଥାଇ ଦେଖାଯାଉଅଛି ଏଠା ଜଳବାୟୁ ଗୁଣରେ ଆରୋଗ୍ୟ ହୋଇଯିବ । ଉ, ଦୀ, ସଂ,

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ଶ୍ରୀ ସଜା ବକ୍ସି ଅଠଗଡ଼ କନିକା | ୪ | ୬ |
| ବାବୁ ହରେକୃଷ୍ଣ ଦାସ କଟକ | „ ୪ | ୩/ |

☞ ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀ ବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 43



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୪ }
ତା ୬ ଡିସେମ୍ବର ସନ ୧୮୭୯ ମସିହା । ମୂ । ମାର୍ଗଶିର ୨୪ ସନ ୧୨୮୭ ସାଲ ଶନିବାର
ସଂଖ୍ୟା ୪୯ }

{ ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୦
ମଫସଲ ପାଇଁ ଡାକମାସୁଲ ୧୷୦

ଅସ୍ମାକଙ୍କ କଲେକ୍ଟର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବାମସ୍ ସାହେବ ଗତ ଶୁକ୍ରବାର ବାର୍ଷିକ ମୋଫସଲ ଭ୍ରମଣ ନିମିତ୍ତ ଏ ନଗରରୁ ପ୍ରସ୍ଥାନ କଲେ । ଶୁଣାଯାଏ ଯେ ଛ ମାସ ପର୍ଯ୍ୟନ୍ତ ଭ୍ରମଣ କରିବେ ଓ ଏଥି ମଧ୍ୟରେ ଦୁଇ ଏକ ଦିନ ପାଇଁ କେବଳ ଏକଥର ନଗରକୁ ଆସିବେ । ପ୍ରଥମେ ତୋମପଡା କିଲ୍ଲାକୁ ଯିବାର କଳ୍ପନା ଅଛି ଯେ ସେଠାରେ ୧୪ ନଂ ଲଟ ଗୃହୀଙ୍କ ସହିତ ପ୍ରଜାଙ୍କର ଯେ ବଡ଼ ବିରୋଧ ଅଛି ତାହାକୁ ନିଷ୍ପତ୍ତି କରିବେ । ବାମସ୍ ସାହେବଙ୍କ ଯୋଗେ ତୋମପଡାର ଗୋଳମାଲ ନିକାଶ ହେବ ସନ୍ଦେହ ନାହିଁ ଓ ତାହା ହେଲେ ବଡ଼ ସୁବିଧାର କାର୍ଯ୍ୟ ହେବ କାରଣ ମାଜିଷ୍ଟ୍ରେଟମାନେ ଓ ରେଭିନ୍ୟୁ ସାହେବ କଲେକ୍ଟରମାନେ ଏ ଗୋଳମାଳ ସବୁ ଶୁଣି ରହିଅଛନ୍ତି କିଛି ନିର୍ଣ୍ଣୟ କରି ପାରି ନାହାନ୍ତି । ଏପରି ଶ୍ରୀଯୁକ୍ତ ବାମସ୍ ସାହେବ ଛମାସ ମୋଫସଲରେ ବୁଲିଲେ ଏ ଜିଲ୍ଲାର ସବୁସ୍ଥାନ ଦେଖି ଆସିବେ ସନ୍ଦେହ ନାହିଁ ଓ ମୋଫସଲର ଅବସ୍ଥା ତାହାଙ୍କଠାରେ କିଛି ଅବିଦିତ ରହିବ ନାହିଁ । ଅସ୍ମାକଙ୍କର କମିସନର ଶ୍ରୀଯୁକ୍ତ ରେଭେନସା ସାହେବ ମଧ୍ୟ ଦୁଇ ତିନି ଦିନ ମଧ୍ୟରେ ଗଡଜାତ ଭ୍ରମଣ ନିମନ୍ତେ ଯାତ୍ରା କରିବେ ସୁତରାଂ କିଛିଦିନ ସମୟରେ ନଗରର ଶୋଭା ଅଧିକ ହେବ ନାହିଁ ।

---

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଜଣାଉଅଛୁଁ ଯେ ପଣ୍ଡିତ ହରିହରଦାସ ବର୍ତ୍ତମାନ ଅତିଶୟ କଠିନ ରୋଗଗ୍ରସ୍ତ ହୋଇ ଏ ନଗରରେ ପ୍ରବେଶ ହୋଇଅଛନ୍ତି ପାଠକଙ୍କୁ ଜଣାଅଛି ଯେ ସେ ପୁରୀ ସଂସ୍କୃତ ସ୍କୁଲର ଉନ୍ନତି ଉଦ୍ଦେଶରେ ବଙ୍ଗଳା ଓ ଉତ୍ତରପଶ୍ଚିମ ପ୍ରଦେଶରେ ଚେନ୍ଦା ସଂଗ୍ରହ କରିବାକୁ ଦେଢ ବର୍ଷ ହେଲା କଲିକତାକୁ ଯାଇ ସେଠାରୁ ପ୍ରାୟ ୧୭୦୦ ଟଙ୍କାର ପୁସ୍ତକ କ୍ରୟ କରି ସଂସ୍କୃତ ପୁସ୍ତକାଳୟ ନିମିତ୍ତ ପଠାଇଥିଲେ ଓ ଅନ୍ୟ ପ୍ରଦେଶସବୁକୁ ଯାଇଥାନ୍ତେ କି ଏଥି ମଧ୍ୟରେ ପୀଡିତ ହେବାରୁ ଏଠାକୁ ଫେରି ଆସିଅଛନ୍ତି । ଏହାଙ୍କର ବର୍ତ୍ତମାନାବସ୍ଥା ଏପରି ଯେ ଔଷଧ କରିବାର ନେଣିକି ଥାଉ ବସାଖର୍ଚ୍ଚ କରି ରହିବାର ସମ୍ବଳ ନାହିଁ ଓ ଏଠାରେ ମଧ୍ୟ କିଛିକାଳ ନ ରହିଲେ ଆରୋଗ୍ୟ ହେବାର ଆଶା ଦିଶୁ ନାହିଁ । ଏଥିପାଇଁ ତାହାଙ୍କ ବନ୍ଧୁମାନେ ଏଠାରେ ତାହାଙ୍କୁ ରଖି ଖର୍ଚ୍ଚ ନିମିତ୍ତ ଚେନ୍ଦାଦ୍ୱାରା ଟଙ୍କା ତୋଳାଇବାର ଯତ୍ନ କରୁଅଛନ୍ତି । ହରିହରଦାସଙ୍କ ପରି ପଣ୍ଡିତ ଅସମୟରେ ନଷ୍ଟ ହେଲେ ଅସ୍ମଦେଶୀୟଙ୍କର କେତେ ପର୍ଯ୍ୟନ୍ତ କ୍ଷତି ଓ କର୍ତ୍ତବ୍ୟ କାର୍ଯ୍ୟର କ୍ଷତି ହେବ କୋଳାଯାଇ ନ ପାରେ । ଏଥିପାଇଁ ଅମ୍ଭେମାନେ ସର୍ବସାଧାରଣଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ଯେ ଯାହା ସାମର୍ଥ୍ୟାନୁସାରେ ଏହାଙ୍କୁ ସାହାଯ୍ୟ କରନ୍ତୁ ।

---

ଢେଙ୍କାନାଳର ମହାରାଜ ଆପଣା ଗଡ଼ ମଧ୍ୟରେ ବିଦ୍ୟାଳୟର କାରଣ ଯେଉଁ ନୂତନ କୋଠାଘର ନିର୍ମାଣ କରି ଅଛନ୍ତି ଅଳ୍ପଦିନ ହେଲା ତହିଁରେ ପ୍ରଥମଥର ଶିକ୍ଷା କମିଟିର ସଭା ହୋଇ ଥିଲା ଓ ଉକ୍ତ ସଭାରେ ବିଦ୍ୟାଳୟର ଦ୍ୱିତୀୟ ଶିକ୍ଷକ ବାବୁ ଜଗନ୍ନାଥ ପଟ୍ଟନାୟକ ଗୋଟିଏ ରଚନା ପାଠ କରି ଥିଲେ ଅମ୍ଭେମାନେ ସ୍ଥାନାଭାବରୁ ତାହା ପ୍ରକାଶ କରି ନ ପାରି ତହିଁରୁ ବିଦ୍ୟାଳୟ ସମ୍ପର୍କୀୟ କେତେ କଥା ନେଉଅଛୁଁ । ବିଦ୍ୟାଳୟ ଗୃହ ନିର୍ମାଣରେ ୧୪୬୩୪ ଟଙ୍କା ବ୍ୟୟ ହୋଇ ଅଛି ଓ ଅନ୍ତର ୧୬୦୦ । ୭୦୦ ଟଙ୍କା ବ୍ୟୟ ହେଲେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ବିଦ୍ୟାଳୟରେ ୮୪ ଜଣ ଛାତ୍ର ନିୟମିତରୂପେ ଉପସ୍ଥିତ ହୋଇ ପଠନ କରୁଅଛନ୍ତି ଓ ସ୍କୁଲ ହେଲାଦିନଠାରୁ ୧୨ ଜଣ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ଏ ବର୍ଷ ମଧ୍ୟ ୫ ଜଣ ପରୀକ୍ଷା ଦେଇ ଅଛନ୍ତି ଅଳ୍ପଦିନରେ ଫଳ ଜଣାଯିବ । ଏଥିରୁ ଦେଖାଯାଏ ଯେ ଢେଙ୍କାନାଳରେ କେବଳ ସୁନ୍ଦର ସ୍କୁଲଗୃହ ହୋଇ ଅଛି ଏମନ୍ତ ନୁହେ ଛାତ୍ରଙ୍କୁ ଯଥାରୂପ ଶିକ୍ଷା ମଧ୍ୟ ଦିଆ ଯାଉ ଅଛି । ଏପରି ସ୍ଥଳର ସମ୍ବାଦ ଶୁଣି କିଏ ସ୍ୱୀକାର ନ କରିବ ଯେ ପ୍ରଜାଙ୍କ ଉନ୍ନତି ବିଷୟରେ ଢେଙ୍କାନାଳର ମହାରାଜ ଓଡ଼ିଶାର ସମସ୍ତ ରାଜା ଓ ଜମିଦାରଙ୍କ ମଧ୍ୟରେ ଅଗ୍ରଗଣ୍ୟ ଅଟନ୍ତି । ଏହା ବିଦ୍ୟାଳୟ ତାହାଙ୍କ ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ

Digitized by srujanika@gmail.com

Split by PDF Splitter

220



ଏହାଙ୍କ ଭୁଲ ତାହାରୁ ଦେଖାଯାଉ ନାହିଁ ଏ ପ୍ରଦେଶର ଅନ୍ୟାନ୍ୟ ସ୍ଥାନ ଓ ଥାନାମାନେ ଆପଣା ଗୃହରେ ଏପରି ଦୁଷ୍କାନୁଷ୍ଠାନମାନ କଲେ ଓଡ଼ିଶାର କି ପର୍ଯ୍ୟନ୍ତ ଶ୍ରୀ ବୃଦ୍ଧି ହେବ ବୋଲାଯାଇ ନ ପାରେ ।

---

### ତାରକେଶ୍ୱରର ମହନ୍ତ ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦର ସହିତ ଅବଗତ ହେଲୁଁ ଯେ ହୁଗୁଲିର ସେସନ ଅଦାଲତରୁ ତାରକେଶ୍ୱରର ମହନ୍ତଙ୍କ ଉପରେ ତିନିମାସ କାରାବାସ ଓ ଦୁଇହଜାର ଟଙ୍କା ଅର୍ଥଦଣ୍ଡର ଆଜ୍ଞା ହୋଇଅଛି । ମହନ୍ତଙ୍କର ଘୃଣିତ କାର୍ଯ୍ୟ ହେତୁରୁ ଦେଶୀୟ ଲୋକମାନେ ତାହାଙ୍କ ଉପରେ ଏପରି ବିରକ୍ତ ଥିଲେ ଯେ ବିଚାରଦିବସ ପ୍ରାୟ ତିନିହଜାର ଲୋକ କଚେରୀକୁ ମକଦ୍ଦମା ଦେଖିବା ପାଇଁ ଯାଇଥିଲେ ଓ ଯେତେବେଳେ ଦଣ୍ଡାଜ୍ଞା ହେଲା ସମସ୍ତେ ଆନନ୍ଦିତ ହୋଇ ସେସନ ଜଜଙ୍କୁ ଧନ୍ୟବାଦ ଦେଲେ । ଶ୍ରୀଯୁକ୍ତ ଫିଲ୍ଡ ସାହେବ ଜଜ ଏକ ଦୀର୍ଘ ରାୟ ଲେଖିଅଛନ୍ତି କି ତାହା ପଢ଼ିବାକୁ ତିନିଘଣ୍ଟା ଲାଗିଲା । ଶୁଣାଯାଏ ଯେ ଏ ମକଦ୍ଦମା ଚଳାଇବା ପାଇଁ ମୁଦେଇ ସକାଶେ କଲିକତାରେ କୋଡ଼ିଏହଜାର ଟଙ୍କା ଚାନ୍ଦାଦ୍ୱାରା ସଂଗୃହୀତ ହୋଇଥିଲା ଓ ମହନ୍ତଙ୍କର ଏ ମାମଲାରେ ଯେ ଏଥିର ତିନିଗୁଣ ଅର୍ଥାତ୍ ଲକ୍ଷଟଙ୍କାରୁ ଅଧିକ ହୋଇଥିବ ଏଥିରେ ସନ୍ଦେହ ନାହିଁ । ଏ ଟଙ୍କା କେଉଁଠୁ ଆସିଲା ? ଆମ୍ଭେମାନେ ବୋଧକରୁଁ ତାରକେଶ୍ୱରଙ୍କ ପ୍ରସାଦରୁ । ମାତ୍ର ତାହା ହେଲେ କି ଦୁଃଖର ବିଷୟ ଅଟଇ ଧର୍ମକର୍ମ ନିମନ୍ତେ ଯେଉଁ ଟଙ୍କା ଆମ୍ଭଦେଶର ପ୍ରାଚୀନ ପୁଣ୍ୟବାନ ଲୋକମାନେ ଦାନ କରିଯାଇ ଥିଲେ ତାହା ଏକ ବ୍ୟକ୍ତିର ଭୋଗବିଳାସ ଓ ତାହାଙ୍କର ପ୍ରାୟଶ୍ଚିତ୍ତରେ ବ୍ୟୟ ହେଉଅଛି ଅଥଚ ସମସ୍ତେ ଏହା ଦେଖି ଶୁଣି ତୁନି ହୋଇ ରହିଅଛନ୍ତି । ଏପରି ଦେଶର ଉନ୍ନତି କେଉଁକାଳେ ହେବ । ଏ ମହନ୍ତଙ୍କପରି ଶତ ଶତ ମହନ୍ତ କି ମଠଧାରୀ ବାହାରିବେ କି ଯେଉଁମାନେ ଏହି ସବୁ ପାପକର୍ମରେ ରତ ଥାନ୍ତି ଅଥଚ ତାହାଙ୍କ ତତ୍ତ୍ୱର ଅନୁସନ୍ଧାନ କରିବାକୁ କେହି ନାହିଁ । ଗବର୍ଣ୍ଣମେଣ୍ଟ ଯେ ଏ ବିଷୟରେ ଉଦାସୀନ ହୋଇ ବସିଅଛନ୍ତି ଅତ୍ୟନ୍ତ ଅନ୍ୟାୟ ଅଟଇ ଓ ଆମ୍ଭେମାନେ ଅନୁରୋଧ କରୁଁ କି ଯହିଁରେ ସଦାବର୍ତ୍ତ ଟଙ୍କା ଏପରି ଅପବ୍ୟୟ ଯେମନ୍ତ ନ ହୁଅଇ ଶୀଘ୍ର ତହିଁର କିଛି ବିଧାନ ହେଉ । ଏ ବିଷୟରେ ଗବର୍ଣ୍ଣମେଣ୍ଟ ଯେତେ ବିଳମ୍ବ କରୁଅଛନ୍ତି ତେତେ ଅଧିକତର ଦାୟୀଭୂତ ହେଉଅଛନ୍ତି ।

ତାରକେଶ୍ୱରଙ୍କର ମହନ୍ତ କାରାବାସ କଲେ ସତ୍ୟ କିନ୍ତୁ ମକଦ୍ଦମାର ବ୍ୟୟ ଅବଧି ଊଣା ହୋଇ ନାହିଁ ; ସେ ଅପିଲ କରିବାକୁ ଯତ୍ନବାନ ହେଲେଣି । ଅପିଲ ଉପସ୍ଥିତ ହେବା ସମୟରେ ମହନ୍ତର ଉକିଲ ଯାମିନ ନେବାକାରଣ ହାକିମଙ୍କ ଅନୁରୋଧ କରିଥିଲେ କିନ୍ତୁ ଜଜମାନେ ତାହା ଶୁଣିଲେ ନାହିଁ ତହୁଁ ସେ ଉକିଲ ପ୍ରାର୍ଥନା କଲେ ଯେ ମକଦ୍ଦମା ଶୀଘ୍ର ପେଷ ଓ ନିଷ୍ପତ୍ତି ହେଉ । ସେ ଦରଖାସ୍ତରେ ମଧ୍ୟ ଜଜମାନେ କିଛି ନିଶ୍ଚୟ କରି କହିଲେ ନାହିଁ । ସୁତରାଂ ମହନ୍ତ ମହାରାଜ ବର୍ତ୍ତମାନ ଜେଲଖାନାରେ ଗାଦି ଜମାଇ ଅଛନ୍ତି ଭବିଷ୍ୟତକୁ ଏହାଙ୍କ ଭାଗ୍ୟରେ ଯାହା ଥିବ ତାହା ଘଟିବ ।

---

### ବଙ୍ଗଳାର ଦୁର୍ଭିକ୍ଷ ।

ଗତ ପ୍ରକାଶିତ ଗେଜେଟରୁ ଅବଗତ ହେଲୁଁ ଯେ ଗତମାସ ମଧ୍ୟଭାଗରେ କଲିକତାଅଞ୍ଚଳରେ ସାଧାରଣ ବ୍ୟବହାର ଯୋଗ୍ୟ ଚାଉଳ ଟଙ୍କାକୁ ସେ ୧୩ ବର୍ତ୍ତମାନରେ ଟଙ୍କାକୁ ସେ ୧୪ ର ପାଟନାବିଭାଗରେ ସେ ୧୦ ରୁ ଠାରୁ ସେ ୮ ର ଓ ଦାର୍ଜିଲିଂ ପ୍ରଭୃତି ପାର୍ବତୀୟ ସ୍ଥାନରେ ସେରେ ଲେଖାଏ ବିକ୍ରୟ ହେଉଥିଲା ଅନ୍ୟାନ୍ୟ ସ୍ଥଳରେ ଅପେକ୍ଷାକୃତ କିଛି ସସ୍ତା ଥିଲା । ବର୍ତ୍ତମାନ ଶୁଣାଯାଏ ଯେ କଲିକତାରେ ଦର ମହଣକୁ ଟ ୬୷ ଠାରୁ ଟ ୭ ଙ୍କା ପର୍ଯ୍ୟନ୍ତ ହୋଇଅଛି । ପ୍ରଥମେ ଯେରୂପ ଗୋଳମାଳ ହୋଇଥିଲା ତାହା ଅନେକ ଉଚ ହୋଇଥାନ୍ତା କିନ୍ତୁ ସରକାର ଯଥାସମୟରେ ମନୋଯୋଗୀ ହେବାରୁ ଦର ନ ବଢ଼ି ବରଂ କିଞ୍ଚିତରେ ଊଣା ହୋଇଅଛି ଓ ବ୍ରହ୍ମଦେଶରୁ ଚାଉଳ କଲିକତାକୁ ଆମଦାନୀ ହୋଇ ସାହାଯ୍ୟସ୍ଥାନମାନଙ୍କୁ ପ୍ରେରିତ ହେଉଅଛି ଅନ୍ୟାନ୍ୟ ସ୍ଥାନରୁ ଚାଉଳ ଏମାସ ଶେଷପର୍ଯ୍ୟନ୍ତ ଅନେକ ଯାଇ ପହଞ୍ଚିବ । ବିଦେଶକୁ ରପ୍ତାନୀ ବନ୍ଦ କରିବାର ଆବଶ୍ୟକତା ଅବଧି ଗବର୍ଣ୍ଣମେଣ୍ଟ ଦେଖୁ ନାହାନ୍ତି । ମହାମାନ୍ୟ ଲର୍ଡ ନର୍ଥବ୍ରୁକଙ୍କ ଦୃଢ଼ ବିଶ୍ୱାସ ଏହି ଯେ ଉଚିତଦର ରପ୍ତାନୀ ନିଷେଧର କାର୍ଯ୍ୟ କରିବ । ବଙ୍ଗଳାରୁ କେତେଗୁଡ଼ିଏ ଲୋକ ଦେଶାନ୍ତରକୁ ପ୍ରେରଣ କରିବାର ପ୍ରସ୍ତାବ ମଧ୍ୟ କାର୍ଯ୍ୟରେ ପରିଣତ ହେବାର ଦେଖାଯାଏ । ଗବର୍ଣ୍ଣମେଣ୍ଟ ବଙ୍ଗୀୟ ଘୋଷଣାପତ୍ରଦ୍ୱାରା ରାସ୍ତା ଇତ୍ୟାଦି କାର୍ଯ୍ୟରେ ନିଯୁକ୍ତ ଥିବା ଲୋକଙ୍କୁ ଘୋଷଣା ଦେଇଅଛନ୍ତି କି ତାହାଙ୍କର ଯେତେ ମଜୁରି ଆରମାସ ସକାଶେ ପ୍ରୟୋଜନ ହେବ ତହିଁରୁ ଅଧିକ ଦେଲେ ଗବର୍ଣ୍ଣମେଣ୍ଟ ସେମାନଙ୍କର ଆନୁଷଙ୍ଗିକ ଖର୍ଚ୍ଚ ଦେଇ ନିରୂପିତ ସ୍ଥାନରେ ପହଞ୍ଚାଇ ଦେବେ । ଆଉ ଯେସମସ୍ତ ସାହାଯ୍ୟର ଉପାୟ ସ୍ଥିର ହୋଇଅଛି ସେସବୁ ମଧ୍ୟ ଯଥାସମୟରେ ଆରମ୍ଭ ହେଉଅଛି । ଏସବୁ ଦେଖି ନିଶ୍ଚୟ ବୋଧ ହୁଅଇ ଯେ ମନୁଷ୍ୟଦ୍ୱାରା ଦୁର୍ଭିକ୍ଷର କଠୋରତା ଯେତେଦୂର ନିବାରଣ କରିବାର ସମ୍ଭବ ତହିଁରେ କିଛିମାତ୍ର ତ୍ରୁଟି ହେବ ନାହିଁ ।

ଦୁର୍ଭିକ୍ଷ ସମ୍ଭାବନାର ସମ୍ବାଦ ଇଂଲଣ୍ଡରେ ପ୍ରବେଶ ହେଲାମାତ୍ରେ ସେଠା ଲୋକମାନେ ବଙ୍ଗଦେଶୀୟଙ୍କ ସାହାଯ୍ୟକାରଣ ଚାନ୍ଦା ସଂଗ୍ରହ କରିବାକୁ ଆରମ୍ଭ କରିଥିଲେ । ଗତମାସ ତା ୨୪ ରଖର ଭାରତୀୟ ସମ୍ବାଦରୁ ଜଣାଯାଏ ଯେ ବଙ୍ଗଳାର ଅବସ୍ଥା ତାଦୃଶ ମନ୍ଦ ନ ଥିବାର ସମ୍ବାଦ ସେକ୍ରେଟେରି ଅବଷ୍ଟେଟ ପ୍ରକାଶ କରିବାରୁ ସମ୍ପ୍ରତି ଉକ୍ତ ଚାନ୍ଦା ପରୋପକାର୍ଯ୍ୟ ସ୍ଥଗିତ ହୋଇଅଛି । ଇଂଲଣ୍ଡବାସୀଙ୍କର ଏରୂପ ମହତ୍ତ୍ୱପଣିଆର କେତେ ପ୍ରଶଂସା କରିବୁଁ କହି ନ ପାରୁଁ । ବାସ୍ତବରେ ସେମାନଙ୍କ ଅନ୍ତଃକରଣ ଅତି ପ୍ରଶସ୍ତ ଓ ଦୟାରେ ପୂର୍ଣ୍ଣ ନୋହିଲେ ଦୂରଦେଶର ଭାବୀ ଅମଙ୍ଗଳ ସକାଶେ ସେମାନେ ଉପାୟ କରିବାକୁ ଏତେ ଶୀଘ୍ର ପ୍ରବୃତ୍ତ ହୁଅନ୍ତେ ନାହିଁ ଏହିପ୍ରକାର ଗୁଣ ହେତୁରୁ ଇଂରାଜଙ୍କୁ ସର୍ବାପେକ୍ଷା ଅଧିକ ସଭ୍ୟ ବୋଲାଯାଏ । କେବେ ଆମ୍ଭେମାନେ ଏ ମହତ୍ତ୍ୱପଣିଆର କିଛିମାତ୍ର ଶିକ୍ଷା କରିବୁଁ ! ଏପରି ଇଂଲଣ୍ଡର କେତେକଜଣ ମହାଜନ ସେକ୍ରେଟେରି ଅବଷ୍ଟେଟଙ୍କୁ କହିଅଛନ୍ତି ଯେ ସେମାନେ ଯେତେ ଚାଉଳ ଇଂଲଣ୍ଡରେ ରଖିଅଛନ୍ତି ଆବଶ୍ୟକ ହେଲେ ତହିଁରୁ ଏକଲକ୍ଷଟନ ଅର୍ଥାତ୍ ୨୭ଲକ୍ଷ ମହଣ ଭାରତବର୍ଷକୁ ଫେରାଇ ପଠାଇବେ ଏମନ୍ତ ସମ୍ବାଦ ଟେଲିଗ୍ରାଫ ଯୋଗେ ଅବଗତ ହେଲୁଁ । ଏ ପ୍ରସ୍ତାବଟି ମଧ୍ୟ ସାମାନ୍ୟ ଦୟାର କାର୍ଯ୍ୟ ନୁହଇ । ମହାଜନମାନେ ଆପଣା ଲାଭ ପାଇଁ ସୁଯୋଗ ଖୋଜୁଥାନ୍ତି ମାତ୍ର ସୁଯୋଗ ସମୟରେ ସାଧାରଣ ହିତ ସକାଶେ ଆପଣା ଲାଭର ଆଶା ପରିତ୍ୟାଗ କରନ୍ତି ଏମନ୍ତ ଲୋକ ସଂସାରରେ ଦୁର୍ଲ୍ଲଭ ଓ ଏହିମାନଙ୍କୁ ସାଧୁପୁରୁଷ ବୋଲାଯାଏ ।

---

Digitized by srujanika@gmail.com

## ଯାଜପୁର ।

ଅମ୍ଭମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେ-
ଅଛନ୍ତି ଯେ, ଅଲୀବର୍ଦ୍ଧୀ ଇଲକାର ଅଦାଲ
।ଭଗ ଗନ୍ତିତ ଏକ ଦଳ ଓ ଛଅ ଶ ଭଣ୍ଡାରୀ
।ଙ୍କ ଦଳ ହୋଇ ମେଳକରି, ଗନ୍ତିତ କହନ୍ତି
ଣ୍ଡାରୀମାନେ ଗନ୍ତିତମାନଙ୍କର ବିଭା ସମୟରେ
ଉର ଗୋଡ଼ ଧୋଇବେ ଓ ଅଶୌଚରେ
ଡାହାଙ୍କଠାରୁ ଖରଚ ନେଇପିବେ । ଭଣ୍ଡାରୀ
।ହା ସବୁ କରିବାକୁ ଅସମ୍ମତ ହୋଇ କହନ୍ତି
ଣ୍ଡାରୀଙ୍କର ଦ୍ବିଅ ପ୍ରଥମ ହରି ନେଇ ଶାଶୁ
ରକୁ ଦିବା ସମୟରେ ଗନ୍ତିତମାନେ ମିଠାଇ
ର ଓ ଅଶୌଚରେ ତାଙ୍କ ବନ୍ଧୁଘରଠାରୁ
ହିଭାର ନେବେ, ମାତ୍ର ଗନ୍ତିତମାନେ ତାହା
ନବାକୁ ଅସମ୍ମତ ହୁଅନ୍ତି । ଏହି ପରି ଉଭ-
ରେ ମେଳ ବାନ୍ଧି କରଣ, ଖଣ୍ଡାୟତମାନଙ୍କର
ହା ଗନ୍ତିତମାନେ କାଢ଼ିଆ ବନ୍ଦ କରିଥିଲେ ।
ଗ୍ଭରବାରେ କହିଲେ ଅମ୍ଭେ ସମସ୍ତ କାଢ଼ିଙ୍କୁ
ଢ଼ିଆ ବନ୍ଦ କଲେ ସମସ୍ତେ ଭଣ୍ଡାରୀମାନଙ୍କୁ
ସ୍ମସ୍ତ କରି ଅମ୍ଭର ଉପରଲିଖିତ କର୍ମ କରାଇ
ନବେ । ଯାହା କହନ୍ତି ଗନ୍ତିତ ପକ୍ଷୀୟ ସେ
କ ଅଟେ । ଅଲୀବର୍ଦ୍ଧୀର ମହାଲ୍ଦ ସେମା-
ଙ୍କୁ ବୁଝାଇପାରି ନ ଥିଲେ । ଗନ୍ ସାହେବଙ୍କ
ଛୁରରେ ଗନ୍ତିତ ଓ ଭଣ୍ଡାରୀମାନେ ମେଳ
ଇ ଅଧି ଓଜର କରି କହିବାରେ ସାହେବ
ତ୍ରିସୁଫ ମୁଖାଙ୍କୁ ଡକାଇ ମଧ୍ୟ କରି ଜଇମ୍ବ
।ନ୍ଦଙ୍କ ଅପରି ଅଂଶୀକରିପେ ଉସ୍ତିତି
ଲେ କି ଭଣ୍ଡାରୀମାନେ ଗନ୍ତିତଙ୍କର ଦଗରୁ-
ଲୁ ଖରଚ୍ ନେବେ ଓ ଗନ୍ତିତମାନେ ଭଣ୍ଡାରୀ-
ର ମିଠେଇଖର ନ ନେଇ କେବଳ ଦହିଘର
ନବେ । ଏହିପରି ମୀମାଂସା କରି ତାଙ୍କମାନଙ୍କୁ
କରି ଦୂର ଜାତିଙ୍କ ବେହେରା ମଲିଦାରଙ୍କୁ
।ଳ କରାଇ ଦେବାରେ ସେମାନେ ମେଳ
ାଇ ଗଲେ ଓ ଗନ୍ ସାହେବଙ୍କୁ ଧନ୍ୟବାଦ
ଦଇ ଗଲେ । ଅମ୍ଭେ ମଧ୍ୟ ସାହେବଙ୍କୁ ଧନ୍ୟ-
ଦ ଦେଉଅଛୁଁ ସାହେବ ପ୍ରଶଂସିତ ଢଙ୍ଗରୁ
ସିକର ଅନ୍ବେଷଣ ହେଲା ମଫସଲକୁ ଅସି
ାଙ୍କ ଅବସ୍ଥା ବୁଝିଥିବାର ଏପରି ସନ୍ଧିକଥାମାନ
ମାଂସା କଲେ ଏ ବଡ ଆଶ୍ଚର୍ଯ୍ୟ ଅଟେ ।
ଙ୍କ ଯୋଗେ ମଫସଲରେ ମେଳ ହେବ
ହିଁ । ଏକ ଲୁଗାଚୋରୀ ମକଦ୍ଦମାରେ ଅସାମୀ
ାର୍ ଦାଗୀ ଥିବାରୁ ତାକୁ ଦୁଇ ଅଭିଯୋ-
ରେ ଦୁଇ ବର୍ଷ ବନାଗମରେ କଏଦ ଓ ଏକ
ରୁଷ କଠିନ ପରିଶ୍ରମ ସହିତ କଏଦ ଏରୂପ

ତିନି ବରଷ ଦଣ୍ଡ ଓ ଅଉ ଏକ ଚୋରୀ ମାମଲରେ ଅସାମୀ ଦାଗୀ ଥିବାରୁ ତାକୁ ଯଦର ଦେଇ ଓ ଏକମାସ କଏଦର ହୁକୁମ ଦେଇ ଅଛନ୍ତି । ଏପରି ଅଜ୍ଞାରେ ଆଉ ଚୋରୀ ହେବାର ସମ୍ଭବ ହେଉ ନାହିଁ ।

ଏ ଯାଜପୁରରେ ଅଜକୁ ଦ ୬ ନ ହେଲା ମେଘାଛନ୍ନ ହେବାରୁ ସୂର୍ଯ୍ୟଦେବତା ଲୁଚି ରହି ଅଛନ୍ତି ମେଘ ବର୍ଷା ହେବାର କାହିଁ କେବଳ ଜଳବିନ୍ଦୁ ପତନ ହେଉଅଛି । ସରକାରଙ୍କ ତରଫରୁ କାନ୍ତ୍ରାକ୍ଟରଙ୍କଦ୍ଵାରା ଚାଉଳ ଖରିଦ ହେବାର ଶୁଣାଯିବା ଓ କେହି କେହି ମହାଜନ ଚାଉଳ ଖରିଦ କରୁଥିବାରୁ ଏଠା ବଜାରରେ ମହଙ୍ଗା ହେବାର ଅରମ୍ଭ ହେଲାଣି । ଆଠ ଦଶ ଦିନ ଅଗେ ୪ ୧୦ କଣ୍ଟାରେ ୧୯ ର ହୋଇଥିଲା, ଏବେ ସେ ୧୪ ର ହେଲାଣି । କ୍ରମେ ଆଉ ବୃଦ୍ଧି ହେବ । ଯେବେ ସରକାରୀ ଚାଉଳ ଖରିଦ ବ୍ୟତିରେକେ ଅନ୍ୟ ମହାଜନ ଖରିଦ କରିବା ନିଷେଧ ହୁଅନ୍ତା ଓ ଯେଉଁ ମହାଜନ ଓ ଜମିଦାରଙ୍କଠାରେ ଦୁଇ ତିନି ହଜାର ଭରଣ ଲେଖାଏ ଧାନ ଅଛି ସେହିମାନଙ୍କଠାରୁ ସରକାର ଖରିଦ କରି ନିଅନ୍ତେ ମଫସଲରୁ ନ ନିଅନ୍ତେ ତେବେ ଉତ୍ତମ ହୁଅନ୍ତା ଓ ଦର ବୃଦ୍ଧି ନ ହୁଅନ୍ତା । ସମସ୍ତ ବିବେଚନା ନ ହେଲେ ନିଶ୍ଚୟ ଏ ଜିଲାରେ କାଳ ପଡିବ ।

ଦାଖଲଖାରଜ ସଭାରେ ୫୧୦ଙ୍କା ସୀମାରେ ଦରଖାସ୍ତ ହେବା ପ୍ରସଙ୍ଗରେ ଅମ୍ଭମାନଙ୍କ ସମ୍ବାଦଦାତା ଲେଖନ୍ତି ଯେ ସନ ୧୮୭୦ ମସିହାର ବଙ୍ଗଳା ଗଜେଟର ପୃ ୧୦୩୬ ପୃଷ୍ଠାରେ ଛପା ହୋଇଥିବା ହାଇକୋର୍ଟଙ୍କ ନ ୧୧ ମ୍ବର ସରକୁଲର ଅନୁସାରେ କୋର୍ଟଫିସ ଆଇନର ଦ୍ଵିତୀୟ ତପସୀଲ ଲିଖିତ ୧୫,୧୬ ଓ ୧୭ ଦଫା ଦେଓ୍ବାନୀ ଅଦାଲତର ଷ୍ଟାମ୍ପ ରଖାଇ ଅତଏବ ଆଇନର ଯଥାର୍ଥ ଯାହା ଭ୍ରମ ହେଉଥିଲା ତାହା ମଧ୍ୟ ହେବାର କୌଣସି କାରଣ ନାହିଁ ।

---

## ଓଡ଼ିଶାର ବାଣିଜ୍ୟ ।

ସନ ୧୮୭୨।୭୩ ବର୍ଷ ବାବଦ କୋର୍ଡରେବନ୍ ଗବର୍ଣ୍ଣମେଣ୍ଟଙ୍କ ହୁକୁମ ମହକୁମାର ଯେଉଁ ବାର୍ଷିକ ବିଜ୍ଞାପନ ପଠାଇଥିଲେ ତହିଁ ଉପରେ ଗବର୍ଣ୍ଣମେଣ୍ଟ ବଙ୍ଗାଳ ଯାହା ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତାହା କଲିକତା ଗଜେଟରେ ଛପା ହୋଇଅଛି । ତହିଁରୁ ଦେଖାଗଲା ଯେ ଓଡ଼ିଶାର ବାଣିଜ୍ୟ ଅବସ୍ଥା ସାମାନ୍ୟାବସ୍ଥାରେ ଅଛି ଅର୍ଥାତ୍ ଏଥିର ବାଣିଜ୍ୟ କାର୍ଯ୍ୟ କେବଳ ଭାରତବର୍ଷ ମଧ୍ୟରେ ରହିଅଛି ବିଦେଶ ସହିତ ଏହାର କିଛି ସମ୍ପର୍କ ନାହିଁ । ଲେଫ୍‌ଟନେଣ୍ଟ ଗବର୍ଣ୍ଣର ଲେଖିଅଛନ୍ତି ଯେ ଓଡ଼ିଶାର ବନ୍ଦର ସବୁରେ ବର୍ଷକୁ ଦଶହଜାର ଟଙ୍କା ମାସୁଲ ଆଦାୟ ହେବାର କଠିନ ଓ କଥିତ ବର୍ଷରେ କେବଳ ମ ୪୨୦୦୦ ମଣ ଚାଉଳ ବିଦେଶକୁ ଯାଇଥିଲା ନୋହିଲେ ଆଉ ଯେତେ ଶସ୍ୟ ରପ୍ତାନୀ ହୋଇଅଛି ସେସବୁ ବଙ୍ଗଳା ଓ ମାନ୍ଦ୍ରାଜ ପ୍ରଦେଶର ନାନାସ୍ଥାନକୁ ଯାଇଅଛି ଓ ଏପରି ରପ୍ତାନୀ ଅନେକ ଦେଖାଯାଏ । ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ବୋଲନ୍ତି ଯେ ବନ୍ଦୀଘର ଚନ୍ଦବାଲି ଓ ବାଲେଶ୍ବର ବନ୍ଦର ଓ ସେଠାରେ ଥିବା ମହଜୁମାନାନ ଅନେକ ବୃଦ୍ଧି ହୋଇଅଛି ଓ ଅଧିକ ବଢ଼ିବାର ଅଛି ଓ ଏସବୁ ସ୍ଥାନକୁ ଯାତାୟାତର ସୁବିଧା ମଧ୍ୟ ହେଉଅଛି । ଏପରି ଯେତେବେଳେ ନାଲକାର୍ଯ୍ୟସବୁ ଶେଷ ହେବ ତେତେବେଳେ ରପ୍ତାନୀଦ୍ରବ୍ୟର ପରିମାଣ ଅନେକ ବୃଦ୍ଧି ହେବାର ଆଶା ହୋଇପାରେ ପରିଶେଷରେ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ବ୍ୟକ୍ତ କରିଅଛନ୍ତି ଓଡ଼ିଶାର ବନ୍ଦର ସବୁର କାର୍ଯ୍ୟଦ୍ବାରା ଏପ୍ରଦେଶ ଓ ଏଠା ନିବାସିଙ୍କର ବହୁତ ମଙ୍ଗଳ ହେବ ମାତ୍ର କେତେକ ବର୍ଷ ପର୍ଯ୍ୟନ୍ତ ଏ କାର୍ଯ୍ୟଦ୍ଵାରା କଷ୍ଟମ ଶୁଳ୍କ ବୃଦ୍ଧି ହେବ ନାହିଁ । ଏଠାକାର ପ୍ରଧାନ ରପ୍ତାନୀ ଦ୍ରବ୍ୟ ଚାଉଳ ଥିବ ଓ ତାହା କଲିକତା ଏବଂ ଭାରତବର୍ଷର ଅନ୍ୟାନ୍ୟ ସ୍ଥାନକୁ ଯାଉଥିବ ।

ଓଡ଼ିଶାର ବାଣିଜ୍ୟ ଯେ ନାଲକାର୍ଯ୍ୟ ଉପରେ ନିର୍ଭର କରଇ ଏମନ୍ତ ଅମ୍ଭେମାନେ ବୋଧ କରୁ ନାହୁଁ ଓ ଅମ୍ଭଙ୍କୁ ଜଣାଯାଏ ଯେ ଗବର୍ଣ୍ଣମେଣ୍ଟ କେବଳ ଭ୍ରମରେ ନାଲକାର୍ଯ୍ୟ ଶେଷ ହେଲେ ବାଣିଜ୍ୟର ଉନ୍ନତି ହେବ ବୋଲି ଆଶାକରି ରହିଅଛନ୍ତି ଆମଦାନୀ ରପ୍ତାନିର ତାଲିକା ସବୁ ଦେଖି ଅସିଲେ ଜଣାଯିବ ଯେ ନାଲ ହେବା ପୂର୍ବେ ଯେତେ ଦ୍ରବ୍ୟ ଏଠାରୁ ରପ୍ତାନୀ ହେଉଥିଲା ତହିଁରୁ ଅଧିକ ହୋଉ ନାହିଁ । ଏଠାର ପ୍ରଧାନ ରପ୍ତାନୀ ଦ୍ରବ୍ୟ ଚାଉଳ ଓ ତୈଳଜଦ୍ରବ୍ୟ ଏହା ସମସ୍ତେ ସ୍ବୀକାର କରିବେ ନାଲୁ ପୂର୍ବେ ଫ୍ରେସାଙ୍କ ସାହେବ ଯେତେ ଚାଉଳ ବିଦେଶୀ ଇତ୍ୟାଦି ପଠାଉଥିଲେ ତହିଁରୁ କି ଏବେ ଅଧିକ ହେଉଅଛି ? ବାସ୍ତବରେ ତାହା କୁହଇ ଓ ବାଲେଶ୍ବର ଓ ପୁରୀଠାରୁ ପୂର୍ବେ ଯେତେ ରପ୍ତାନୀ ହେଉଥିଲା ଏବେ ମଧ୍ୟ ହେଉ-

Digitized by srujanika@gmail.com

ଯଉ ଅଛୁ । ଅତଏବ ଜାଲଷ୍ଟାସ ବାଣିଜ୍ୟର ବିଶ୍ଚ ଉନ୍ନତ ଦେଖାଯାଏ ନାହିଁ ଏବ ଅମଦାଣୀ ଦ୍ରବ୍ୟରେ ଯାହା କିଛୁ ବୃଦ୍ଧି ହୋଇଅଛୁ ତାହା କେବଳ କଣ୍ଟାଘର ଓ ଷ୍ଟେଦକାନ୍‌ଙ୍କୁ ନବା ତାହାଙ୍କ ଅଧିକାର ହୋଇଅଛୁ ଓ ଅମଦାନୀ ଦ୍ରବ୍ୟ ବିଶେଷ ଷର୍ତ୍ତ ରୁ ଜଣାଯାଏ ଯେ ଲୋକ-ଙ୍କର ଅବସ୍ଥା ଯେମନ୍ତ କିଛି ଭଲ ହେଉଅଛୁ ସେମନ୍ତ ସ୍ୱଦେଶୀୟ ଦ୍ରବ୍ୟ ଉପରେ ଅଧିକ ପରିମାଣରେ ନିର୍ଭର କରି ରହିବାକୁ ହେଉଅଛୁ ଏପକ୍ଷରେ ମଧ୍ୟ ବାଣିଜ୍ୟର ପ୍ରକୃତ ଉନ୍ନତି ହେ-ବାର ବୋଲଯାଇ ନ ପାରେ । ଅନ୍ତର ଦେଖା-ଯାଏ ଯେ ବାଣିଜ୍ୟର ବୃଦ୍ଧି ନ ହେଲେ ସୁଦ୍ଧା ଯାହା କିଛି ବାଣିଜ୍ୟ ଚଳୁଅଛି ତହିଁରେ ଏଦେଶୀୟ ଲୋକଙ୍କର ଯେତେ ମଙ୍ଗଳ ହେବାର ଉଚିତ ତାହା ହେଉ ନାହିଁ । ଶସ୍ୟ ବିକ୍ରୟ ହେବାରେ ପ୍ରଜାଙ୍କର ଯାହା କିଛି ଲାଭ ହେଲା ହେଉଛି, ମଧ୍ୟବର୍ତ୍ତିଲୋକେ କେହି ଅବଶ୍ୟ ଏ ବାଣିଜ୍ୟରେ ପ୍ରବୃତ୍ତ ହୋଇ ଧନବାନ୍ ହୋଇ ନାହାନ୍ତି । ଏରୂପ କେବଳ ବାଲେଶ୍ୱରରେ ଦୁଇ ତିନିଜଣ ଅଛନ୍ତି ଓ ସେମାନେ ମଧ୍ୟ ଅଳ୍ପକାଳଙ୍କାର ନୁହନ୍ତି । ଇଦାନୀଂ କେହି ବ୍ୟକ୍ତି ବାଣିଜ୍ୟରେ ସାହସ କରାଇ ଧନ ଅର୍ଜନ କରୁ ନାହିଁ ଓ ଯେପର୍ଯ୍ୟନ୍ତ ସେରୂପ ଲୋକ ଏଠାରେ ପ୍ରାପ୍ତ ହୋଇ ନାହାନ୍ତି ସେପର୍ଯ୍ୟନ୍ତ ବାଣିଜ୍ୟର ଅବସ୍ଥା ଏହିପରି ଥିବ ଓ ଉଦ୍ଯୋଗ ଏପ୍ରଦେଶର ବିଶେଷ ଲାଭ ହେବ ନାହିଁ । ଅତଏବ ଗବର୍ଣ୍ଣମେଣ୍ଟ ଓ ସର୍ବସାଧାରଣ ଙ୍କ ଯେଉଁମାନେ ଓଡ଼ିଶାର ବାଣିଜ୍ୟ ଉନ୍ନତ ଦେଖିବାକୁ ଆଶା କରନ୍ତି ସେମାନଙ୍କୁ ଏଥିର କିଛି ଉପାୟ ନିବନାର ଉଚିତ ଗବର୍ଣ୍ଣମେଣ୍ଟଙ୍କ ଉପରେ ଏଥିର ଭାର ଅଧିକ ପରିମାଣରେ ରହିଅଛି ମାତ୍ର ସ୍ଥାନୀୟଗବର୍ଣ୍ଣମେଣ୍ଟ କର୍ମଚାରୀମାନେ ସର୍ବଦା ଉକ୍ତ ଗୁରୁଭାରକୁ ସ୍ମରଣ ରଖନ୍ତି ନାହିଁ ଓ ଯେତେବେଳେ କର୍ମ ଉପସ୍ଥିତ ହୁଅଇ ସେତେବେଳେ ଓଡ଼ିଶାକୁ ପଛ କରି ଅନ୍ୟ ଲୋକଙ୍କ ଉପରେ ସଦୟ ହୋଇପଡନ୍ତି ।

---

# ସାପ୍ତାହିକସଂବାଦ ।

ଗତ ସପ୍ତାହର ପ୍ରାପ୍ତ ଅଠଦନ କାଳ ମେଘାଚ୍ଛନ୍ନ ହୋଇ ରହିଥିଲା ବେଳେ ବିନ୍ଦୁପାତ ମଧ୍ୟ ହୋଇଥିଲା ତହିଁରେ ଏବ ଅଗ୍ର ୁର କୃଷି ସୁଦ୍ଧା ଇହନାହିଁ । ପୁରୀ ଓ ଯାଜପୁରରେ ଏହି ଯଉ ହେବାର ସଂବାଦ ପାଇଅଛୁଁ । ଶୁଣାଯାଏ ଯେ ମାନ୍ଦ୍ରାଜ ଅଞ୍ଚଳରେ କିଛୁ ତୋଫାନ ହୋଇ ଥିଲା । ଏରୂପ ମେଘୁଅରେ ରବି ଫସଲର କିଛି ହାନି ହୋଇଥିବ ଏମନ୍ତ ଅନେକ ଲୋକ ଅଶ-ଙ୍କା କରୁଅଛନ୍ତି ।

ଏ ନଗର ବାସି ଭଗବାନଖାନ୍ଙ୍କର ଭ୍ରାତୁ-ଷ୍ପୁତ୍ରର ବିବାହ ଉପଲକ୍ଷରେ ଗତ ସୋମବାର ରାତ୍ରରେ ବାଣ ରୋଷନାଇ ହୋଇଥିଲା ଓ ଏତେ ଲୋକ ଦେଖିବାକୁ ଆସିଥିଲେ ଯେ ପ୍ରାପ୍ତ କତଲ ଗୃହ ପର ଭିଡ଼ ହୋଇଥିଲା । କାଣକୁ ସାଧା-ରଣ ପ୍ରକାରର ଥିଲା କିନ୍ତୁ ଫୁଲ ଫାନୁସଇତ୍ୟାଦ-ରେ କେତେ ଗୁଡଏ ନୂତନ କାରଗିର ଦେଖା ଯାଇଥିଲା ।

ବାଲେଶ୍ୱର ମକାଣେ ଜଣେ ସବଡିଭିଜନ ଜଜ ନିଯୁକ୍ତ ହୋଇ ଅଛନ୍ତି ଏହି ମାସରେ ସେ ମେଦନୀପୁରରୁ ଅସି କାର୍ଯ୍ୟାରମ୍ଭ କରିବେ ବୋଧ ହୁଅଇ ସେଠା ମୁନସଫ ଅଉ ରହି ପାରିବେ ନାହିଁ କାରଣ ଦୁଇଜଣ ପାଇ ଯଥେଷ୍ଟ କର୍ମ ସେଠାରେ ଥିବାର ଜଣାଯାଉ ନାହିଁ ।

ମେଦନୀପୁରରେ ଜ୍ୱରରୋଗର ପ୍ରାଦୁର୍ଭାବ ଅଧିକ ହେବାରୁ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ସେଠା ସଦର ମୁକାମରେ ଔଷଧ ଜମା ରଖିବା ଓ ଜିଲା ମଧ୍ୟରେ କେତେଗୁଡଏ ଡିସ୍ପେନ୍ସରୀ ସ୍ଥାପନ ଓ ତହିଁରେ ଜଣେ ନେଟିବ ଡାକ୍ତର ନିଯୁକ୍ତ କରିବାକୁ ଆଜ୍ଞା ଦେଇ ଅଛନ୍ତି । ଏ ସବୁ ବିଷ-ୟରେ ବର୍ତ୍ତମାନ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ଯେମନ୍ତ ତକ୍ଷଣାତ୍ କାର୍ଯ୍ୟ କରନ୍ତି ଏମନ୍ତ ପୂର୍ବେ ଦେଖା-ଯାଇ ନ ଥିଲା ।

କଲିକତାର ଭାରତବର୍ଷୀୟ ସଭା ଦୁର୍ଭିକ୍ଷ ସମ୍ବନ୍ଧରେ ଏକ ଦୀର୍ଘପତ୍ର ଗବର୍ଣ୍ଣମେଣ୍ଟଙ୍କୁ ଲେଖିଅଛନ୍ତି ତହିଁରେ ଅନ୍ୟାନ୍ୟ ପ୍ରସ୍ତାବ ମଧ୍ୟରେ ବିଦେଶକୁ ଶସ୍ୟ ରପ୍ତାନୀ ନିଷେଧ ନିମିତ୍ତ ବିଶେଷ ଅନୁ-ରୋଧ କରି ଅଛନ୍ତି ଓ ତହିଁର ଅନେକ ଯୁକ୍ତି ଦର୍ଶାଇ ଅଛନ୍ତି ଓ ମଧ୍ୟ ସରକାରୀ ଖଜାନା ଶସ୍ୟ ଜମା ରଖିବା ପାଇଁ ପରାମର୍ଶ ଦେଇ ଅଛନ୍ତି । ଏ ପ୍ରସ୍ତାବମାନ ଉତ୍ତମ ଅଟଇ ।

ଓବେନସାହେବଙ୍କ ଗଣନାନୁସାରେ ଜାନୁଆରି ତା୨୭ ରୁଗଦ୍ରାର ତା ୩୧ ରଖ ପର୍ଯ୍ୟନ୍ତ ଏଠାରେ ମେଘୁଆ ଓ ଏହା ଅଳ୍ପ ବୃଷ୍ଟି ହେବ । ବଙ୍ଗ-ଳାର ଅନ୍ୟାନ୍ୟ ଅନେକ ସ୍ଥାନରେ ଏହି ସମ-ୟରେ ମେଘୁଆ ହେବ କିନ୍ତୁ ବୃଷ୍ଟି ସର୍ବତ୍ରରେ ହେବ ନାହିଁ ।

ସୋମପ୍ରକାଶ ଅଫିସରୁ ଛାପଖାନା ଅକ୍ଷର ଶ୍ରେଣୀ ପିବାର ଉକ୍ତ କାଗଜ ବଲମ୍ବରେ ବାହା-ରଣ ସମ୍ପାଦପର୍ଦ୍ଦିବାର ନାନା କଷ୍ଟ ସଙ୍ଗେ ଏ ଗୋଟିଏ ନୂଆ ଚୋରିଭୟ ଅଟଇ । ଏମନ୍ତ ଶ୍ରେଣୀ ଅଉ କେବେ ଶୁଣାଯାଇ ନାହିଁ ।

ଡେଲିନିୟୁସର ଅବଗତ ହେଲୁଁ ଯେ ବଙ୍ଗ-ଳାର ଅନେକ ଜମିଦାର ଦୁର୍ଭିକ୍ଷରେ ଲୋକଙ୍କୁ ସାହାଯ୍ୟ କରିବା ନିମିତ୍ତ ନାନା ଉପାୟ କର-ଅଛନ୍ତି ଇନୁଧରେ ବର୍ଦ୍ଧମାନର ମହାରାଜ ଓ ତାଙ୍କର ଗାଡ଼େ ଅବଦୁଲଗନୀ ବିଶେଷ ଉଦ୍ଯୋ-ଗୀ ହେବାର ଦେଖାଯାଏ ।

ଅତ୍ରାର ମିଉନିସିପଲ୍ କମିସ୍ନରମାନେ ମହା-ମାନ୍ୟ ଗବର୍ଣ୍ଣର ଜେନରଲଙ୍କୁ ଗୋଟିଏ ଅଭିନ-ନ୍ଦନ ପତ୍ର ପ୍ରଦାନ କରିଥିଲେ ତହିଁ ଉତ୍ତରରେ ମହାମାନ୍ୟ ପ୍ରତିଜ୍ଞା ମହୋଦୟ ଯାହା କହି ଅଛନ୍ତି ତହିଁର ପ୍ରକାଶ ଯେ ଏ ବର୍ଷର ଦୁର୍ଭିକ୍ଷ ସନ ୧୮୬୫।୬୬ ସାଲର ଦୁର୍ଭିକ୍ଷରୁ ଅଧିକ ହେବ ନାହିଁ ଏବ ଯେବେ ଶୀତ ଓ ଗ୍ରୀଷ୍ମକା-ଳରେ ବୃଷ୍ଟି ହୁଅଇ ତେବେ ତହିଁର ପୂରଣ ହୋଇ ପାରେ ।

ପାଓନିଅର ପତ୍ରିକାରୁ ଜେଉରିଷ୍ଟ ଅବ-ଗତ ହୋଇ ଅଛନ୍ତି ଯେ ମହାମାନ୍ୟ ଗବର୍ଣ୍ଣର ଜେନରଲ୍ ସାହେବ ଡିସେମ୍ବର ତା ୧୦ ରଖରେ କଲିକତାକୁ ପ୍ରତ୍ୟାଗମନ କରିବେ ଓ ସେଠା-ଗୁଡଏ ଦୁର୍ଭିକ୍ଷ ସାହାଯ୍ୟ ସ୍ଥାନ ଦର୍ଶନ କରିବେ ମାନ୍ଦ୍ରାଜକୁ ବସ୍ତ୍ରୁତମାନ ହେବାର ପ୍ରସ୍ତାବ ସ୍ଥଗିତ ହେଲା ।

ଗୃହସାଦ ଓ ପାଟନା ପ୍ରତ୍ୟେକ ଡିବିଜନରେ ଜଣେ ଲେଖାଏ ଦୁର୍ଭିକ୍ଷ କମିସ୍ନର ରହିବେ ଏମନ୍ତ ସ୍ଥିର ହୋଇଅଛି ।

---

ମୂଲ୍ୟ ପ୍ରାପ୍ତି ।

| | | | |
|---|---|---|---|
| ବାବୁ ଗୋଲକଚନ୍ଦ୍ରଘୋଷ | ଦଟକ | ବାକୀଯା | ୬୨ |
| „ ମଧୁସୂଦନପଣ୍ଡା | „ | „ | ୬୩ |
| „ ଉମାଚରଣକେଉରୀ | „ | „ | ୬୩ |
| „ ଶ୍ରୀନବନ୍ଧୁ ଦେ | „ | „ | ୬୩ |
| „ କୃଷ୍ଣକିଶୋରଘୋଷ | „ | „ | ୬୨ |
| „ ଦେମନାସିଂଘାତଙ୍କି | „ | „ | ୬।୫୯ |
| „ ହରେକୃଷ୍ଣଦାସ | „ | „ | ୬୩ |
| ମୁନସି ମୁଲତାନ ମହମ୍ମଦ | „ | „ | ୬୨ |
| ଶାହ ଦର୍ଗ୍ଗେଶ୍ୱରେଜଦ୍ଧ | କେଦୁପାଟନା | ବକ୍ଷାଯା | ୬୨ |
| ଶ୍ରୀବାବୁ ବଲରାମଦାସ | ଦଟକ | ଅଗ୍ରିମ | ୬୫ |

---

☞ ଏହି ଉତ୍କଳଦୀପିକା ସହର କଟକ ବର୍ଣ୍ଣା-ବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ସଂଖ୍ୟା ୪୯ } ତା୧୯ ଇଙ୍ଗ ଡିସେମ୍ବର ସନ୧୮୭୭ ମସିହା । ମୂ । ପୌଷ ଦ ୯ ନ ସନ୧୨୮୫ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪ ; ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫ ; ମଫସଲ ପାଇଁ ଡାକମାସୁଲ ୧୯/

ଇଣ୍ଡିଆନଗେଜେଟ୍‌ର ପ୍ରକାଶ ଯେ ମାନ୍ଦ୍ରାଜ ଓ ବମ୍ବେଇର ଫସଲର ଉତ୍ତମ ସମାଚାର ପାଆ ଯାଇଅଛି । ମାନ୍ଦ୍ରାଜର ଦକ୍ଷିଣରେ ପ୍ରଚୁର ବୃଷ୍ଟି ହୋଇଅଛି କେବଳ ଦକ୍ଷିଣ ମହାରାଷ୍ଟ୍ର ଓ ନିଜ ଦକ୍ଷିଣ ଓ ମହୀସୁରରେ କିଛି ଜଳର ପ୍ରୟୋଜନ ହୋଇଅଛି ବଙ୍ଗଳାର ପୂର୍ବପ୍ରାନ୍ତ କେବଳ ଏତିକି ପ୍ରଭେଦ ଯେ ଲାଭ କିଛି ଶିଥିଳ ହୋଇଅଛି । ବୃଷ୍ଟି ହୋଇ ନାହିଁ ଓ ଯେସବୁ ସ୍ଥାନରେ ଦୁର୍ଭିକ୍ଷର ସମ୍ପୂର୍ଣ୍ଣ ଆଶଙ୍କା ସେଠା ଅବସ୍ଥା କେବଳ ଶୀତକାଳର ବୃଷ୍ଟି ଉପରେ ନିର୍ଭର କରଇ । ଅଯୋଧ୍ୟାର ଅବସ୍ଥା ମଧ୍ୟ ତଦ୍ରୂପ ବଡ଼ଦିନ ପର୍ଯ୍ୟନ୍ତ ବୃଷ୍ଟି ହେଲେ କୌଣସି ଦୁଃଖ ହେବ ନାହିଁ । ପଞ୍ଜାବର ଅବସ୍ଥା ଭଲ ଓ ମଧ୍ୟପ୍ରଦେଶର ସୁସମାଚାର ମିଳିଅଛି । ରାଜପୁତାନାରେ ବୃଷ୍ଟିର ଅଭାବ ଅଛି । ବମ୍ବେ, ମଧ୍ୟ ଭାରତବର୍ଷ ଓ ବ୍ରହ୍ମଦେଶର ଅବସ୍ଥା ଭଲ ଅଟଇ । ଉତ୍ତରପଶ୍ଚିମର କୌଣସି ସମ୍ବାଦ ଆସି ନାହିଁ ।

---

ଗତବର୍ଷ ବାବଦ ଲବଣ ଇଲାକାର ଦଣ୍ଡାପତ୍ର ଦେଖି ଗବର୍ଣ୍ଣମେଣ୍ଟ ବଙ୍ଗାଳ କହୁଅଛନ୍ତି ଯେ ଜଣେ ବଙ୍ଗାଳିପ୍ରଜା ତାହାର ସ୍ତ୍ରୀ ଓ ଛଅଗୋଟି ପିଲା ସହିତ ବର୍ଷରେ ପ୍ରାୟ ସେ ୨୫ ଭ ଲୁଣ ଖର୍ଚ୍ଚ କରିଥାଏ ଓ ମହଣପ୍ରତି ସରକାରୀ ମାସୁଲ ୩ ॥ ହେବାରୁ ତାହାକୁ ବର୍ଷକୁ ୧ ୭ ଙ୍କାର କିଛି ଊଣା ଟାକ୍ସ ଦେବାକୁ ପଡ଼ଇ । ଏରୂପ ଲୋକର ବାର୍ଷିକ ଆୟ ୪ ୬୦ ଙ୍କା ହେଲେ ତାହାକୁ ଶତକଡ଼ା ୪ ୩ ଙ୍କା ଲେଖାଏ ଲବଣକର ଦେଣ ହେଉଅଛି । ଏଥିକୁ ହିନ୍ଦୁପେଟ୍ରିଅଟ ବୋଲନ୍ତି ଯେ ତାହାର ସ୍ତ୍ରୀ ଓ ପିଲାମାନେ ମଧ୍ୟ ପରିଶ୍ରମ କରନ୍ତି ଓ ତାହାଙ୍କର ବାର୍ଷିକ ଆୟ ୪ ୭୦ ଙ୍କା ଥିଲେ ଲବଣକର ଶତକଡ଼ା ୪ ୧୩ ମାତ୍ର ହେବ । ଦୁଃଖୀ ଶ୍ରମଜୀବୀ ଲୋକଙ୍କୁ ଏରୂପ ଆଉ କିଛି ଟାକ୍ସ ଦେବାକୁ ହୁଅଇ ନାହିଁ କିନ୍ତୁ ଇହାଙ୍କ ଠାରେ ସେ ସୁପାରିସର କେତେପ୍ରକାର ଫଳ ଭୋଗ କରୁଅଛି । ଅମ୍ଭେମାନେ ଏ ମତରେ ସମ୍ପୂର୍ଣ୍ଣ ଐକ୍ୟ ହୋଇ କହୁଅଛୁଁ ଯେ ଲବଣକର କୌଣସିରୂପେ ଲୋକଙ୍କର ନୂତନ ଓ ସେତ୍‌ମେସ୍ତ ପରିବର୍ତ୍ତରେ କିଞ୍ଚିତ୍ ଲବଣକର ବଢାଇଥିଲେ ବାସ୍ତବରେ ପ୍ରଜାଙ୍କର ଅଦୃଷ୍ଟ ହୋଇ ଲାଭ ହୋଇଥାନ୍ତା ।

---

ଅମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ଖାସମହାଲଦାରଙ୍କର ପଥକର କାନୁନଗୋଙ୍କଦ୍ୱାରା ସଂଗ୍ରହ ହେବାର ପ୍ରସ୍ତାବକୁ ବୋର୍ଡ ମଞ୍ଜୁର କରି ଆଦେଶ କରିଅଛନ୍ତି ଯେ ଭବିଷ୍ୟତରେ କାନୁନଗୋଇମାନେ ଖାସମହାଲଦାରଙ୍କଠାରୁ କର ଆଦାୟ କରି କଲେକ୍ଟର ସାହେବଙ୍କ ନିକଟକୁ ପଠାଇବେ । ଏପରି ନିୟମ ପୂର୍ବରୁ ନ ହେବାର ହେତୁ ଏହି ଯେ ଏଠାପରି ବଙ୍ଗଦେଶରେ ସରକାର କର୍ତ୍ତୃକ ବାହାଲ ଖାସମହାଲ ଏତେ ନାହିଁ ଓ ସେଠାର ବନ୍ଦୋବସ୍ତ ଭିନ୍ନ ପ୍ରକାର । ଅଧିକାଂଶ ଖାସମହାଲ ଜମିଦାରପେଟରେ ବନ୍ଦୋବସ୍ତ ହୋଇଥିବାରୁ ଏଠା କଲେକ୍ଟରର ଖାସମହାଲ ତାହା ଉପର ସିକମୀ ସ୍ୱରୂପ ଗଣ୍ୟ ହୋଇ ତାହାଙ୍କର ପଥକର ଜମିଦାରଦ୍ୱାରା ଆଦାୟ ହେବାର ବିଧି ହୋଇଅଛି ସୁତରାଂ ସେଦେଶର କଲେକ୍ଟରୀରେ ଏଠାପରି ପଥକର ଦେବା ବ୍ୟକ୍ତିଙ୍କର ଭିଡ଼ ଓ କଷ୍ଟ ହୋଇ ନ ଥିବ, ଯାହା ଘଟୁଥାଇ । କମିସନରସାହେବ ଆମ୍ଭମାନଙ୍କର ଲେଖାନୁସାରେ ଏଠାର ଅବସ୍ଥା ଜଣାଇ ଉପଯୁକ୍ତ ପ୍ରସ୍ତାବ କରିବାରୁ ବୋର୍ଡରେ ତାହା ଗୃହୀତ ହେଲା । ଆଉ ଏଣିକି ଏଠା ଖାସମହାଲଦାରଙ୍କର କଷ୍ଟ ନ ହେବ, କାନୁନଗୋଇ ଯେତେକ ଅଧିକା ନେଇ ପାରିବେ ସେତେକ କମ ହେଲେ ମଧ୍ୟ ତୁଳନାରେ ତାହା କିଛି ନୁହେଁ ଆମ୍ଭମାନଙ୍କର ଏକାନ୍ତ ଇଚ୍ଛା ଏହି ଯେ କାନୁନଗୋଇମାନେ ଯେପରି ଏବିଷୟରେ ଅତ୍ୟାଚାର କରି ନ ପାରନ୍ତି ଓ କମିସନରସାହେବ ଏ ପକ୍ଷରେ ଦୃଷ୍ଟି ରଖି ଥାଉନ୍ତୁ ।

---

## ଚାଉଳ ରପ୍ତାନି

ବଙ୍ଗଳାର ଦୁର୍ଭିକ୍ଷ ସମୟରେ ଗବର୍ଣ୍ଣମେଣ୍ଟ ଛଅଲକ୍ଷ ମହଣ ଚାଉଳ ଓଡ଼ିଶାରୁ ନେବାର ବନ୍ଦୋବସ୍ତ କରିବାରୁ ଲୋକେ ଭୀତ ହୋଇଅଛନ୍ତି ଓ ଏମନ୍ତ ଅନୁମାନ ମଧ୍ୟ ଅନେକ ଲୋକ କରୁଅଛନ୍ତି ଯେ ଏଥିରେ ଏ ପ୍ରଦେଶରେ ଦୁର୍ଭିକ୍ଷ ଘଟିବ କାରଣ ଏତେ ଚାଉଳ

Digitized by srujanika@gmail.com

Split by PDF Splitter

224



ଏଠାରୁ ବାହାରିଗଲେ ଲୋକେ ଖାଇବାକୁ ପାଇବେ ନାହିଁ । ଛଅଲକ୍ଷ ମହଣ ଚାଉଳ ଏ ଦେଶରୁ ରପ୍ତାନୀ ହୋଇ ପାରେ କି ନା ଏହା ଜାଣିବା କାରଣ ଅମ୍ଭେମାନେ ରପ୍ତାନୀ ତାଲିକା-ମାନ ସଂଗ୍ରହ କରୁଅଛୁଁ । ଇହିଁରୁ ଦେଖାଯାଏ ଯେ ଗତ ପାଞ୍ଚବର୍ଷ ମଧ୍ୟରେ ଓଡ଼ିଶାର ଛ ବନ୍ଦରରୁ ନିମ୍ନଲିଖିତ ପରିମାଣରେ ଚାଉଳ ବିଦେଶକୁ ଯାଇ ଅଛି ଯଥା ।

| ସନ | କଟକ | ପୁରୀ | ବାଲେଶ୍ୱର | ମୋଟ |
|---|---|---|---|---|
| ସନ ୧୮୭୦।୭୧ | ମ ୧୦୦୨୬ | ମ ୨୮୬୬୨ | ମ ୨୮୬୦୦୦ | ମ ୨୬୨,୬୬୮ |
| ସନ ୧୮୭୧।୭୨ | ମ ୬୮୭୬୨ | ମ ୧୬୨୨୨୬ | ମ ୩୦୦୦୦୦ | ମ ୬୪୪୭୬୭ |
| ସନ ୧୮୭୨।୭୩ | ମ ୨୨୪୪୪୨ | ମ ୧୦୪୪୪୨ | ମ ୪୦୦୦୦୦ | ମ ୬୯୮,୦୦୦ |
| ସନ ୧୮୭୩।୭୪ | ମ ୧୦୩୨୨୬ | ମ ୧୨୦୬୪୨ | ମ ୪୮୫୦୦୦ | ମ ୭,୦୭,୦୬୨ |
| ସନ ୧୮୭୪।୭୫ | ମ ୨୪୪୪ | ମ ୨୪୪୦୭୪ | ମ ୪୦୩୦୦୦ | ମ ୭,୩୮,୭୬୮ |

ଉପରଲିଖିତ ପାଞ୍ଚବର୍ଷ ମଧ୍ୟରେ ପ୍ରଥମ ଦୁଇବର୍ଷ ଦୁର୍ଭିକ୍ଷ ଭୟରୁ ପଡ଼ିଥିବାରୁ ସୁତରାଂ ରପ୍ତାନୀ ଭଲ ହୋଇଥିଲା ଅବଶିଷ୍ଟ ତିନିବର୍ଷକୁ ସାଧାରଣ ବର୍ଷ ବୋଲିବାକୁ ହେବ ଏଥି ମଧ୍ୟରେ ଦେଖାଯାଏ ଯେ ପ୍ରତିବର୍ଷ ହାରାହାରିରେ ପ୍ରାୟ ସାତଲକ୍ଷ ମହଣ ଚାଉଳ ଓଡ଼ିଶାରୁ ରପ୍ତାନୀ ହୋଇ ଅଛି ଓ ଇହିଁରେ ଏ ପ୍ରଦେଶର ଲୋକମାନେ କଷ୍ଟ ଦୁଃଖ ପାଇ ନାହାନ୍ତି । ଏ ବର୍ଷର ଫସଲ ଗତ ଦୁଇବର୍ଷର ଫସଲ ଅପେକ୍ଷା ବାହୁଲ୍ୟ ଭଲ ସତ୍ୟ ମାତ୍ର ଏତାଦୃଶ ଭଲ ନୁହଇ ଯେ ଛଅ ଲକ୍ଷ ମହଣ ରପ୍ତାନୀକରେ କୌଣସି ବିଶେଷ ଅନିଷ୍ଟ ହେବ । ଅମ୍ଭେମାନେ ବିବେଚନା କରୁଁ କି ଯେବେ ଗଲାବର୍ଷର ଫସଲକୁ ଷୋଳଅଣା ଓ ଏ ବର୍ଷର ଫସଲକୁ ବାରଅଣା ଜ୍ଞାନ କରିବାକୁ ହୁଏ ତେବେ ସୁଦ୍ଧା ଏ ବର୍ଷ ପାଞ୍ଚ ବା ଛ ଲକ୍ଷମହଣ ଚାଉଳ ଅନାୟାସରେ ରପ୍ତାନୀ ହୋଇ ପାରେ ଓ ସରକାରର ଛଅଲକ୍ଷ ଛଡ଼ା ମହାଜନମାନେ ଦୁଇ ଛଅଲକ୍ଷ ମହଣ ଚାଉଳ ରପ୍ତାନୀ କରି ପାରନ୍ତି କିନ୍ତୁ ସରକାର ଚାଉଳ କିଣୁଅଛନ୍ତି ବୋଲି ଯେପରି ଦର ବୃଦ୍ଧି ହୋଇଅଛି ଓ ମାନ୍ଦ୍ରାଜ ପ୍ରଦେଶରେ ଯେଉଁ ପ୍ରକାର ଅନ୍ନ ଭିନ୍ନ ହୋଇଅଛି ଇହିଁରେ ଦେଖାଯାଏ ଯେ ଏବର୍ଷ ତେଲଙ୍ଗା ମହାଜନମାନେ ଅଧିକ ଚାଉଳ କିଣିବାକୁ ସାହସ କରିବେ ନାହିଁ ଓ କଲିକତାରେ ମଧ୍ୟ ଦର ସହଜ ହୋଇ ଅଛିଥିବାରୁ ସେଠାକୁ ମଧ୍ୟ ଅନ୍ୟଲୋକେ ଅଧିକ ଚାଉଳ ନେବେ ନାହିଁ ସୁତରାଂ ଏଠାରେ ଭାଉ ବସ୍ତୁର ବଢ଼ିବାର ସମ୍ଭାବନା ନାହିଁ । ଯେବେ ଅମ୍ଭମାନଙ୍କର ଏ ଆଶା ସଫଳ ହୁଏଇ ତେବେ କଣ୍ଟ୍ରାକ୍ଟ ରପ୍ତାନୀଦ୍ୱାରା ଓଡ଼ିଶାର ଲାଭ ଅଛି ସନ୍ଦେହ ନାହିଁ । ସରକାର ଯେଉଁ ଛଅଲକ୍ଷ ମହଣର କଣ୍ଟ୍ରାକ୍ଟ ଦେଇ ଅଛନ୍ତି ତାହାଛଡ଼ା ଆଉ ଦୁଇଲକ୍ଷମହଣ ନେବାକୁ ଅଦେଶ ପଠାଇ ଥିଲେ ମାତ୍ର କଲିକତାର ବଜାରର ଅବସ୍ଥା ଦେଖି ତାହା ରହିତ କରି ଅଛନ୍ତି । ଏ ଆଜ୍ଞା ରହିତ ହୋଇ ନ ଥିଲେ ଚାଉଳର ଦର ଅଧିକ ବୃଦ୍ଧି ହୋଇ ଥାନ୍ତା ଓ ଇହିଁରେ ଏଠା ଦରିଦ୍ରଅଙ୍କର ବଡ଼ କଷ୍ଟ ହୁଅନ୍ତା କିନ୍ତୁ ଯେ ପର୍ଯ୍ୟନ୍ତ କଲିକତାରେ ଚାଉଳର ଦର ଭଲ ନ ହେବ ସେ ପର୍ଯ୍ୟନ୍ତ ଏଠା ଦରିଦ୍ରଅଙ୍କର କ୍ଳେଶ ନିବାରଣ ହୋଇ ହେବ ନାହିଁ ।

ଯେଉଁ ରୀତିରେ ଚାଉଳର କଣ୍ଟ୍ରାକ୍ଟ ଦିଆ ଯାଇ ଅଛି ଇହିଁ ସମ୍ବନ୍ଧରେ ଗତ ଏକ ପ୍ରସ୍ତାବ ଡେଲିନ୍ୟୁସରେ ଏହି ମର୍ମରେ ବାହାରି ଅଛି ଯେ ସରକାର କଣ୍ଟ୍ରାକ୍ଟ ନ ଦେଇ ଅପଣା କର୍ମଚାରୀ କମିସେରିଏଟଙ୍କର ପ୍ରତିନିଧିଦ୍ୱାରା ଚାଉଳ କିଣାଇ ଥିଲେ ଭଲ ହୋଇ ଥାନ୍ତା । ଅମ୍ଭେମାନେ ଏ ମତରେ ଐକ୍ୟ ହେଉଁ । ସରକାରୀ କର୍ମଚାରୀମାନଙ୍କଦ୍ୱାରା ଚାଉଳ କିଣାଇଲେ ଲାଭ ହୁଅନ୍ତା କି ନାହିଁ ସନ୍ଦେହ ମାତ୍ର କାର୍ଯ୍ୟ ନିବାରଣ ହୁଅନ୍ତା ନାହିଁ । କଣ୍ଟ୍ରାକ୍ଟ ଦେବା ରୀତିଟି ଉତ୍ତମ ଅଟଇ । ତେବେ ଯେ ଅମ୍ଭେମାନେ ଏଥିର ପୋଷକତା କରୁ ନ ଥିଲୁଁ ତାହାର ମର୍ମ ଏହି ଯେ ସର୍ବସାଧାରଣଙ୍କୁ ଜଣାଇ ନ ଦେଇ କଣ୍ଟ୍ରାକ୍ଟର ବିଷୟ କରିଥିଲେ ଗବର୍ଣ୍ଣମେଣ୍ଟ ବହୁ ସୁଲଭ ମୂଲ୍ୟରେ ଚାଉଳ ପାଇ ଥାନ୍ତେ ଏପରି ଅମ୍ଭେମାନେ ଅନୁମାନ କରୁଅଛୁଁ କାରଣ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ଉଚିତ ମୂଲ୍ୟରେ କିଣା ହୁଅନ୍ତା ଏମନ୍ତ ଆଶା ଅମ୍ଭେମାନେ ପରିତ୍ୟାଗ କରି ନ ପାରୁଁ । ଡେଲିନ୍ୟୁସର ଲେଖକ ଆଉ ଗୋଟିଏ ଦୋଷ ଏହି ଧରନ୍ତି ଯେ କମ ଜାମିନରେ ଅପରିଚିତ ଲୋକଙ୍କୁ ବହୁତର ଟଙ୍କା ଦାଦନ ଦିଆଯାଇ ଅଛି ଏ କାର୍ଯ୍ୟରେ ବଡ଼ ଭରସା ପଣ ହୋଇ ଅଛି । ସତ୍ୟ କିନ୍ତୁ ତାହାବୋଲି ଏମନ୍ତ ବୁଝାଯାଇ ନ ପାରେ ଯେ କଣ୍ଟ୍ରାକ୍ଟ ଛଡ଼ା ଆଉ ଦୁଇଜଣ କଣ୍ଟ୍ରାକ୍ଟର ଅପରିଚିତ ବ୍ୟକ୍ତି ଅଟନ୍ତି କାରଣ ଏମାନେ ଏଠାରେ ଅନେକ ଦିନରୁ ଚାଉଳ ଲୁଣ ଓ ଲବଣ ଇତ୍ୟାଦିର ବ୍ୟବହାର କରି ଅଛନ୍ତି ଓ ଏଠାଲୋକେ ସମସ୍ତେ ଏହାଙ୍କୁ ଜାଣନ୍ତି । ସୁତରାଂ ଏମାନେ କେହି ଅପରିଚିତ ନୁହନ୍ତି ବରଂ କାର୍ଯ୍ୟକ୍ଷମ ଲୋକ ବୋଲି ସକଳ ହାକିମଙ୍କୁ ଜଣାଅଛି ।

## ବଡ଼ଲୋକ ।

ଅସ୍ମଦ୍ଦେଶରେ ଦ୍ରବ୍ୟବନ୍ତ ଲୋକଙ୍କୁ ସମସ୍ତେ ବଡ଼ଲୋକ କହନ୍ତି ଏବଂ ଇଦାନୀଂ ଆଉ ଗୋଟିଏ ନାମ ବାହାରି ଅଛି ଯେ ଏପରି ଲୋକଙ୍କୁ ସମସ୍ତେ ବାବୁ ବୋଲି ସମ୍ବୋଧନ କରନ୍ତି କିନ୍ତୁ ଅମ୍ଭମାନଙ୍କ ମତରେ ଦ୍ରବ୍ୟବନ୍ତ ଲୋକଙ୍କୁ ବାବୁ ବା ବଡ଼ଲୋକ କହିବା ଉଚିତ ନୁହେଁ ଅଟଇ । ଅତଏବ ଯେଉଁମାନେ ବାବୁ ବା ବଡ଼ଲୋକ ବୋଲାଇ ଅଛନ୍ତି ଅଥବା ଯାହାଙ୍କୁ କେହି କହନ୍ତୁ ବା ନ କହନ୍ତୁ ସେ ଅଗତ୍ୟା କରି ପଣା ନାମ ପୂର୍ବେ ଅପେ ବାବୁ ଶବ୍ଦଟି ବସାଇ ଦେଉଥାନ୍ତି, ସେମାନେ ଅମ୍ଭମାନଙ୍କ କଥାକୁ କୁ ନ ନେବେ ଅବା ଅମ୍ଭମାନଙ୍କ ଈର୍ଷାଧର୍ମୀ ବୋଲି ଜ୍ଞାନ କରିବେ କିନ୍ତୁ ଇହିଁରେ ଅମ୍ଭମାନଙ୍କର ଗୋଚର ନାହିଁ । ଅମ୍ଭେମାନେ ତାହାଙ୍କର ପଦ ଛଡ଼ାଇ ନେବାକୁ ଚେଷ୍ଟା କରୁ ନାହୁଁ । କେବଳ ଏତିକି ଆଶା କରୁଁ ଯେମନ୍ତ ଅର୍ଥବିହୀନ ପଦଦ୍ୱାରା ତାହାର ବୃଥା ଗୌରବ ବୃଦ୍ଧି ନ ହେଉ ।

ବଡ଼ଲୋକ ବୋଇଲେ ଅତି ଶିଷ୍ଟ ଧର୍ମୀ ମହତ୍ ଲୋକଙ୍କୁ ବୁଝାଏ, ଯେମନ୍ତ କି ଇହିଁର ଉପଯୁକ୍ତ ସ୍ଥାନର ପଦ ଛୋଟଲୋକ ଉପରେ ଲୋକଙ୍କୁ ବୁଝାଏ । କିନ୍ତୁ ବର୍ତ୍ତମାନ ବ୍ୟବହାରାନୁସାରେ ଅତି ଛୋଟଲୋକକୁ ସୁଦ୍ଧା ବଡ଼ଲୋକ ବୁଝାଯାଉ

Digitized by srujanika@gmail.com

Split by PDF Splitter



ଅଛି । ଯେଉଁମାନେ ଜାତିଭେଦ ମାନନ୍ତି ସେମାନେ ବ୍ରାହ୍ମଣଙ୍କୁ ବର୍ଣ୍ଣଶ୍ରେଷ୍ଠ ବୋଲି ବଡଲୋକ କହି ପାରନ୍ତି ଫଳତଃ ବ୍ରାହ୍ମଣ ସକଳ ବର୍ଣ୍ଣର ପୂଜ୍ୟ ହେବାରୁ ସୁତରାଂ ବଡଲୋକ ହୋଇଅଛି ଆଉ ସବୁ ଜାତି ତାହା ସମ୍ମୁଖରେ ଛୋଟଲୋକ କିନ୍ତୁ ଜାତିର ତତ୍ତ୍ୱ ଅନୁସନ୍ଧାନ କଲେ କ୍ରିୟା ଜାତିର ମୂଳକାରଣ ହୋଇଅଛି । ଯେଉଁମାନେ ଉତ୍କୃଷ୍ଟ କ୍ରିୟା କରନ୍ତି ସେମାନେ ଧନହୀନ ହେଲେ ମଧ୍ୟ ବଡଲୋକ, ସମସ୍ତେ ତାହାଙ୍କର ପୂଜା କରନ୍ତି ଓ ଯେଉଁମାନେ ନୀଚକ୍ରିୟାରେ ଥାନ୍ତି ସେମାନେ କୋଟିପତି ହେଲେ ସୁଦ୍ଧା ଛୋଟଲୋକ । ଏହି ହେତୁରୁ ତେଲି, ତାମ୍ବୁଲୀ, କେଉଟ ପ୍ରଭୃତି ଯେତେ ଧନୀ ହେଉନ୍ତୁ ତାହାଙ୍କୁ ଲୋକେ ଛୋଟଲୋକ ବିବେଚନା କରି ତାହାଙ୍କ ସଂସର୍ଗୀ ହେବାକୁ ଅସମ୍ମତ ହୁଅନ୍ତି । ତେଲି ତାମ୍ବୁଲୀ ପ୍ରଭୃତି ହାଟୁଆମାନଙ୍କୁ ଛୋଟଲୋକ ଜ୍ଞାନ କରିବାର କାରଣ ଏହି ଅନୁମାନ ହୁଅଇ ଯେ ତାହାଙ୍କର ସ୍ତ୍ରୀମାନେ ହାଟକୁ ଯାଇ ବିକାକିଣା କରନ୍ତି ବି ଉକ୍ତ କ୍ରିୟା ଦେଶାଚାରମତେ ଦୂଷଣୀୟ ଅଟଇ । ସୁତରାଂ ପରମ୍ପରା ଏହି ବିଧାନ ଅଛି ଯେ ଦେଶାଚାରମତେ ଯାହାର କ୍ରିୟା ଶୁଦ୍ଧ ସେହି ବଡଲୋକ ନଚେତ୍ ଧନ ଅର୍ଜିଲେ କେହି ବଡଲୋକ ହୁଅଇ ନାହିଁ । ତେବେ ଯେ ଲୋକେ ଯେ ସେ ଧନୀ ମନୁଷ୍ୟଙ୍କୁ ବଡଲୋକ କହନ୍ତି ଏହା କେବଳ ଭ୍ରମାତ୍ମକ । କାହାର ବିସ୍ତର ଧନ ଅଛି ତ ସେ ବଡଲୋକ ଯାହାର ଘୋଡାକୁ ଭଲ କରି ଚଢି ବୁଲଇ ସେ ବଡଲୋକ ଯାହାର ଆଗପଛରେ ଚାକରଲୋକ ହୁକା ଧରାଇ ଦୌଡି ଥାନ୍ତି ସେ ବଡଲୋକ । ଅମ୍ଭେମାନେ କହୁଁ ଏମାନେ କେହି ବଡଲୋକ ନୁହନ୍ତି । ଏମାନେ ଧନୀ ।

ଧନୀ ଲୋକଙ୍କୁ ଯେ ବାବୁ କହନ୍ତି ତାହା ମଧ୍ୟ ଭୁଲ ମାତ୍ର ବଡ଼ଲୋକ ଯେ ବାବୁ ଏଥିରେ କିଛି ସନ୍ଦେହ ନାହିଁ । ବାବୁଶବ୍ଦ ବହୁକାଳରୁ ଓଡିଶାରେ ବ୍ୟବହାର ହୋଇ ଆସୁଅଛି କିନ୍ତୁ ପୂର୍ବେ ବାବୁର ଅର୍ଥ ଯାହା ଥିଲା ବର୍ତ୍ତମାନ ତାହା ନାହିଁ । ଅଧୁନାକ ବାବୁଶବ୍ଦ ବଙ୍ଗଳାରୁ ଆସିଅଛି ଓ ତାହାର ଅର୍ଥ ଯେ ଅଧିକ ଧନ ବ୍ୟୟ କରି ନାନାପ୍ରକାରେ ଲୋକଙ୍କର ଉପକାର କରଇ ସେହି ବଡ଼ଲୋକ ଓ ବାବୁ । ପରନ୍ତୁ ନ ଦେଇ ଆପଣାର ଗୌରବ ଦେଖାଇବାପାଇଁ କେହି ବାବୁ କିମ୍ବା ବଡଲୋକ ହୋଇ ନାହିଁ । ଯାହାର ଧନ ହେଲେ ଅପର ଲୋକର ତହିଁରେ କଲଭ ? ଖଜଣାଖାନାରେ ବହୁତ ଧନ ଅଛି ଓ ଯେଉଁ ଲୋକ ଖର୍ଚ୍ଚ ନ କରେ ସେ ଯେବେ ଖଜଣାଖାନାକୁ ଆପଣାର ଧନାଗାର ଜ୍ଞାନ କରେ ତେବେ ତହିଁରେ ଦୋଷ ନାହିଁ । ଏରୂପେ ସବୁ ମନୁଷ୍ୟ ଆପଣାକୁ ଧନବାନ୍ ଜ୍ଞାନ କରିପାରନ୍ତି ଓ ସାଧାରଣଙ୍କ ବିବେଚନାରେ ଅତି ଦରିଦ୍ର ସୁଦ୍ଧା ଧନବାନ୍ । ଧନ ଥିବା ବଡ଼ଲୋକ ହେବାର ଉପାୟ ମାତ୍ର ଅର୍ଥାତ୍ ଧନୀ ଲୋକ ଯେବେ ମନେ କରେ ତେବେ ବଡ଼ଲୋକ ହୋଇପାରେ କିନ୍ତୁ ଯେପର୍ଯ୍ୟନ୍ତ ସେ କାର୍ଯ୍ୟଦ୍ୱାରା ଆପଣା ମାନସ ସଫଳ କରି ନାହିଁ ସେପର୍ଯ୍ୟନ୍ତ ସେ ବଡଲୋକ ହୋଇ ନ ପାରେ । ଯେଉଁ ଲୋକ ଯେତେ ଧନ ଅର୍ଜଇ ସବୁ ସାଧାରଣ ହିତ ସକାଶେ ବ୍ୟୟ କରଇ ଦିଏ ସେ ନିର୍ଦ୍ଧନ ହେଲେହେଁ ବାସ୍ତବରେ ବଡଲୋକ ଅଟଇ ଲାଲବାବୁ ବଡଲୋକ ଥିଲେ କାରଣ ତାହାଙ୍କର କୀର୍ତ୍ତି ଅଦ୍ୟାପି ଯାତ୍ରୀଙ୍କମାନ ରହିଅଛି । ଏହିପରି ଅନେକ ବଡଲୋକ ଓ ବାବୁଙ୍କର ନାମ ଉଲ୍ଲେଖ ହୋଇପାରେ । ଗୁଣିଙ୍କ ଗୁଣ ଚିହ୍ନିବା ଦୁଃଖୀର କାତରଅବସ୍ଥା ଦେଖି ଦୁଃଖିତ ହେବା ଓ ତାହା ମୋଚନ କରିବାର ଚେଷ୍ଟା କରିବା ସାଧାରଣଙ୍କ ହିତ କଳ୍ପନା କରିବା ଓ ଦେଶର ଅବସ୍ଥା ଉନ୍ନତିର ଚେଷ୍ଟା କରିବା ଓ ଏହିସମସ୍ତ ଉଦ୍ଦେଶ୍ୟରେ ଯଥାସାଧ୍ୟ ଅର୍ଥବ୍ୟୟ ଓ ଶ୍ରମ କରିବା ପ୍ରକୃତ ବଡଲୋକର ଲକ୍ଷଣ । ଏମନ୍ତ ଲୋକ ଦୁଃଖୀ ହେଲେହେଁ ପ୍ରକୃତରେ ବଡଲୋକ ଅଟଇ ଓ ଯାହାଠାରେ ଏସବୁ ଚିହ୍ନ ଦେଖା ନାହିଁ ସେ ଯେତେ ଋଦ୍ଧିବନ୍ତ ହେଉ ବାସ୍ତବରେ ସେ ଛୋଟଲୋକ । କଟକରେ ଭୂତପୂର୍ବ ଡିପୁଟୀଙ୍କ ମଧ୍ୟରେ ମୋହନଲାଲ ବଡଲୋକ ଥିଲେ ସମ୍ପ୍ରତି ବାଲେଶ୍ୱର ମହାଜନଙ୍କ ମଧ୍ୟରେ ବାବୁ ଶ୍ୟାମାନନ୍ଦ ଦେ ମୋଟିଏ ବଡଲୋକପଣିଆ ଦେଖାଇ ଅଛନ୍ତି ନୋହିଲେ ଓଡିଶାରେ ଅବଧି ବଡଲୋକଙ୍କ ସଂଖ୍ୟା ଅତି ବିରଳ । ଅମ୍ଭେମାନେ ଓଡିଶାବାସିଙ୍କୁ ଉପରୋକ୍ତକଥାମାନ ଏହି ଉଦ୍ଦେଶ୍ୟରେ ସ୍ମରଣ କରାଇ ଦେଉଅଛୁଁ ଯେ ସେମାନେ କେବଳ ଧନ ଅର୍ଜନ କଲେ ବୋଲି ଲୋକେ ଯେ ତାହାଙ୍କୁ ବଡଲୋକ ବା ବାବୁ କହୁଅଛନ୍ତି ତହିଁରେ ସେମାନେ ଆପଣାକୁ ଗୌରବାନ୍ୱିତ ମନେ ନ କରୁ ଯହିଁରେ ପ୍ରକୃତ ବଡଲୋକ ବା ବାବୁ ହେବେ ତହିଁରେ ଯତ୍ନବାନ୍ ହେଉନ୍ତୁ ।

---

# ସାପ୍ତାହିକସଂବାଦ ।

ତାରକେଶ୍ୱରର ମହନ୍ତ ତିନିବର୍ଷ କାରାବାସର ଦଣ୍ଡ ପାଇଅଛନ୍ତି ଭ୍ରମ କ୍ରମେ ଅମ୍ଭମାନଙ୍କର ଛାପାକାରମାନେ ଗତସପ୍ତାହର ଦୀପିକାରେ ତାହାକୁ ଛଅମାସ ଲେଖିଥିଲେ । ପାଠକମାନେ ଏ ଭ୍ରାନ୍ତି ସଂଶୋଧନ କରିନେବେ ।

ଗତ ଶୁକ୍ରବାର ଶ୍ରୀଯୁକ୍ତ ରେଭେନସା ସାହେବ କମିଶନର ଗଡଜାତ ଭ୍ରମଣ ସକାଶେ ଏ ନଗରରୁ ଯାତ୍ରା କଲେ ।

ଅମ୍ଭେମାନେ ଶୁଣିଲୁଁ ଯେ ବିମ୍ସ ସାହେବ ତାମ୍ରପତ୍ର ଶିଳା ପ୍ରକାର ମନ୍ତ୍ରର ଓ ବିବାଦ ଅତି ସହଜ ଓ ସୁନ୍ଦରରୂପେ ନିଷ୍ପତ୍ତି କରି ଅଛନ୍ତି । ଏହା ଅତି ସୁଖଜନକ ବିଷୟ ଅଟଇ, ଏଥିର ସବିଶେଷ ବୃତ୍ତାନ୍ତ ଅବଗତ ହେଲେ ପାଠକମାନଙ୍କୁ ଜଣାଇବୁଁ ।

ଗତ ପ୍ରକାଶିତ କଲିକତା ଗେଜେଟ୍ରୁ ପ୍ରକାଶ ଯେ ଶ୍ରୀଯୁକ୍ତ ବିମ୍ସସାହେବ ପ୍ରଥମଶ୍ରେଣୀର କଲେକ୍ଟର ମାଜିଷ୍ଟ୍ରେଟ ହୋଇ ଅଛନ୍ତି ଓ ବାବୁ ଜଗନ୍ମୋହନ ରାୟ ଡେପୁଟୀକଲେକ୍ଟର ଛଅମାସର ଅନୁଗ୍ରହ ଛୁଟୀ ପାଇଅଛନ୍ତି ।

ଶୁଣାଯାଏ ଯେ ବର୍ଦ୍ଧମାନର ମହାରାଜା ଆପଣା ଜମିଦାରୀ କିଲା କୁଜଙ୍ଗରୁ ତିରିଶହଜାର ଟଙ୍କାର ଚାଉଳ କିଣି ବଙ୍ଗଳାକୁ ପଠାଇବାପାଇଁ ଆଜ୍ଞା ଦେଇ ଅଛନ୍ତି । ଏ ଚାଉଳ ନେଇ ସେଠା ଜମିଦାରୀ କବୁର ପ୍ରଜାମାନଙ୍କୁ ସାହାଯ୍ୟ କରିବେ ।

ଗତ ସପ୍ତାହଠାରୁ ଏ ନଗରସ୍ଥ ନର୍ମ୍ମାଲ ଓ ଇଂରାଜୀ ସ୍କୁଲମାନ ଏକମାସ ଓ ଏକମାସ ଦଶଦିନ ପାଇଁ ବନ୍ଦ ହୋଇଅଛି ଓ ବଙ୍ଗଦେଶୀୟ ଶିକ୍ଷକମାନେ ପ୍ରାୟ ସମସ୍ତେ ଏହି ଅବସରରେ ଆପଣା ଆପଣା ଘରକୁ ଯାଇ ଅଛନ୍ତି ।

ମାହାଙ୍ଗାରେ ଏକ ଭୂତ ଜଣେ ସ୍ତ୍ରୀଲୋକ ପ୍ରତି ଆସକ୍ତ ହୋଇଥିବା ଇତ୍ୟାଦି ବିଷୟ ଯେ ଅମ୍ଭମାନଙ୍କର 'ସୁହୃ' ଏଥିପୂର୍ବେ ଲେଖିଥିଲେ ତଦ୍ବିଷୟରେ ଅମ୍ଭେମାନେ ଅନେକ ଅନୁସନ୍ଧାନ କରି ଜାଣିଲୁଁ ଯେ ଯେତେକଥା ଶୁଣାଯାଏ ତହିଁର ଅଧିକାଂଶ ମିଥ୍ୟା ଓ ଯେତେକ ପ୍ରକୃତରେ ଘଟଇ ତାହା ଭୂତର କାର୍ଯ୍ୟ ନୁହଇ ବୋଧ ହୁଏ ସେ ସବୁ ଖଲ ଚତୁର ଲୋକର କାର୍ଯ୍ୟ ତହିଁରେ ସେ ସ୍ତ୍ରୀର ଚତୁରତା ଅଧିକ ଓ ତାହାର ସ୍ୱାମି ଗୃହକାର୍ଯ୍ୟ ବିଷୟ ଜାଣି ନ

Digitized by srujanika@gmail.com

ଜାଣିଥିବୁ । ବାସ୍ତବରେ ତାହାଣି ଭୁଲ ହୋଇ ଯଥାର୍ଥ ନାହିଁ । ପାଠକମାନେ ଏ ପ୍ରସଙ୍ଗରେ ଯେତେକଥା ଶୁଣିବେ ସେସବୁ ନିଃସନ୍ଦେହ ମିଥ୍ୟା ମଣିବେ ।

ଏମନ୍ତ ଜନରବ ଯେ ଅଗାମୀ ବର୍ଷ ଅଭ୍ୟନ୍ତରେ ସର୍ ଜର୍ଜ କାମ୍ବଲ ସାହେବ ଏଠା କର୍ମ ତ୍ୟାଗ କରି ବିଲାତକୁ ଯିବେ ଓ ତାହାଙ୍କ ପରିବର୍ତ୍ତରେ ସର୍ ରିଚର୍ଡ ଟେମ୍ପଲ ସାହେବ ବଙ୍ଗଳାର ଲେଫ୍‌ଟନେଣ୍ଟ ଗବର୍ଣ୍ଣର ହେବେ । ଏ ସମ୍ବାଦ ଅନଦ୍ଭୁତ ନ ହୁଅଇ ଅମ୍ଭେମାନେ କହି ନ ପାରୁଁ । ତେବେ ମଧ୍ୟପ୍ରଦେଶର ଗ୍ରାସହରେ ଏହାଙ୍କର ସୁଖ୍ୟାତି ଶୁଣାଅଛୁ ।

ଡେଲିନ୍ୟୁସ ଏମନ୍ତ ଜନରବ ଶୁଣି ଅଛନ୍ତି ଯେ ବାବୁ ସୁରେନ୍ଦ୍ରନାଥ ବାନର୍ଜିଙ୍କ ନାମରେ ଗବର୍ଣ୍ଣମେଣ୍ଟ ଯେ ସମସ୍ତ ଅଭିଯୋଗ କରିଥିଲେ ସେ ସମସ୍ତରୁ ସେ ନିର୍ଦ୍ଦୋଷୀ ହୋଇ ଅଛନ୍ତି । ଏ କଥାଟି ସତ୍ୟ ହେଲେ ଅତ୍ୟନ୍ତ ସୁଖର ବିଷୟ ଅଟଇ ସନ୍ଦେହ ନାହିଁ ଓ ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ବିଚାରର ଯଥାର୍ଥ ମର୍ଯ୍ୟାଦା ଏହାଦ୍ୱାରା ରକ୍ଷା ପାଇବ ।

ଡେଲିନ୍ୟୁସରୁ ଅବଗତ ହେଲୁଁ ଯେ ତାରକେଶ୍ୱରର ମହନ୍ତ କେତେକ୍ଷଣ ଜେଲଖାନାରେ କାର୍ଯ୍ୟ କରି ପୀଡିତ ହେବାରୁ ତାହାଙ୍କୁ ହାସପାତାଲରେ ରଖାଯାଇଅଛି ।

ଡେଲିନ୍ୟୁସ ଲେଖନ୍ତି ଯେ ତାରକେଶ୍ୱରର ମହନ୍ତ ଯେତେକ ସୋରିଷତେଲ ହୁଗୁଳିଜେଲଖାନାରେ ପ୍ରସ୍ତୁତ କରୁଥିଲେ ତହିଁର ସେର ଟ ୯୯ ଙ୍କା ଲେଖାଏ ବିକ୍ରୟ ହେଉଅଛି । ଏ ତେଲ ପବିତ୍ର ବୋଲି ତାରକେଶ୍ୱର ଓ ଚତୁର୍ଦ୍ଦିଗ ସ୍ଥାନର ଲୋକମାନେ ନେଇ ଯାଉଅଛନ୍ତି ଏ ସମ୍ବାଦ କେତେଦୂର ସତ୍ୟ ଅମ୍ଭେମାନେ କହି ନ ପାରୁଁ କିନ୍ତୁ ଲୋକଙ୍କ କୁସଂସ୍କାର ପ୍ରତି ତାହା ଅଧିକ ନୁହଇ ।

ଇଂଲିସମ୍ୟାନ ଲେଖନ୍ତି ଯେ ଗତ ସପ୍ତାହରେ ୧୦ ହଜାର ମହଣ ଚାଉଳ କଲିକତାରୁ ବିଦେଶକୁ ରପ୍ତାନି ହୋଇଅଛି । ଦୁର୍ଭିକ୍ଷ ସମୟରେ ଏପ୍ରକାର ରପ୍ତାନି ହେବା ଚମତ୍କାର ବିଷୟ ଅଟଇ ।

ପାଇୟୋନିଅର ଲେଖନ୍ତି ଯେ ୧୫୦୦୦ ହଜାର ମହଣ ଶସ୍ୟ ବିଦେଶରେ କ୍ରୟ କରି ଉଲ୍ଲୀବ ବଗଲପୁର ଓ ବାଜପାଲକୁ ନିତ୍ୟ୨ ଆସୁଅଛି । ସମୁଦାୟ ମାଲ ଗୋଦାମ ଓ ଅନେକ ରେଲଗାଡି ମଧ୍ୟ ଏହି ଦ୍ରବ୍ୟରେ ପରିପୂର୍ଣ୍ଣ ରହିଅଛି । ଏହି ପ୍ରକାର ଅମଦାନୀ ହେବାରୁ ବୋଧ ହୁଅଇ କଲିକତାର ବଜାର ଶୀତଳ ହୋଇଅଛି ।

ମାନ୍ଦ୍ରାଜରେ ଦଶରଥଗଡ ପ୍ରସ୍ତୁତ କରିବାକୁ ଅନେକ ଲୋକ ପ୍ରାର୍ଥୀ ହେବାରୁ ବୋର୍ଡ ରେବନ୍ୟୁ ସ୍ଥାପନ କରିଅଛନ୍ତି ଯେ ମାନ୍ୟ ଓ ଚରିତ୍ର ବ୍ୟକ୍ତିଙ୍କୁ କଲେକ୍ଟରଙ୍କ ପଟ୍ଟା ଦେଇ ପାରିବେ ଓ ଯେତେ ସିଅର ସଗ୍ରବ ପ୍ରସ୍ତୁତ ହେବ ତହିଁରେ ଗାଲନ ପ୍ରତି ଏକ ଅଣା ଲେଖାଏଁ ଟିକସ ଲାଗିବ ।

ପାରସ୍ୟର ବାଦସାହ କଲିକତା ଫେରି ଆସି ଗୋଟିଏ ସୁନ୍ଦର କାର୍ଯ୍ୟ ଏହି କରିଅଛନ୍ତି ଯେ ବାଦସାହ ବାଟରେ ଚଳେ ଚଳେ ଯେତେ ଫକୀରମାନେ ବାଟ ପଡିବାକୁ ରହିବା ଠାରୁ ଲୋକଙ୍କୁ ଯାହା ପ୍ରକାର କରୁଥିଲେ ତାହା ବନ୍ଦ ହୋଇଅଛି । ଏଥିପାଇଁ ଫକୀରମାନେ ଦଣ୍ଡ ପାଇଅଛନ୍ତି ।

ଗବର୍ଣ୍ଣମେଣ୍ଟ ସମ୍ବାଦସୂତ୍ରରେ ପ୍ରକାଶ ପାଇଅଛି ଯେ ମାରୱାଡ ଓ ଯେସଲମିରରେ ଦୁର୍ଭିକ୍ଷ ପଡିବାର ଆଶଙ୍କା ଅଛି । ସେଠାକାର ମହାରାଜା ଯୋଧପୁରରେ ବକ୍ଷଇସାଗର ନାମକ ଏକ ବୃହତ୍ ପୁଷ୍କରିଣୀ ଖୋଳାଉ ଅଛନ୍ତି ଓ ନଗର ମଧ୍ୟରେ ଘୋଷଣା ଦେଇଅଛନ୍ତି କି ଯେତେ ଲୋକ ପରିଶ୍ରମ କରିବାକୁ ଇଚ୍ଛା କରନ୍ତି ସମସ୍ତେ ଏ ପୁଷ୍କରିଣୀରେ କାର୍ଯ୍ୟ କରିବାକୁ ପାଇବେ ।

ବରୋଦାର ଗାଇକୁଆଡଙ୍କ ସକାଶେ ଯେଉଁ କମିସନ ବସିଅଛି ତହିଁରେ କେତେ ଉକୀଲ ବା ମୁକ୍ତାର ଉପସ୍ଥିତ ହେବାର ନିଷେଧ ହୋଇଅଛି ବୋଲି ହିନ୍ଦୁପେଟ୍ରିଅଟ ଲେଖନ୍ତି । ଏପରି ନିଷେଧ ବଡ ଅନ୍ୟାୟର ଅଟଇ କାରଣ ଯାହା ଉପରେ କୌଣସି ଅଭିଯୋଗ ହୁଅଇ ତାହାକୁ ଆପଣା ପକ୍ଷ ସମର୍ଥନ ସକାଶେ ଯେକୌଣସିପ୍ରକାର ସୁବିଧା ଦେବାର ସମ୍ଭବ ତାହା ଦେବାର ଉଚିତ ।

ଅଯୋଧ୍ୟା ପ୍ରଦେଶରେ ମଧ୍ୟ ବୃଷ୍ଟି ଅଭାବରୁ ଧାନ ଫସଲର ଆଶା ନାହିଁ । ସେଠା କମିସ୍ନର ଲେଖିଅଛନ୍ତି ଯେ ବହୁତ ଦଲ ଶୁଖିଯାଇ ଖଣ୍ଡି ମରିଗଲାଣି । ଓ ରବି ଫସଲ ଅଧିକ ହୋଇ ନାହିଁ ।

ଡେଲିନ୍ୟୁସରେ ପାଠକଲୁଁ ଯେ ଟମ୍ପସନ ସାହେବଙ୍କ ମତରେ ବଙ୍ଗଳାରେ ଏତେ ଶସ୍ୟ ଅଛି ଯେ ଅଗାମୀ ତିନିମାସ ମଧ୍ୟରେ ଦୁର୍ଭିକ୍ଷ ହେବାର ଆଶଙ୍କା ନାହିଁ । ଅମ୍ଭେମାନେ ଜାଣୁ ଯେ ଟମ୍ପସନ ସାହେବଙ୍କୁ ଦେଶର ସମସ୍ତ ଅବସ୍ଥା ଅନେକ ଜଣା ଅଛି ଓ ଓଡିଶା ଦୁର୍ଭିକ୍ଷ ସମୟରେ ଏହାଙ୍କର ସଦ୍‌ବିଶ୍ୱରରୁ ଅନେକ ସୁଫଳ ଘଟିଥିଲା ମାତ୍ର ଯେତ୍ତେଲେ ନାନା ସ୍ଥାନରୁ ଅମଦାନି ହେବା ପ୍ରତ୍ୟକ୍ଷ ବଙ୍ଗଳାରେ ଚାଉଳ ସ୍ତୂପ କରୁଅଛି ସେତେବେଳେ ଏପରି ବକ୍ତୃର ଉପରେ ନିର୍ଭର କରିବା ବିବେକପଣିଆ ଅଟଇ କି ନାହିଁ ସନ୍ଦେହ ହେଉଅଛି ।

ଗତ ଅଠମାସରେ ବଙ୍ଗଳାରୁ ଷୋଳଲକ୍ଷ ମହଣରୁ ଅଧିକ ଚାଉଳ ବିଦେଶକୁ ରପ୍ତାନି ହୋଇଥିଲା ବୋଲି ଟାଇମସ୍ ଅବ୍ ଇଣ୍ଡିଆ ଲେଖି ଅଛନ୍ତି ତହିଁ ଉତ୍ତାରୁ ଏ ଦୁର୍ଭିକ୍ଷ । ଏଥିରୁ ଏହି ଜଣାଯାଏ ଯେ ଖାଦ୍ୟଦ୍ରବ୍ୟର ରପ୍ତାନି ବିଷୟରେ ଗବର୍ଣ୍ଣମେଣ୍ଟ ଅନେକ ଅସାବଧାନତା ସହିତ କାର୍ଯ୍ୟ କରିଅଛନ୍ତି । ଓଡିଶା ଦୁର୍ଭିକ୍ଷର ଏକ କାରଣ ମଧ୍ୟ ରପ୍ତାନି ଥିଲା ।

୧ । ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ (ଅମେରିକାରେ) କିଛିଦିନ ହେଲା ଗୋଟିଏ ସମ୍ବାଦ ଉଠିଅଛି । କୌଣସି ବ୍ୟକ୍ତିର ଘୋଡ କାରଣରୁ ଗୋଟିଏ ଗୃହ ମଧ୍ୟରେ ବାଲ ପାଡ ଯାଇଥିଲା । ପିଶଲଜ୍ ଫ୍ରେଣ୍ଡ କୁହନ୍ତି, ବୋଷ୍ଟନ ନଗରରେ ଗୋଟିଏ ସ୍ତ୍ରୀ ଧରେ ନୃତ୍ୟ କରି୨ ମୁଣ୍ଡର ବାଲ ପାଡି ଯାଇଥିଲା ।

୨ । ଦୁର୍ଜ୍ଜାଲିସ୍ ସ୍ତ୍ରୀଲୋକମାନେ ଶିକାର ଜଙ୍ଘୀଦ୍ୱମାନଙ୍କ ସହିତ ଏରୂପ ଯୁଦ୍ଧ କରୁଥିଲେ ଯେ ପୁରୁଷମାନେ ସେରୂପ ସାହସ ଓ ପୁରୁଷତ୍ୱ ଦେଖାଇ ପାରୁ ନାହାନ୍ତି ।

ଅସାମପ୍ରଦେଶର ଜଣେ ପ୍ରଧାନ କମିଶ୍ନରଙ୍କ ଅଧୀନ ରହିବାର ଯେଉଁ ପ୍ରସ୍ତାବ ହୋଇଥିଲା ତାହା ସ୍ଥିର ହେଲା । ଏଠା ପ୍ରଧାନ କମିଶ୍ନର ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ଅଧୀନରେ କର୍ମ କରିବେ ଓ ଅନ୍ୟାନ୍ୟ ପ୍ରଦେଶର ପ୍ରଧାନ କମିଶ୍ନର ପ୍ରାୟ ବେତନ ପାଇବେ ।

---

## ମୂଲ୍ୟପ୍ରାପ୍ତି ।

ବାବୁ କମଳାଚରଣ ଘୋଷ ଉତ୍ତର ଅଗ୍ରିମ ଟ୬୧୪

ବାବୁ କ୍ଷେତ୍ରମୋହନ ଗୁପ୍ତ ୨୮ର ବକେୟା ଟ ୩୧

„ ଦାମୋଦର ଦାସ „ „ ଟ ୩୫

„ ହରମୋହନଗୁପ୍ତ „ „ ଟ ୩୧

---

ଏହି ଉତ୍କଳଦୀପିକା ସହର କଟକ ଦର୍ଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୮ | ସଂଖ୍ୟା ୫୦

ତା ୨୦ ରଖ ଡିସେମ୍ବର ସନ ୧୮୭୩ ମସିହା । ମୁ । ପୌଷ ୯ ୮ ଜ ସନ ୧୨୮୧ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ ୨।
ମଫସଲ ପାଇଁ ଡାକମାସୁଲ ଟ ୧।୯

କଟକର ମୁନସଫ ବାବୁ ହରେକୃଷ୍ଣ ଚଟୋପାଧ୍ୟାୟଙ୍କୁ ହାଇକୋର୍ଟ ଏଠାର ଦ୍ବିତୀୟ ମୁନସଫ ଓ କେନ୍ଦ୍ରାପଡାର ମୁନସଫ ବୋଲି ନିଯୁକ୍ତ କରିଅଛନ୍ତି । ସୁତରାଂ ଏଠା ସବର୍ଡିନେଟଜଜଙ୍କୁ ଯେ ମୁନସଫର କ୍ଷମତା ଅଛି ତାହା ସ୍ଥିର ରହିଲା । ଶୁଣାଯାଏ ଯେ ଏ ବନ୍ଦୋବସ୍ତ ପକ୍କା ନୁହଇ କାରଣ ଓଲାଭରରେ ଗୋଟିଏ ମୁନସଫି ମହକୁମା ବସିବାର ପ୍ରସ୍ତାବ ହୋଇଅଛି ଓ ତହିଁ ସଙ୍ଗେ୨ କଟକର ମୁନସଫି ସବୁର ସୀମା ପରିବର୍ତ୍ତନ ହେବାର ସମ୍ଭାବନା ଅଛି ।

---

ବାଲେଶ୍ବରରେ ଜଣେ ସବର୍ଡିନେଟ ଜଜ ରହିବାର ସଂବାଦ ଅମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ । ଉକ୍ତ କର୍ମରେ ବାବୁ ଗଙ୍ଗାଚରଣ ମୁଖୋପାଧ୍ୟାୟ ନିଯୁକ୍ତ ହୋଇ ଅଛନ୍ତି । ଆଗାମିମାସ ତା ୧ ରଖଠାରୁ କାର୍ଯ୍ୟାରମ୍ଭ କରିବେ । ହାଇକୋର୍ଟର ଆଜ୍ଞା ଆସିଅଛି ଯେ ଏ ମହକୁମା ବସିଲାରୁ ସେଠା ମୁନସଫି ଉଠିଯିବ ଓ ସବର୍ଡିନେଟଜଜଙ୍କୁ ମୁନସଫିର ଭାର ଦିଆଯିବ । ଅମ୍ଭେମାନେ ବୋଧ କରୁଁ ଏଥିରେ ବାଲେଶ୍ବର ବାସିଙ୍କର ଅନେକ ସୁବିଧା ହେବ ଓ ସଦରେକୋ ମକଦମା ପାଇଁ ଯାହା କଟକକୁ ଆସିବାକୁ ପଡୁଥିଲା ତାହା ହେବ ନାହିଁ କେବଳ ଅପିଲ ଏଠାରେ ହେବ ।

---

ହିତେଷୀ ଯଥାର୍ଥ ବୋଲିଅଛନ୍ତି କି ବଙ୍ଗଳାରେ ମେଡିକଲ କଲେଜ ଓ ସଂସ୍କୃତ କଲେଜ ପ୍ରଥମ ବସିଲା ବେଳେ ଗବର୍ଣ୍ଣମେଣ୍ଟ ବୃତ୍ତି ଦେଇ ଶିକ୍ଷାଦାନ କରିଥିଲେ ଉତ୍କଳର ବର୍ତ୍ତମାନାବସ୍ଥା ସେହି ପ୍ରାୟ ଅଛି, ଏଠାରୁ ବୃତ୍ତି ଦେଇ କଲିକତା ମେଡିକଲ କଲେଜକୁ ଛାତ୍ର ପଠାଇଲେ ବଡ଼ ଭଲ ହେବ । ଏଥି ଉପରେ ଅମ୍ଭେମାନେ କହୁଁ କି ଚିକିତ୍ସାଳୟ ସଙ୍ଗେ ଶିକ୍ଷା ଦେବାର ଯେଉଁ ପ୍ରସ୍ତାବ ହୋଇଅଛି ତାହା ଏକାଗ୍ରରେ ଚଳାଇବାର ଉଚିତ ଓ ଯେବେ କିଛି ବୃତ୍ତି ନ ଦେଲେ କେହି ଶିକ୍ଷା କରିବାକୁ ଆସିବେ ନାହିଁ ବୋଲି ସ୍ଥାନୀୟ କର୍ମଚାରୀମାନେ ମନେ କରନ୍ତି ତେବେ ଦୁଇ ତିନି ଟଙ୍କା କରି ବୃତ୍ତି ଦେଇ ଶିକ୍ଷା ଦେଲେ ମଧ୍ୟ ସେ ଟଙ୍କା ପାଣିରେ ପଡିବ ନାହିଁ ବରଂ ଅନେକ ପାଠଶାଳାଠାରୁ ଭତ୍ତିରେ ଅଧିକ ଉପକାର ହେବ ।

---

### ଛାତ୍ରବୃତ୍ତି ପରୀକ୍ଷାର ଫଳ ।

ଓଡିଶାରେ ଚଳିତବର୍ଷରେ ଯେଉଁମାନେ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ତାହାଙ୍କ ନାମର ଗଣ୍ଡିଏ ତାଲିକା ଅମ୍ଭେମାନେ ଜିଲାସ୍କୁଲକମିଟୀର ଏକଟିଂ ସେକ୍ରେଟାରିଙ୍କଠାରୁ ପାଇଥିବାର କୃତଜ୍ଞତା ସହିତ ସ୍ବୀକାର କରୁଅଛୁଁ ।

ଉକ୍ତ ତାଲିକାରୁ ଦେଖାଯାଏ ଯେ ଓଡିଶାରେ ପ୍ରଥମଶ୍ରେଣୀରେ ୬ ଜଣ ଦ୍ବିତୀୟଶ୍ରେଣୀରେ ୧୯ ଜଣ ଓ ତୃତୀୟଶ୍ରେଣୀରେ ୨୮ ଜଣ ସାଏ ୫୩ ଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏ ଛାତ୍ରମାନଙ୍କର ନାମ ଓ ଯେ ଯେଉଁ ବିଦ୍ୟାଳୟରେ ଅଧ୍ୟୟନ କରିଅଛନ୍ତି ତାହା ଅପରସ୍ଥ ପତ୍ରିକାରେ ପ୍ରକାଶିତ ହେଲା ।

ଏକ ବିଦ୍ୟାଳୟର ଫଳ ତୁଳନା କଲେ ଦେଖାଯାଏ ଯେ ବୋଗସ୍କୁଲ ଓଡିଶାରେ ସର୍ବପ୍ରଧାନ ହୋଇଅଛି ଓ ତାହା ତଳେ ମହାସିଙ୍ଗପୁର ଓ ବୋଇସାହି ସ୍ଥାନ ପାଇଅଛି । କଟକ ବର୍ଣ୍ଣାକ୍ୟୁଲର ସ୍କୁଲର ମହିମା ଆଗେ ବଡଥିଲା ଏଣିକି ଆଉ ସେପରି ଦେଖା ନାହିଁ ଏ ଅବସ୍ଥା ବଡ ଶୋଚନୀୟ ଅଟଇ କାରଣ ଅମ୍ଭମାନଙ୍କର ଆଶା ଥିଲା ଯେ କଟକନଗରସ୍ଥ ସ୍କୁଲ ସବୁଠାରୁ ଭଲ ହୁଅନ୍ତା ଗଡଜାତର ସ୍କୁଲମଧ୍ୟରେ ଟେଙ୍କାନାଲକୁ ଅଧିକ ପ୍ରଶଂସା କରିବାକୁ ହେବ କାରଣ ସେଠାରୁ ପାଞ୍ଚଜଣ ଛାତ୍ର ଆସିଥିଲେ ଓ ସମସ୍ତେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏଥିରୁ ଜଣାଯାଏ ଯେ ଟେଙ୍କାନାଲ ମହାରାଜ ଶିକ୍ଷାଦାନପାଇଁ ଯେମନ୍ତ ବ୍ୟୟ କରୁଅଛନ୍ତି ତେମନ୍ତ ଫଳ ଉପରେ ମଧ୍ୟ ଦୃଷ୍ଟି ରଖିଅଛନ୍ତି । ବାଙ୍କୀ ଓ ଅନୁଗୁଳରେ ବହୁକାଳରୁ ବିଦ୍ୟାଳୟମାନ ଅଛି କିନ୍ତୁ ବାଙ୍କୀରେ କେହି ପାସ କରୁ ନାହାନ୍ତି ଓ ଅନୁଗୁଳରେ କେବଳ ଜଣେମାତ୍ର କୃତକାର୍ଯ୍ୟ ହୋଇଅଛି ଏଥିରୁ ଜଣାଯାଏ ଯେ ଏ ଗଡଜାତ ସବୁସ୍ଥାନର କାର୍ଯ୍ୟକାରକମାନେ ଶିକ୍ଷାବିଷୟରେ ମନୋଯୋଗ ଦେଉ ନାହାନ୍ତି ନୋହିଲେ ସରକାରଙ୍କ ଖାସମହାଲରେ ଏପରି ଫଲ କାହିଁକି ହେବ ?

Digitized by srujanika@gmail.com

ପରୀକ୍ଷାର ମୋଟ ଫଳ ବଡ଼ ସନ୍ତୋଷଜନକ ବୋଲାଯାଇ ନ ପାରେ କାରଣ ଛଅଣ ପରୀକ୍ଷା ଦେଇଥିଲେ ତହିଁମଧ୍ୟରୁ କେବଳ ତ ୫୨ ଣ ଅର୍ଥାତ୍ ଅଧେକରୁ କିଛିଅଧିକ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏପରି ପରୀକ୍ଷାର ଉଦ୍ୟମ ଅତି ସହଜ ଏଥିରେ ଅଧିକ ଛାତ୍ର ଉତ୍ତୀର୍ଣ୍ଣ ହେବାର ଉଚିତ ଥିଲା ।

---

ଅମ୍ଭେମାନେ ଏଥିପୂର୍ବେ ଏକ ଫଉଜଦାରୀ ମକଦ୍ଦମାରେ ହାଇକୋର୍ଟର ଜଣେ ଫିରଙ୍ଗୀ ଉକୀଲ ଏଠାକୁ ଆସିଥିବା ବିଷୟ ଯେ ଲେଖିଥିଲୁଁ ତହିଁର ସମାଚାର ଏହି ଯେ ଜଣେ ନାବାଳଗ ପକ୍ଷରୁ ମଥୁରାଲାଲ୍‌ଭଗତ, ସେ ନାବାଲଗର ମାଆ, ଓ ସେଉଅଲି ଓ ଗୃହଗଭଣଲଗତ ନାମରେ ପ୍ରାୟ ପଞ୍ଚାଶହଜାର ଟଙ୍କା ଅଭିସାନ୍ଧି କରିବା ଦାବୀରେ ନାଲିଶ କରିବାରୁ ସେମାନଙ୍କ ନାମରେ ଓୟାରେଣ୍ଟ ଜାରୀ ହେଲା । ଏ ଅପରାଧରେ ଜାମିନ ନ ଥିବାରୁ ପ୍ରତିବାଦୀମାନେ ମେଜିଷ୍ଟ୍ରେଟରେ ଉପସ୍ଥିତ ନ ହୋଇ ମେଣ୍ଡିସ ସାହେବ ଉକୀଲଙ୍କୁ କଲିକତାରୁ ଅଣାଇଲେ । ଏ ମକଦ୍ଦମା ଜଏଣ୍ଟ ମେଜିଷ୍ଟ୍ରେଟଙ୍କଠାରେ ଥିଲା ଉକୀଲ ମହାଶୟ ତାଙ୍କଠାରେ ଛଅ ଘଣ୍ଟା ବକ୍ତୃତା କରି ସ୍ତ୍ରୀ ମୁକ୍ତାରଦ୍ୱାରା ଉପସ୍ଥିତ ହେବା ଓ ଅନ୍ୟ ପ୍ରତିବାଦୀ ଜାମିନରେ ରହିବାର ଆଜ୍ଞା ପାଇଲେ ।

ଗତ ସପ୍ତାହରେ ଏ ମକଦ୍ଦମାର ବିଚାର ଆରମ୍ଭ ହେଲା ଓ ଏସପ୍ତାହରେ ପ୍ରତିବାଦୀମାନେ ମୁକ୍ତି ପାଇଲେ । ଏଥିର ବୃତ୍ତାନ୍ତ ଅତି ବାହୁଲ୍ୟ ଓ ଆମ୍ଭେମାନେ ସେସବୁ ସମ୍ପୂର୍ଣ୍ଣରୂପେ ଅବଗତ ହୋଇ ନାହୁଁ । ବର୍ତ୍ତମାନ କେବଳ ମେଣ୍ଡିସ ସାହେବ ଉକୀଲଙ୍କର କାର୍ଯ୍ୟର ପରିଚୟ ଦେବାର ଅମ୍ଭମାନଙ୍କର ଉଦ୍ଦେଶ୍ୟ । ସେ ଏ ମକଦ୍ଦମାରେ ଯଥୋପଯୁକ୍ତ ଉଦ୍‌ଯୋଗ କରିଅଛନ୍ତି ସନ୍ଦେହ ନାହିଁ । ସାକ୍ଷିମାନଙ୍କ ଉପରେ ସୱାଲ କରିବାରେ ସେ ବିଶେଷ ଦକ୍ଷତା ଦେଖାଇଥିଲେ ସାକ୍ଷିଙ୍କ କଥା ଛେଦିବ ଥାଉ କଡ଼େ ବାଦୀ ତାଙ୍କ ସୱାଲରେ ଅସ୍ଥିର ହୋଇଗଲେ ଓ ଉତ୍ତର ଦେବାକୁ କାଳ ଲାଗିଲା । ଉକୀଲଙ୍କର ବକ୍ତୃତା ଓ ବଡ଼ୀ ଉଭୟଙ୍କର ସମସ୍ତେ ଅତି ସନ୍ତୁଷ୍ଟ ହେଲେ ଏମନ୍ତ କି ସ୍ୱୟଂ କଲେକ୍ଟର ସାହେବ ତାଙ୍କର ବକ୍ତୃତା ଶୁଣିବା ସକାଶେ ଜଏଣ୍ଟ ମେଜିଷ୍ଟ୍ରେଟଙ୍କ ମିସଲରେ କିଛିକ୍ଷଣ ବସିଥିଲେ । ଅମ୍ଭେମାନେ ମଧ୍ୟ ତାଙ୍କର ବକ୍ତୃତା ଓ କାର୍ଯ୍ୟର ରୀତିରେ ଅତି ସନ୍ତୁଷ୍ଟ ହୋଇଅଛୁଁ । ବାଦୀ ପକ୍ଷରେ ମଧ୍ୟ ଏଠାର ବଡ଼ଉକୀଲ ଥିଲେ ଓ ମକଦ୍ଦମା ଚଳାଇବାରେ ତାହାପକ୍ଷରୁ କିଛି ତ୍ରୁଟି ହୋଇ ନାହିଁ କିନ୍ତୁ ଲୋକେ କହନ୍ତି ମେଣ୍ଡିସ ସାହେବ ଯୋଗୁଁ ସେସବୁ ବିଫଳ ହେଲା । ଏ ମକଦ୍ଦମାର ବିଚାର ପକ୍ଷରେ ମନ୍ତବ୍ୟ ଲେଖିବାର ଅମ୍ଭମାନଙ୍କର ମାନସ ଅଛି ସୁଯୋଗ ହେଲେ କୃତକାର୍ଯ୍ୟ ହେବୁଁ ।

---

ଯାଜପୁର ।

ଅମ୍ଭମାନଙ୍କ ସମ୍ବାଦଦାତା ଲେଖିଅଛନ୍ତି ଯେ ଗତମାସ ତା ୧୧ ରାତିରେ ଘୋର ବର୍ଷା ହେବାରୁ ଧାନକଟା ବନ୍ଦ ହୋଇ ଯାଇଥିଲା ବର୍ତ୍ତମାନ ଶସ୍ତ୍ର ଦେଖି କୃଷିକାରୀ ଧାନକଟାରେ ମାତି ଅଛନ୍ତି ବର୍ଷାଯୋଗେ ବିଶେଷ କ୍ଷତି ହୋଇ ନାହିଁ ରବି ଓ ଶୋରିଷ ଏକପ୍ରକାର ହୋଇଅଛି । କେତେକ ମହାଜନ ବୃଦ୍ଧି ଘେନି କଲିକତାକୁ ପଠାଇବାପାଇଁ ଚାଉଳକୁ ଯାଇଥିଲେ ତାହାଙ୍କର କର୍ତ୍ତା ବର୍ତ୍ତମାନ ସରକାରୀ ଚାଉଳ ବନ୍ଦ ଥିବାରୁ ତାହାଙ୍କର ଚାଉଳ ନେଲା ନାହିଁ ସୁତରାଂ ସେମାନେ ହରବରରେ ପଡ଼ିଅଛନ୍ତି । ବର୍ତ୍ତମାନ ବାଲେଶ୍ୱରୀ କେତେରେ ଟଙ୍କାକୁ ମୋଟଚାଉଳ ସେ ୩୪ ରୁ ଓ ସରୁ ସେ ୨୫ ରୁ ମିଳୁଅଛି । ଧାନକଟା ସରିଲେ ଶସ୍ତା ସସ୍ତା ହେବାର ମଧ୍ୟ ଅନେକ ଆଶା ଅଛି ।

ଏଠାରେ ଜଣେ ଗୃହସ୍ଥର ଗୋଟାଏ ଗାଈ ଦୁଇଟା ବାଛୁରି ଅର୍ଥାତ୍ ଗୋଟିଏ ମାଈ ଓ ଗୋଟିଏ ଅଣ୍ଡିରା ଜନ୍ମ କରିଅଛି କିଛିଦିନ ପରେ ଗାଈ ମରିଗଲା ମାତ୍ର ବାଛୁରିମାନେ ଅନ୍ୟ ଗାଈର ଦୁଧ ଖାଇ ବଞ୍ଚିଅଛନ୍ତି ।

କାର୍ଯ୍ୟକ୍ଷମ ବ୍ୟକ୍ତିକୁ ପେନସେନ ଦେଇ ଅନ୍ୟ ଲୋକ ତାହା କର୍ମରେ ନିଯୁକ୍ତ କରିବାରେ ଗବର୍ଣ୍ଣମେଣ୍ଟଙ୍କର ଦୋହରା ଖର୍ଚ୍ଚ ହେବାର ଅଛି ବୋଲି ଏପରି କରିବାର ନିଷେଧ ହୋଇଅଛି କିନ୍ତୁ ଗ୍ରାସ୍ଟନ୍ ବିମ୍ବ ସାହେବ ତହିଁର ଅନ୍ୟଥା କରିଅଛନ୍ତି । ଯାହାଙ୍କୁ ସେ ଅକ୍ଷମ ବୋଲି ବାହାର କରି ଦେଇଅଛନ୍ତି ତାହାଙ୍କର ଯେବେ ଡାକ୍ତରଦ୍ୱାରା ତଦାରଖ ହୁଅଇ ତେବେ ସରକାରଙ୍କର କ୍ଷତି ହେବ ନାହିଁ ଓ ସାବକଦସ୍ତୁର ପ୍ରତିପାଳନ ହେବ ।

ଦାଖଲଖାରିଜ ଦରଖାସ୍ତରେ ଲୋକମାନେ ଅତିଶୟ କାତର ହୋଇ ଅକ୍ତିବ୍ୟରେ ଟଙ୍କା ମୂଲର ଷ୍ଟାମ୍ପରେ ଦରଖାସ୍ତ ଦେଉଅଛନ୍ତି । ଏହା ଅତିକଡ଼ାକଡ଼ି ଅଟଇ ମାନ୍ୟ କମିଶନର ସାହେବ ଏ ବିବେଚନା କଲେ କିଛି କଥା ନ ଗଲା । ତାହାଙ୍କୁ ଅନୁରୋଧ ଯେ ଶୀଘ୍ର ଲୋକଙ୍କୁ ଏ ଅପଦରୁ ମୁକ୍ତ କରନ୍ତୁ ।

ଶ୍ରୀଯୁକ୍ତ ବିମ୍ବସ ସାହେବ ବାଲେଶ୍ୱରରୁ ଅମଲା ଅଣିବାର ଜନରବ ଅମୂଳକ ଅଟଇ ଯେଉଁ ବ୍ୟକ୍ତିମାନେ କଟକରୁ ଯାଇ ବାଲେଶ୍ୱରରେ କଟକର ଗୌରବ ଦେଖାଇଥିଲେ ସେ କେବଳ ସେହିମାନଙ୍କ ଫେରାଇ ଆଣିଅଛନ୍ତି ।

ତାଲୁକେ ମାରଡା ଜମିଦାର ଗୋପବ କାନୁନଗୋଇ ତାହାଙ୍କ ପୁରୋହିତ ବ୍ରାହ୍ମଣ ସଙ୍ଗେ ଭଣ୍ଡାରି ବଇ ଅନେକ ଲୋକ ସହିତ ତାହା ଘରେ ପଶି ଲୁଟତରାଜ କରିବାର ଅଭିଯୋଗ ତାହା ଉପରେ ହୋଇଅଛି । ଓ ସେ ବର୍ତ୍ତମାନ ହାଜତରେ ଅଛି କାନୁନଗୋଇ ବିରୁଦ୍ଧ ଅନେକ ଜନରବ ପୂର୍ବରୁ ଥିଲା ବର୍ତ୍ତମାନ ମୋକଦ୍ଦମା ନିଷ୍ପତ୍ତି ହେଲେ ତାହା କେତେଦୂର ସତ୍ୟ ଜଣାଯିବ ।

---

ବଣ୍ଡିବାର ।

ଚାଉଳ ମହାର୍ଘ ହେଲେ ବଣ୍ଡିବାରଙ୍କ ସୃଷ୍ଟି କାର୍ଯ୍ୟନ ହେବା ଏକପ୍ରକାର ବିଧି ହୋଇଅଛି ୧ଅଙ୍କ ସମୟରେ ବଣ୍ଡିବାରମାନେ ଅନେକ ଲୋକର ଜୀବନ ନେଇଥିଲେ ଓ ବର୍ତ୍ତମାନ ସମୟରେ ଚାଉଳର ମୂଲ୍ୟ ଅଧିକ ହେବାରୁ ମଧ୍ୟ ସେହିପରି ହୋଇଅଛି । ବଣ୍ଡିବାରଙ୍କୁ ଧରିବାପାଇଁ ସମସ୍ତେ କର୍ତ୍ତା ପକ୍ଷଙ୍କୁ ଅନୁରୋଧ କରୁଅଛନ୍ତି କିନ୍ତୁ କେଉଁ ଧରଣ ବା କିପ୍ରକାରେ ତାହା କେହି ତହିଁର ଉପାୟ କେହି କହି ନାହାନ୍ତି କେବଳ ଏହାଙ୍କୁ ଅଟକ କରିବାର ସାଧାରଣ ପ୍ରସ୍ତାବ ସମସ୍ତେ କରନ୍ତି । ସାଧାରଣଙ୍କ ବିଶ୍ୱାସ ଉପରେ ଅମ୍ଭେମାନେ ମଧ୍ୟ ନିର୍ଭର କରି ବଣ୍ଡିବାରଙ୍କୁ ଅଟକ କରିବାର ଅନେକ ଉପାୟ ପାଞ୍ଚିଲୁଁ କିନ୍ତୁ ପରିଶେଷରେ ଅମ୍ଭମାନଙ୍କର ଏହି ସିଦ୍ଧାନ୍ତ ହେଲା ଯେ ତାହା ହେବାର ନୁହଇ ଓ ବାସ୍ତବରେ ସେମାନେ ନିଦାରୁ ଜୀବନ ନୁହନ୍ତି । ବଣ୍ଡିବାର କିଏ ଓ ତାହାର ବଜାରକୁ ଆସିବାର କି ପ୍ରୟୋଜନ ଯେଉଁମାନେ ଏକଥାର ଗୂଢ଼ ଅନୁସନ୍ଧାନ କରିବେ ସେମାନେ ଅବଶ୍ୟ ପ୍ରତ୍ୟକ୍ଷ କରିବେ ଯେ ବଣ୍ଡିବାର ବଣିକ୍ରମଙ୍କର ଅଧୀନ ନୁହନ୍ତି ସୁତରାଂ ବଣିକ୍‌ମାନେ ତାହାଙ୍କଠାରୁ

Digitized by srujanika@gmail.com

Split by PDF Splitter



ଉପକାରର ଆଶା କରି ନ ପାରନ୍ତି ତଥାଚ ଯେ ଉପକାର ନାହିଁ ଏମନ୍ତ ନୁହେ । ଦଣ୍ଡିଦାରମାନେ ବାସ୍ତବରେ ବେପାରୀଙ୍କ ଚାକର ତାହାଙ୍କଠାରୁ ମୂଲ ନେଇ ତାହାଙ୍କ ଦ୍ରବ୍ୟ ବିକାଇଦିଅନ୍ତି ଅଥବା ଦଣ୍ଡିଦାର ଏକଜଣ ବଡ଼ବେପାରୀ ଅନେକ ସାମାନ୍ୟ ବେପାରୀଠାରୁ ଦ୍ରବ୍ୟ କିଣିନେଇ କିଞ୍ଚିତ ଲାଭ ରଖି ମୋଦି ଓ କିଣିଲିଆଙ୍କୁ ଦ୍ରବ୍ୟ ବିକ୍ରୟ କରନ୍ତି । ଉଭୟ ପ୍ରକାରରେ ଦଣ୍ଡିଦାରମାନେ ବିକ୍ରେତାଙ୍କ ପ୍ରତିନିଧି ହେଉଥିବାରୁ ଯେ ସବୁ ନିନ୍ଦା ତାହାଙ୍କପ୍ରତି ଅର୍ପିତ ହୁଅଇ ସେସବୁ ବାସ୍ତବରେ ବେପାରୀଙ୍କ ଉପରକୁ ଯାଏ ଆମଦାନୀ ଅପେକ୍ଷା ଖର୍ଚ୍ଚ ଅଧିକ ହେଲେ ଦର କଷଇ ଓ ତହିଁର ବିପରୀତ ଅବସ୍ଥାରେ ଶସ୍ତା ହୁଅଇ ଏକଥା ସମସ୍ତେ ଜାଣନ୍ତି ଦଣ୍ଡିଦାରମାନେ ତାହା ଅନ୍ୟଥା କରି ପାରନ୍ତି ନାହିଁ ଓ ଯେବେ ଦୁର୍ମୂଲ୍ୟ ସମୟରେ ଦଣ୍ଡିଦାରଙ୍କ ଲାଭ ଅଧିକ ହୁଅଇ ତେବେ ତାହା ମଧ୍ୟ ନିୟମର ବହିର୍ଭୂତ ନୁହଇ ମୋଦିମାନେ ଯେବେ ସେ ୨୦ ର କିଣି ସେ୧୯ର ବିକ୍ରୟ କରନ୍ତି ଓ କେତେବେଳେ ସୁଯୋଗ ପାଇଲେ ସେ୨୦ର ସ୍ଥା ବିକ୍ରନ୍ତି ଯେବେ ଦଣ୍ଡିଦାରଙ୍କୁ ଅଟକ କରିବାର ଉଚିତ ହୁଅଇ ତେବେ ମୋଦିଙ୍କୁ ସୁଦ୍ଧା ଅଟକ କରିବାର ଉଚିତ ଓ ବେପାରୀମାନଙ୍କୁ ମଧ୍ୟ ସେହି ନିୟମରେ ଅଟକ କରାଯାଇପାରେ । ସୁତରାଂ ଫଳ ଏହି ହେଲା ଯେ ଯାହାର ଦ୍ରବ୍ୟ ତାହାର ତହିଁରେ କିଛି ଅଧିକାର ନାହିଁ କେବଳ ଯାହାଙ୍କର ପ୍ରୟୋଜନ ସେହିମାନେ ମନଇଚ୍ଛା କର୍ମ କରିପାରନ୍ତି । ଏରୂପ ହେଲେ କୌଣସି ବାଣିଜ୍ୟ ଚଳି ନ ପାରେ ଓ ବାଣିଜ୍ୟର ସାର୍ଥକତା ଏକାବେଳକେ ନଷ୍ଟ ହୋଇଯାଏ । ଆମ୍ଭମାନଙ୍କ ମତରେ ଯେଉଁମାନେ ଦଣ୍ଡିଦାରଙ୍କୁ ଅଯୁକ୍ତ କହିବାକୁ ଇଚ୍ଛା କରନ୍ତି ସେମାନଙ୍କର କର୍ତ୍ତବ୍ୟ ଯେ ଶସ୍ୟସବୁର ଗୋଟିଏ ଦର ନିରୂପଣ କରିବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରନ୍ତୁ ଓ ତହିଁ ସଙ୍ଗେ ଦଣ୍ଡିଦାରଙ୍କ ବେତନ ମଧ୍ୟ ନିଷ୍ପନ୍ନ କରି ଦେଉନ୍ତୁ ତାହା ହେଲେ ସମସ୍ତେ ଅଟକ ହେବେ ଓ ସେପରି ପରାମର୍ଶ ଦେବା ଯେବେ ନିୟମସଙ୍ଗତ ନୁହଇ ତେବେ ଦଣ୍ଡିଦାରଙ୍କ ଉପରେ ଖଡ୍ଗହସ୍ତ ହେବାର ନିଷ୍ପ୍ରୟୋଜନ । ବେପାରିମାନେ ଦଣ୍ଡିଦାର ଭିନ୍ନ ମୁହୂର୍ତ୍ତେ ଚଳି ପାରିବେ ନାହିଁ ଏକଥା ସେମାନେ ଉତ୍ତମରୂପେ ଜାଣନ୍ତି ବୋଲି ତାହାଙ୍କ ନିକଟରୁ ଆସନ୍ତି ଯେବେ ଦଣ୍ଡିଦାର ବିନା ତାହାଙ୍କର କାର୍ଯ୍ୟ ଚଳନ୍ତା ତେବେ ଅନର୍ଥକ କାହିଁକି ଟଙ୍କାରେ ସେରେ ଦାପଇସାଏ ଦଣ୍ଡିଦାରଙ୍କୁ ଦିଅନ୍ତେ । ସେମାନେ କି ଆପେ କିଣା କରି ପାରନ୍ତେ ନାହିଁ ?

———

## ଦରଖାସ୍ତ ଲେଖକ

ବିଶ୍ବସ୍ତ ପତ୍ରିକାରୁ ଅବଗତ ହେଲୁଁ ଯେ ଅଲିପୁର କଚେରୀରେ ଜଣେ ଦରଖାସ୍ତ ଲେଖକ ଏକ ପ୍ରଜାକୁ କହିଲା ଯେ ଅ୦ଅଣା ଖର୍ଚ୍ଚକଲେ ସେ ରୋଡ଼ସେସରୁ ମୁକ୍ତ ପାଇବ ଓ ସେ ଅ୦ ଅଣା ମଧ୍ୟରୁ ଦରଖାସ୍ତ ଲେଖାଇ ଖର୍ଚ୍ଚ ଚାରିଅଣା ଓ ଅମଲାଙ୍କୁ ଚାରିଅଣା ଦିଆଯିବ ଏରୂପ କହି ପ୍ରଜାଠାରୁ ଅ୦ଅଣା ନେଇ ତାହାକୁ ଦରଖାସ୍ତ ଲେଖିଦେଲା ହାକିମ ପାଖରେ ସେ ଦରଖାସ୍ତ ଦେଲାରୁ ତହିଁରେ କିଛି ବିଶେଷ ହେତୁ ନ ଥିବାରୁ ହାକିମ ତାହା ନାମଞ୍ଜୁର କଲେ । ତହିଁରେ ପ୍ରଜା ଦରଖାସ୍ତ ଲେଖକର ପ୍ରବଞ୍ଚନା କହି ହାକିମଙ୍କଠାରେ ବାଦ କହିଲା ଯେ ଘରକୁ ଫେରିଯିବା ଖର୍ଚ୍ଚାସୁଦ୍ଧା ତାହାଠାରେ ନାହିଁ । ହାକିମ ହାତରୁ ଚାରିଅଣା ଦେଇ ତାହାକୁ ବିଦାୟ କଲେ ।

କେବଳ ଅଲିପୁରଠାରେ ଏହି ଗୋଟିଏ ଘଟଣା ହୋଇଅଛି ଏମନ୍ତ ନୁହଇ ଯେଉଁମାନେ କଚେରୀକୁ ଯିବା ଆସିବା କରନ୍ତି ଓ ସମସ୍ତ ଜାଣିବାକୁ ଚେଷ୍ଟା କରନ୍ତି ସେମାନେ ଉତ୍ତମରୂପେ ଅନୁଭବ କରିଥିବେ ଯେ ସବୁ କଚେରୀରେ ଦରଖାସ୍ତଲେଖକଙ୍କର ଅବସ୍ଥା ଏହିରୂପ ଓ ଅନେକ ଦରଖାସ୍ତକାରୀ ମୋଫସଲ ଅଜ୍ଞ ପ୍ରଜାଙ୍କୁ ଠକି ଏହିପରି ଲୁଣ୍ଡି ଧନପାତ କରନ୍ତି ଏ ଅବସ୍ଥାଟି ଅତି ଶୋଚନୀୟ ଅଟଇ ଓ ହାକିମମାନେ ଏଥିରେ ହସ୍ତକ୍ଷେପଣ ନ କରିବାରୁ ବିଶେଷ ସାଧାରଣର କ୍ଷତି ହେଉଅଛି । ଭଦ୍ରଲୋକଙ୍କ ମଧ୍ୟରେ ଅନେକ ଦୁଃଖୀ ଅଛନ୍ତି ଓ ସେମାନେ ଅନ୍ୟ ବ୍ୟବସାୟ ସମାଜ ବିରୁଦ୍ଧ ଥିବାରୁ କଚେରୀରେ ଲେଖାପଢିକରି ଦିନ କାଟନ୍ତି କିନ୍ତୁ ବର୍ତ୍ତମାନ ଅବସ୍ଥାରେ ଭଲଲୋକଙ୍କୁ କଚେରୀରେ କାର୍ଯ୍ୟ ମିଳଇ ନାହିଁ ଯେ କବୁଲିସ୍ଥାପଣିଆ କରି ଲୋକଙ୍କୁ ଭଣ୍ଡି ପାରିବ ସେହି ଭଲ ଲାଭ କରେ ଓ ଭଲଲୋକ ସେ ସବୁ କରିବାକୁ ଅକ୍ଷମ ବୋଲି ମୁହିଁ ରହୁଥାଏ । ଏଥିରେ କେବଳ ଅଜ୍ଞ ମାମଲତକାରମାନେ କ୍ଷତିଗ୍ରସ୍ତ ହୁଅନ୍ତି ଏମନ୍ତ ନୁହଇ । ଦରଖାସ୍ତଲେଖକଙ୍କର ଦୁଷ୍ଟତାର ବୃଦ୍ଧି ହୋଇ ସାଧାରଣ ନୀତି ପକ୍ଷରେ ବିଶେଷ ବ୍ୟାଘାତ ହୁଅଇ ଉକିଲ ଓ ମୁକ୍ତାରଙ୍କ ଚରିତ୍ର ଉପରେ ଦୃଷ୍ଟି ରଖିବାକୁ ଅଭିନ ହୋଇ ଅଛୁ । ମାତ୍ର ବାଯେ ଦରଖାସ୍ତଲେଖକ ଅନେକ ସ୍ଥଳରେ ଉକିଲ ମୁକ୍ତାରଙ୍କ କର୍ମ କରନ୍ତି ଅଥଚ ସେମାନଙ୍କ ଚରିତ୍ର ପ୍ରତି ଦୃଷ୍ଟି ରଖିବାର କୌଣସି ବିଧାନ ନାହିଁ ।

ଉକିଲ ଓ ମୁକ୍ତାର ଭିନ୍ନ ଅନ୍ୟ କେହି ଦରଖାସ୍ତ ଇତ୍ୟାଦି ଲେଖି ପାରିବେ ନାହିଁ ଏପ୍ରକାର ନିୟମ ହେଲେ ଦରଖାସ୍ତ ଲେଖକମାନେ ହାକିମଙ୍କ ଅଧୀନରେ ଆସି ପାରନ୍ତେ ସତ୍ୟ କିନ୍ତୁ ଏପରି ଆପତ୍ତି ହୋଇ ପାରେ ଯେ ଏଥିରେ ଦରଖାସ୍ତ ଲେଖାଇ ଖର୍ଚ୍ଚା ଅଧିକ ପଡ଼ିବ ଓ ଅନେକ ଲୋକ କେବଳ ଅଧିକା ଖର୍ଚ୍ଚା ଦେଇ ପାରିବେ ନାହିଁ ବୋଲି ବାଯେ ଦରଖାସ୍ତ ଲେଖକଙ୍କଦ୍ୱାରା କର୍ମ କରାଇ ଥାଆନ୍ତି । ଏମନ୍ତ ସ୍ଥଳରେ ଆମ୍ଭମାନଙ୍କ ବିବେଚନାରେ ଉଚିତ ଏହି ଯେ ଦରଖାସ୍ତକାରୀମାନଙ୍କର ଏକ ଖଣ୍ଡ ରେଜିଷ୍ଟରୀ ସବୁ ମହକୁମାରେ ରହିବ ଓ ଯେଉଁ ବ୍ୟକ୍ତିମାନେ ଲେଖାପଢି ଭଲ ଜାଣନ୍ତି ଓ ସୁଚରିତ୍ରର ନିଦର୍ଶନ ଦେଖାଇ ପାରିବେ କେବଳ ସେହି ଲୋକଙ୍କର ନାମ ରେଜିଷ୍ଟରୀରେ ଦର୍ଜ ହୋଇ ତାହାଙ୍କୁ ଅନୁମତି ପତ୍ର ଦିଆଯିବ ରେଜିଷ୍ଟରଭୁକ୍ତ ଦରଖାସ୍ତ ଲେଖକ ଭିନ୍ନ ଅନ୍ୟ କେହି କଚେରୀରେ ଲେଖାପଢି କରି ପାରିବେ ନାହିଁ ଓ ଯେତେବେଳେ କୌଣସି ଲେଖକର କିଛି ଦୁଷ୍ଟତା ପ୍ରକାଶ ପାଇବ ତାହାକୁ ବାହାର କରି ଦିଆଯିବ ଏପରି କିଛି ଉପାୟ ନ ହେଲେ ଦରଖାସ୍ତ ଲେଖକଙ୍କଦ୍ୱାରା ଯେ ସବୁ ଅନିଷ୍ଟ ହେଉଅଛି ତାହା ନିବାରଣ ହୋଇ ପାରିବ ନାହିଁ ଓ ତାହାଙ୍କଯୋଗେ ଅମଲାଙ୍କର ମଧ୍ୟ ଦୁର୍ନାମ ବୃଦ୍ଧି ହେଉଅଛି ଓ ହେବ ।

ଉପସଂହାର ସ୍ଥଳେ ବକ୍ତବ୍ୟ ଏହି ଯେ ଅମଲାମାନେ ଉତ୍କୋଚ ନେଉନ୍ତୁ ଅବା ନ ନେଉନ୍ତୁ ତାହାଙ୍କ ନାମରେ ଉତ୍କୋଚ ନେବାର ଦୁର୍ନାମଟି ବରାବର ଅଛି ଓ ମାମଲତକାରମାନେ ମକଦ୍ଦମାଖର୍ଚ୍ଚା ହେସାବ କଲାବେଳେ ଅମଲାଙ୍କୁ ଦେବାରେ କିଛି୨ ଖର୍ଚ୍ଚ ହେବ ଏମନ୍ତ ଜାଣି ଓ ତହିଁପାଇଁ ଟଙ୍କା ଘେନି ଆସନ୍ତି । ଦରଖାସ୍ତଲେଖକ ଯେତେବେଳେ ସେମାନଙ୍କଠାରୁ ଅମଲାପାଇଁ କିଛି ମାଗନ୍ତି ସେମାନେ ଅନାୟାସରେ ତାହା ଦିଅନ୍ତି ଏଥିକୁ ଆଜିକାଲି କଟକ କଲେକ୍ଟରୀ କଚେରୀରେ କନଷ୍ଟବଲ ପହରା ବସିଥିବାରୁ କୌଣସି ମାମଲତକାରଙ୍କୁ

Digitized by srujanika@gmail.com

Split by PDF Splitter

230



ଥାଅ ନାହିଁ ଯେ ସେ ଅମଲା ଲୋକଙ୍କୁ ଯାଇ କୌଣସି କଥା ବୁଝି ଆସିବ । ଦରଖାସ୍ତଲେଖକମାନେ କାନାହଲରେ ଲୋକର ମଧ୍ୟକୁ ଯାଇ ପାରନ୍ତି ସୁତରାଂ ମାମଲତକାରଙ୍କଠାରୁ ଅମଲା ନାମରେ କୌଡ଼ି ଲୁଣ୍ଠି ନେବାପାଇଁ ତାହାଙ୍କୁ ବିଶେଷ ସୁବିଧା ହୋଇଅଛି । ମାମଲତକାର ଜାଣିଲେ ସେ ଅମଲାକୁ ଦେଲ ମାତ୍ର ଅମଲା ତାହା ପାଇଲା ନାହିଁ ମଧ୍ୟବର୍ତ୍ତୀ ଲୋକର ହାତରେ କୌଡ଼ି ରହିଲା ଅତଏବ କଚେରୀରେ ପହରା ରଖିବାରୁ ଦରଖାସ୍ତକାରୀଙ୍କର ଅସୁବିଧା ହୋଇ ଅଛି । ଯେବେ ପହରାବାଲା ବାହା ରୋଜଗାର କରିବାକୁ ଚେଷ୍ଟା କରେ ତାହା ମଧ୍ୟ ସଫଳ ହେବାର ଅସମ୍ଭବ ନୁହଇ । କଚେରୀରେ ପହରା ରଖିବାରୁ ଏପରି ଲୋକେ ଗୁଡ଼ିଏ ଅଲସ୍ତ ହେବାର ବୋଧ ହୁଅଇ ଓ ତାହା ନିବାରଣର ସହଜ ଉପାୟ ଏହି ଯେ ସିରସ୍ତାଦାର ନାଜର ଓ ହେଡ଼କ୍ଲର୍କ ପ୍ରଭୃତି ପ୍ରଧାନ ଅମଲାଙ୍କୁ ଏମନ୍ତ ସ୍ଥାନରେ ବସାଇବାର ଉଚିତ କି ଯହିଁରେ ମାମଲତକାରମାନେ ତାହାଙ୍କ ନିକଟକୁ ସହଜରେ ଯାଇପାରନ୍ତି ଅଥଚ ଯହିଁରେ ହାକିମଙ୍କର କୌଣସି କ୍ଳେଶ ହୁଅଇ ନାହିଁ । ଅନେକ ମାମଲତକାର ଏପରି ଅଛନ୍ତି ଯେ ସାହେବ ଦେଖି ଡରନ୍ତି ଓ ତାହାଙ୍କ ଦରଖାସ୍ତରେ କି ହୁକୁମ ହେଲା ତାହା ବୁଝି ନ ପାରି ପଶ୍ଚାତ୍ ଅମଲାଠାରୁ ବୁଝି ନିଅନ୍ତି । ଏପରି ଲୋକଙ୍କୁ ଅମଲା ନିକଟକୁ ଯିବାର ସୁବିଧା କରି ଦେବାର ଆବଶ୍ୟକ ଓ ସିରସ୍ତାରେ ଯାହାର ଯେ କିଛି ପ୍ରୟୋଜନ ଥାଏ ତାହା ସିରସ୍ତାଦାରକୁ ଜଣାଇଲେ ସେ ତହିଁର ସଦୁତ୍ତର ପ୍ରଦାନ କରିବେ ଅନ୍ୟ ଅମଲା ନିକଟକୁ କି ସିରସ୍ତା ଭିତରକୁ କେହି ଯାଇ ପାରିବ ନାହିଁ । ଏପରି କିଛି ସୁବିଧା ଲୋକଙ୍କୁ ନ ଦେଇ କଚେରୀରେ ପହରା ବସ୍ତାଲେ ଅନେକ କ୍ଳେଶ ଓ ତହିଁପାଇଁ ଅନେକ ଉତ୍ପାତରେ ଲୋକଙ୍କୁ ପଡ଼ିବାକୁ ହେବ ।

# ସାପ୍ତାହିକସଂବାଦ ।

୧ । ବର୍ତ୍ତମାନ ବାଲେଶ୍ୱରରେ ଚାଉଳ ମହଣ ୫ ୬ । ଓ ୫ ୬ ।୵ ଲେଖାଏ ହୋଇଅଛି । ଧାନ ଟଙ୍କାକୁ ୬ ଓ ୬୩ ସୌଣୀ ଲେଖାଏ ।

୨ । ଜଜ ସାହେବ ତା ୯ ଋଖରେ ଏଠାରୁ ପ୍ରସ୍ଥାନ କରିଅଛନ୍ତି ।

୩ । ମାର୍ଗଶିର ମାସବ୍ୟାପି ଗଗନମଣ୍ଡଳ ପରିଷ୍କାର ନାହିଁ, ମଧ୍ୟେ ମଧ୍ୟେ ବୃଷ୍ଟି ହେଉଅଛି ଅଳ୍ପ ୪ାଣ ଅସତ୍ତାଏ ବର୍ଷି ଅଛି । ଏହି ବୃଷ୍ଟି ହେତୁରୁ ଦୂର ଉତ୍ତର ପର୍ଯ୍ୟନ୍ତ ଧାନକଟା ବନ୍ଦ ହେବ । ମେଘ ଯେପରି ଆରମ୍ଭ କରି ଧରିଅଛି ଏଥିରୁ ଜଣାଯାଉଅଛି ଯେ, ଅନ୍ତର ବହୁବର୍ଷା ହେବ ।

୪ । ବାଲେଶ୍ୱର ଗବର୍ଣ୍ଣମେଣ୍ଟ ସ୍କୁଲ ଗତ ସୋମବାର ଅର୍ଥାତ୍ ଡିସେମ୍ବର ମାସ ତା ୧୫ ଋଖଠାରୁ ଶୀତାବକାଶ ନିମନ୍ତେ ବନ୍ଦ ହୋଇଅଛି ।

୫ । ଏବର୍ଷ ବାଲେଶ୍ୱର ଜିଲାର ଛାତ୍ରବୃତ୍ତି ସ୍କୁଲର ଛାତ୍ରବୃତ୍ତି ପରୀକ୍ଷାରେ ବାଣ୍ଡଗୁଇ ବିଦ୍ୟାଳୟ ପ୍ରଥମ, ଦୋଲସାହି ବିଦ୍ୟାଳୟ ଦ୍ୱିତୀୟ, ସୋରୋ ବିଦ୍ୟାଳୟ ତୃତୀୟ ଓ ବାଲେଶ୍ୱର ଅମେରିକାନ ମିସ୍‌ନରୀ ବିଦ୍ୟାଳୟ ଚତୁର୍ଥ ସ୍ଥାନ ପାଇଅଛି ।

ଡେଲିନ୍ୟୁସ ଲେଖନ୍ତି ଯେ ମାନ୍ଦ୍ରାଜ ହତାର ବଡ଼କୀମଣ୍ଡିର ରାଣୀ ବର୍ତ୍ତମାନର ଦୁର୍ଭିକ୍ଷ ସମୟରେ ଦୁଃଖୀଙ୍କ ସାହାଯ୍ୟ ନିମିତ୍ତ ୫୩୭୦୦୦ ଟଙ୍କାର ଧାନ ଗଚ୍ଛିଲ ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ସମର୍ପଣ କରିବାକୁ ସଂକଳ୍ପ କରିଅଛନ୍ତି । ରାଣୀଙ୍କର ଏ ପ୍ରକାର ଦାନ କରିବା ସର୍ବମତରେ ଅତି ପ୍ରଶଂସନୀୟ ଅଟଇ ।

ସାପ୍ତାହିକ ସମାଚାର ଲେଖନ୍ତି ଯେ ବୋର୍ଡ ରେଭିନ୍ୟୁ ଆଜ୍ଞା ଦେଇଅଛନ୍ତି କି ଆସାମ ଓ ଛୋଟନାଗପୁର ଜିଲାର ସବୁ ସବ୍‌ଡିଭିଜନ କଚେରୀମାନଙ୍କରେ ଭୂମିର ଖଜଣା ଦାଖଲ ହେବ । ଏଥିକୁ ସମ୍ପାଦକ ବୋଲନ୍ତି ଯେ ବଙ୍ଗଲାର ସର୍ବତ୍ରରେ ଏବିଧି ପ୍ରଚଳିତ କଲେ କୌଣସି କ୍ଷତି ହେବ ନାହିଁ ବରଂ ଲୋକଙ୍କର ବିସ୍ତର ସୁବିଧା ହେବ । ଅମ୍ଭମାନଙ୍କର ମଧ୍ୟ ଏହି ମତ । ଗଡ଼ଜାତମାନଙ୍କ ଶାଖାମାନରେ ଇତ ଉଣା ହେଲେ ଭଲ ।

କଡ଼ପାର ଡୁଣୀ ମାନ୍ଦ୍ରାଜ ଓ ବମ୍ବେଇ ପ୍ରଦେଶ ମାନଙ୍କରେ ସର୍ବାପେକ୍ଷା ଦୀର୍ଘ ଦେଖା ଯାଏ । ଏ ବର୍ଷ ମାନ୍ଦ୍ରାଜରେ ଡିସେମ୍ବର ତା ୨୨ ଋଖଠାରୁ ଆଗାମୀ ମାସର ଦ ୨ ନ ପର୍ଯ୍ୟନ୍ତ ଓ ବମ୍ବେଇରେ ତା ୨୪ ଋଖଠାରୁ ତା ୨ ଋଖ ପର୍ଯ୍ୟନ୍ତ ବଡ଼ଦିନ ପାଇଁ କଚେରୀ ବନ୍ଦ ହୋଇଅଛି ।

ବ୍ରହ୍ମଦେଶରେ ଏବର୍ଷ ଉତ୍ତମ ଫସଲ ହୋଇଅଛି କିନ୍ତୁ ବଙ୍ଗଳାରେ ଦୁର୍ଭିକ୍ଷ ପଡ଼ିବାରୁ ସେଠାର ଚାଉଳ ରପ୍ତାନୀ କାର୍ଯ୍ୟ ବିସ୍ତର ବଢ଼ିଅଛି ଓ ସେହି ହେତୁରୁ ସେଠାରେ ମଧ୍ୟ ଚାଉଳର ଦର ବୃଦ୍ଧି ହୋଇଅଛି ।

ବମ୍ବେଇ ହାଇକୋର୍ଟର ଜଜ ମିଷ୍ଟର ଡବସ୍ ସାହେବ ଯେତେକାଳ ଅନୁପସ୍ଥିତ ରହିବେ ସେତେକାଳ ନିମିତ୍ତ ମିଷ୍ଟର ନାନାଭାଇ ହରିଦାସ ଏକ୍‌ଟିଂ ଜଜ ନିଯୁକ୍ତ ହୋଇଅଛନ୍ତି ।

ଦୁର୍ଗୋତ୍ସବ ଉପଲକ୍ଷରେ ଯେଉଁ ୮ ୯ ଦିନ କଚେରୀ ବନ୍ଦ ହୁଅଇ ତାହା ରହିତ କରିବା ପାଇଁ ଚେମ୍ବର ଅବ୍ କମର୍ସ ଚେଷ୍ଟା କରୁଅଛନ୍ତି । ଭଲ୍ ସଭାର ଅଭିପ୍ରାୟ ଏହି ଯେ ଏତେଦିନ ଏକାବେଳକେ କଚେରୀ ବନ୍ଦ ହେବାରୁ ବାଣିଜ୍ୟର ବିଶେଷ ଅସୁବିଧା ଘଟଇ । ଏ ଛୁଟୀ ଉପରେ ହସ୍ତକ୍ଷେପ କରିବାର ଉଚିତ ନୁହଇ ।

ଅବଦୁଲ ଲାଟର ହାଇକୋର୍ଟରେ ଗଲାଣ ଯାଉଅଛନ୍ତି । ପୃଥିବୀ ମାଜିଷ୍ଟ୍ରେଟଙ୍କ ବିଦ୍ୟା ଏହିଠାରୁ ସମାପ୍ତ ହେଲା କିନ୍ତୁ ଗବର୍ଣ୍ଣମେଣ୍ଟ ତାହାଙ୍କୁ କିଛି କହିବେ କି ନାହିଁ ଦେଖିବାରେ ଆସିବ ।

ପାବନାର ପ୍ରଜାମାନେ ଅବାଧ୍ୟ ସଜାତ ହୋଇ ତାହାରୁ ସେମାନେ ଖଜଣା ଦେବାକୁ ଅସ୍ୱୀକାର ହୋଇଅଛନ୍ତି ଓ ଜମିଦାରମାନେ ନାଲିଶ କରି ଅନେକ ଡିକ୍ରୀ ପ୍ରାପ୍ତ ହେଲେଣି । ଏହି ଡିକ୍ରୀ ସବୁ ଜାରି ହେଲେ ପ୍ରଜାମାନେ ବିଲକ୍ଷଣ ଶିକ୍ଷା ପାଇବେ ଓ ଆଉମାନଙ୍କୁ ଯେଉଁମାନେ ଘୃଣା କରନ୍ତି ତାହାଙ୍କର ଭ୍ରମ ମଧ୍ୟ ପ୍ରକାଶ ପାଇବ ।

କଲିକତା ସହରରେ ଉତ୍ତମଜଳ ପ୍ରାପ୍ତିର ସୁଯୋଗ ନ ଥିବାରୁ ଲୋକଙ୍କ ସ୍ୱାସ୍ଥ୍ୟରକ୍ଷା ଭଲ ହୋଇ ପାରୁ ନାହିଁ ଏ ହେତୁ ସେଠାରେ ଜଳ ଯୋଗାଇବାର ବନ୍ଦୋବସ୍ତ ମିଉନିସିପଲ କମିଟି କରୁଅଛନ୍ତି ଏଥିରେ ଅନେକ ଟଙ୍କା ବ୍ୟୟ ହେବ ସତ୍ୟ କିନ୍ତୁ ନିର୍ମଳଜଳ ପାନ କରିବାକୁ ମିଳିଲେ ମୃତ୍ୟୁର ପରିମାଣ ଊଣା ହେବାର କଲିକତାରେ ଦେଖା ଯାଉଅଛି । ଅତଏବ ବ୍ୟୟ କିଛି ଅଧିକା ହେଲେ ମଧ୍ୟ ଏ କାର୍ଯ୍ୟ କରିବାର ଆବଶ୍ୟକ ।

---

## ମୂଲ୍ୟପ୍ରାପ୍ତି ।

---

| | | | |
|---|---|---|---|
| ବାବୁ ଗୋପାଳପ୍ରସାଦ ମିଶ୍ର | କଟକ | ବଳାସ୍ତା | ୫୬୧ |
| „ ରଘୁନାଥ ଘୋଷ | „ | „ | ୫୪୧ |
| „ କୃଷ୍ଣବଲ୍ଲଭ ଘୋଷ | „ | „ | ୫୨୧ |

---

☞ ଏହି ଉତ୍କଳଦୀପିକା ସହର କଟକ ଦର୍ଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଅତିରିକ୍ତ

ଉତ୍କଳଦୀପିକା ତା ୨୦ ଋଗ ଡସମ୍ବର ସନ ୧୮୭୩ ମସିହା ।

## ସନ ୧୮୭୩ ମସିହାର ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବାଳକମାନଙ୍କର ନାମ ।

### ପ୍ରଥମ ଶ୍ରେଣୀ ।

| | | |
|---|---|---|
| ୧ | ଶ୍ୟାମଚରଣ ପଣ୍ଡା | ବାଗୁରଇ ସ୍କୁଲ |
| ୨ | ଦାମୋଦର ନନ୍ଦ | ମହାଶିଙ୍ଗପୁର ସ୍କୁଲ |
| ୩ | ଶିବଚନ୍ଦ୍ର ବଲ | ଦୋଲସାହି „ |
| ୪ | ହରିହର ତ୍ରିପାଠୀ | „ „ |
| ୫ | ଦାମୋଦର ଶତପଥୀ | ମହାଶିଙ୍ଗପୁର „ |

### ଦ୍ୱିତୀୟ ଶ୍ରେଣୀ ।

| | | |
|---|---|---|
| ୬ | ସଦାଶିବ ଦାସ | ଖୋର୍ଦ୍ଧା ଭର୍ଣ୍ଣାକୁଲର ସ୍କୁଲ |
| ୭ | ବିଦ୍ୟାଧର ମହାନ୍ତି | ଢେଙ୍କାନାଳ ସ୍କୁଲ |
| ୮ | ଯୁଗଳକିଶୋର ମହାନ୍ତି | କଟକ ଭର୍ଣ୍ଣାକୁଲର ସ୍କୁଲ |
| ୯ | ନାରାୟଣ ମହାନ୍ତି | ସୋରେ ସ୍କୁଲ |
| ୧୦ | ମୋହନଲାଲ ସିଂହ | ଖୋର୍ଦ୍ଧା ଭର୍ଣ୍ଣାକୁଲର ସ୍କୁଲ |
| ୧୧ | ଗଦାଧର ମହାନ୍ତି | ଢେଙ୍କାନାଳ ସ୍କୁଲ |
| ୧୨ | ଗଦାଧର ଦୋବେଦୀ | ସୋରେ ସ୍କୁଲ |
| ୧୩ | ଦାମୋଦର ପଟ୍ଟନାୟକ | ଢେଙ୍କାନାଳ ସ୍କୁଲ |
| ୧୪ | ଭଗୀରଥୀ ଦାସ | କୃଷ୍ଣାନନ୍ଦପୁର „ |
| ୧୫ | ବାଳକୃଷ୍ଣ ନନ୍ଦ | ସୋରେ „ |
| ୧୬ | ନନ୍ଦ ମହାପାତ୍ର | ବାଲେଶ୍ୱର ମିସନ ସ୍କୁଲ |
| ୧୭ | ଅର୍ତ୍ତତ୍ରାଣ ତ୍ରିପାଠୀ | ଜମାପଡା ସ୍କୁଲ |
| ୧୮ | ଦୁର୍ଗାଚରଣ ମହାନ୍ତି | ସେଣ୍ଟ ଜୋସେଫ୍ସ ସ୍କୁଲ |
| ୧୯ | ରାମକୃଷ୍ଣ ପଟ୍ଟନାୟକ | କଟକ ଭର୍ଣ୍ଣାକୁଲର „ |
| ୨୦ | ସଲ ନାୟକ | ବାଲେଶ୍ୱର ମିସନ „ |
| ୨୧ | ଗଦାଧର ସାହୁ | କଟକ ଭର୍ଣ୍ଣାକୁଲର „ |
| ୨୨ | ରାଧାକିଶୋର ମହାନ୍ତି | ପଟ୍ଟାମୁଣ୍ଡେଇ „ |
| ୨୩ | ଯଦୁମଣି ମହାନ୍ତି | କୃଷ୍ଣାନନ୍ଦପୁର „ |
| ୨୪ | ଜଗଦାନନ୍ଦ ରାଉତ | ଦେହୁର୍ଦ୍ଦା „ |

### ତୃତୀୟ ଶ୍ରେଣୀ ।

| | | |
|---|---|---|
| ୨୫ | ଆନନ୍ଦ ମହାନ୍ତି | ଢେଙ୍କାନାଳ ସ୍କୁଲ |
| ୨୬ | ଦୁର୍ଗାଚରଣ ଷଡଙ୍ଗୀ | ସୋରେ „ |
| ୨୭ | ରାଧାମୋହନ ମୁଦ୍ଗର୍ଯ୍ୟା | ବାରବାଟୀ „ |
| ୨୮ | ଆନନ୍ଦଲାଲ ବୋଷ | ପହଗ୍ରଜପୁର ସ୍କୁଲ |
| ୨୯ | ବଣାରାମ ଲାଲ | କଟକ ଭର୍ଣ୍ଣାକୁଲର ସ୍କୁଲ |
| ୩୦ | ଅଭୟଚରଣ ଦାସ | ବାରବାଟୀ ସ୍କୁଲ |
| ୩୧ | ଜଗମୋହନ ପାଲ | ବାଁଗଡହା „ |
| ୩୨ | ରାଧାକୃଷ୍ଣ ଦାସ | କଟକ ଭର୍ଣ୍ଣାକୁଲର ସ୍କୁଲ |
| ୩୩ | ସତ୍ୟବାଦୀ ମହାନ୍ତି | ଜମାପଡା ସ୍କୁଲ |
| ୩୪ | ନବକିଶୋର ଘୋଷାଲ | ଦେହୁର୍ଦ୍ଦା „ |
| ୩୫ | ପରମାନନ୍ଦ ଦାସ | ରାମବାଗ „ |
| ୩୬ | ବିଦ୍ୟାଧର ଦାସ | ମହାଶିଙ୍ଗପୁର ସ୍କୁଲ |
| ୩୭ | ରଘୁନାଥ ଦାସ | ବାରବାଟୀ „ |
| ୩୮ | ବାଞ୍ଛାନିଧି ମହାନ୍ତି | ଅଶ୍ୱରେଶ୍ୱର „ |
| ୩୯ | ମାଧବାନନ୍ଦ ମହାନ୍ତି | ପୁରୀ „ |
| ୪୦ | ହରେକୃଷ୍ଣ ତ୍ରିପାଠୀ | ମହାଶିଙ୍ଗପୁର „ |
| ୪୧ | ଲକ୍ଷ୍ମଣ ପଣ୍ଡା | „ „ |
| ୪୨ | କୁଞ୍ଜଲାଲ ଆଗର୍ଯ୍ୟ | ପୁରୀ „ |
| ୪୩ | ଶ୍ୟାମଚନ୍ଦ୍ର ଦାସ | ରେମା „ |
| ୪୪ | ଜାନକୀରାମ ସିଂହ | ଅଶ୍ୱରେଶ୍ୱର „ |
| ୪୫ | ରାମପ୍ରସାଦ ନନ୍ଦୀ | ରେମା „ |
| ୪୬ | ବିଶ୍ୱନାଥ ପଟ୍ଟନାୟକ | ଢେଙ୍କାନାଳ „ |
| ୪୭ | ଆନନ୍ଦଚନ୍ଦ୍ର ମହାପାତ୍ର | ଝାଁଳା „ |
| ୪୮ | ଗୋବିନ୍ଦପ୍ରସାଦ ଦାସ | ରାମବାଗ „ |
| ୪୯ | କୃଷ୍ଣପ୍ରସାଦ ସିଂହ | ଜାଗିକୋଟ „ |
| ୫୦ | ଗୋପବନ୍ଧୁ ପଟ୍ଟନାୟକ | ଅନଗୁଳ „ |
| ୫୧ | ତ୍ରୈଲୋକ୍ୟନାଥ ଭଞ୍ଜ | ବାଁଗଡହା „ |
| ୫୨ | ସନାତନ ଦତ୍ତ | ପୁରୀ „ |

(*Sd.*) S. Ager
Joint Inspector & President
of the Ex, Committee.

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ... ସଂଖ୍ୟା ... } ତା ୨୨ ରଖ ଡିସେମ୍ବର ସନ ୧୮୮୮ ମସିହା । ମୁ । ପୌଷ ଦ ୯ ନ ସନ ୧୨୯୫ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୨॥ / ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୩ / ମଫସଲ ପାଇଁ ଡାକମାସୁଲ ୬୦


...ତ ସପ୍ତାହ ସୋମବାର ତାଡ଼କେଶ୍ୱର ମଠ ...ଙ୍କ ମୋକଦ୍ଦମା ହାଇକୋର୍ଟରେ ଉପସ୍ଥିତ ... । ମାନ୍ୟବର ମାର୍କବି ଓ ବର୍ଭି ସାହେ- ...ନେ ଅଧସ୍ତ ଅଦାଲତଙ୍କ ନିଷ୍ପତ୍ତିକୁ ବାହାଲ ...ଲେ । ଏଥିରେ ଦର୍ଶକମାନେ ଅତ୍ୟନ୍ତ ...ତ ହେଲେ ଓ ଅନେକ ଦର୍ଶକ ଦୁଃଖିତ ... ଆସିଥିଲେ । ତେଲ୍ଲିଜ୍ୟୁସ ବୋଲନ୍ତି ମହନ୍ତଙ୍କର ଉକୀଲ ଏଭେଭେଲ ଯାବ ... ହୋଇ ତାହାନ୍ତି ମାତ୍ର ଲେଫ୍ଟନେଣ୍ଟ ...ରଙ୍କ ନିକଟରେ ଏହାଙ୍କର ମୁକ୍ତିର ପ୍ରା- ...କରିବେ । ସେଥିରେ କି ଫଳ ହେବ ...ମାନେ କହି ନ ପାରୁ ମାତ୍ର ଭେଭେଦନ ଦୁଃଖିତ ଜେଲଖାନାରେ ଅନେକ ପରିବ ... ପ୍ରସ୍ତୁତ ହୋଇଥିବ ।

---

...ଇ ହରିହର ଦାସଙ୍କ ପୀଡ଼ାର ବୃତ୍ତାନ୍ତ ...ମାନେ ପୂର୍ବେ ଲେଖିଥିଲୁଁ ଏଠାରେ ...ନ ତାହାଙ୍କ ଚିକିତ୍ସା ହୋଇଥିଲା ମାତ୍ର ...ର କିଛି ଫଳ ଦେଖାଗଲା ନାହିଁ ଓ ...ହିଁ ପୀଡ଼ା ଶାନ୍ତ ହେବାର ନ ହେଉ ଦେଖି ...ର ଆତ୍ମୀୟ ଲୋକମାନେ ତାହାଙ୍କୁ ପୁରୀ ...ଲେ । ଏଠାରେ ତାହାଙ୍କର ଚିକିତ୍ସା ... ଚାନ୍ଦା ସଂଗ୍ରହ ହେଉଥିଲା । ଅନେକ ...ସ୍ୱାକ୍ଷର କରିଅଛନ୍ତି ମାତ୍ର କେବଳ ୫୧୪ ...ଦାୟ ହେଲାଅଛି ଓ ଢେଙ୍କାନାଳର ...ଜ ହୋଉଏଟେଙ୍କା ଏଠାରେ ଥିବେ ଯାହା ଉସୁଲ ହୋଇଅଛି ପଣ୍ଡିତଙ୍କ ଆତ୍ମୀୟଲୋକଙ୍କୁ ଦିଆ ଯାଉଅଛି । ପୁରୀରେ ତାହାଙ୍କର ଚିକିତ୍ସା ହେବାର ଶୁଣାଯାଏ । ଯେବେ ସେଠାରେ କେହି ତାହାଙ୍କ ପାଇଁ ଚାନ୍ଦା ସଂଗ୍ରହ କରନ୍ତି ତେବେ ଭରସା କରୁଅଛୁ ଯେ ଏଠା ଲୋକମାନେ ତାହା ବୃଦ୍ଧି କରିବାକୁ ତ୍ରୁଟି କରିବେ ନାହିଁ କୌଣସିରୂପେ ଅମ୍ଭେମାନେ ଅଜାଣନ୍ତି ଯେ ତାହାଙ୍କ ଆରୋଗ୍ୟ ସକାଶେ ସମସ୍ତଙ୍କୁ ଯତ୍ନ କରିବାର ଉଚିତ । ପୁରୁଷୋତ୍ତମରେ କେହି ଏ କାର୍ଯ୍ୟର ଭାର ନେଲେ ଅବଶ୍ୟ ପଣ୍ଡିତଙ୍କର କିଛି ଉପକାର ହୋଇ ପାରେ ପୁରୀ ନିବାସିମାନେ ଏଥିରେ ମନୋଯୋଗୀ ହେଲେ ଅମ୍ଭେମାନେ ବାଧିତ ହେବୁଁ ।

---

ମାଇନର ଛାତ୍ରବୃତ୍ତିର ପରୀକ୍ଷାର ଫଳ ଗତ ପ୍ରକାଶିତ ଉତ୍କଳହିତୈଷିଣୀ ପତ୍ରିକାରେ ପ୍ରକାଶିତ ହୋଇଅଛି । ଇହିଁରୁ ଦେଖାଯାଏ ଯେ ଏବର୍ଷ ଜ ୧୯ ଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସର୍ବସୁଦ୍ଧା ଜ ୨୭ ଣ ଛାତ୍ର ପରୀକ୍ଷା ଦେଇଥିଲେ । ଜ ୨୭ ଣ ମଧ୍ୟରେ ଜ ୧୯ ଣ କୃତକାର୍ଯ୍ୟ ହେବା ଅତ୍ୟନ୍ତ ଆନନ୍ଦର ବିଷୟ ଅଟଇ । ଜ ୧୯ ଣ ଛାତ୍ର ମଧ୍ୟରୁ ଯେଉଁ ବିଦ୍ୟାଳୟର ଯେତେଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ନିମ୍ନେ ଲେଖାଗଲା ଯଥା—

| | |
|---|---|
| କଟକ | ଜ ୭ ଣ |
| ଭଦ୍ରକ | ଜ ୪ ଣ |
| ଯାଜପୁର | ଜ ୨ ଣ |
| କେନ୍ଦ୍ରାପଡ଼ା | ଜ ୧ ଣ |
| ଶାନ୍ତିପୁର | ଜ ୨ ଣ |
| ଖୋର୍ଦ୍ଧା | ଜ ୩ ଣ |

ପ୍ରଥମ ଶ୍ରେଣୀରେ କେବଳ ଜ ୪ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଓ ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ସ୍କୁଲର ଜଣେ ଛାତ୍ର ସର୍ବାପେକ୍ଷା ଉଚ୍ଚସ୍ଥାନ ପାଇଅଛି । ଅବଶିଷ୍ଟ ତିନିଜଣ ମଧ୍ୟରେ ଦୁଇ ଜଣ ଭଦ୍ରକ ଓ ଏକଜଣ କଟକସ୍କୁଲର ଛାତ୍ର ଅଟନ୍ତି । କଟକ ସ୍କୁଲରୁ ସର୍ବସୁଦ୍ଧା ଜ ୭ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏହା ଆନନ୍ଦର ବିଷୟ କାରଣ କଟକ ସ୍କୁଲଟି ପୂର୍ବେ ଉର୍ଦ୍ଦୁ ସ୍କୁଲ ନାମରେ ଖ୍ୟାତ ଥିଲା କିନ୍ତୁ ତହିଁର ଫଳ ଭଲ ହେଉ ନ ଥିଲା ବର୍ତ୍ତମାନର ଫଳ ଦେଖି ନିଶ୍ଚୟ ଜଣାଯାଏ ଯେ ବର୍ତ୍ତମାନକୁ ଏ ବିଦ୍ୟାଳୟର କାର୍ଯ୍ୟ ଅତି ସୁଚାରୁରୂପେ ଚାଲୁଅଛି ଓ ତହିଁର କାରଣ ବାବୁ କାଳୀମୋହନ ଘୋଷାଲ ଅଟନ୍ତି । ଶିକ୍ଷା ଦେବା ବିଷୟରେ ଏ ମହାଶୟ କେମନ୍ତ ନିପୁଣ ତାହା କାହାରିକୁ ପରିଚୟ ଦେବାର ପ୍ରୟୋଜନ ନ ରଖେ କାରଣ ସେ ଅନେକ କାଳରୁ ଏଠାରେ ପରିଚିତ । ସ୍କୁଲର ଭାଗ୍ୟ ବୋଲିବାକୁ ହେବ ଯେ ତାହାଙ୍କୁ ପ୍ରଧାନ ଶିକ୍ଷକ ସ୍ୱରୂପ ଲଭି ଅଛି ।

---

### ଡାକଘର କର୍ମଚାରୀ ।

ଓଡ଼ିଶାରେ ସ୍ଥାପିତ ହୋଇଥିବା ଡାକଘର-

Digitized by srujanika@gmail.com

Split by PDF Splitter



ମାନଙ୍କର ଅଧିକାଂଶ ବଙ୍ଗଦେଶୀୟ କର୍ମଚାରୀମାନେ ନିଯୁକ୍ତ ହୋଇଅଛନ୍ତି ଓ ଓଡ଼ିଆମାନେ ତହିଁରୁ ବଞ୍ଚିତ ଅଛନ୍ତି ବୋଲି ଅନେକଥର ଏ ପତ୍ରିକାରେ ପ୍ରକାଶିତ ହୋଇଅଛି । ମାତ୍ର ଅଦ୍ୟାବଧି କେହି ଏଥିରୁ ମନ୍ଦଫଳ ଭୋଗ କରିବାର କହି ନ ଥିଲେ । ଅଦ୍ୟ ଜଣେ ପ୍ରେରିତ ଏ ବିଷୟରେ ପ୍ରକାଶ କରୁଅଛନ୍ତି ତହିଁରେ ପାଠକମାନେ ଦେଖିବେ ଯେ ବାସ୍ତବରେ ମନ୍ଦଫଳ ଘଟୁଅଛି । ସଦର ଅଫିସମାନଙ୍କରେ ଯାହା ହେଉ ମୋଫସଲରେ ନୂତନ ସ୍ଥାପିତ ହୋଇଥିବା ଡାକଘରମାନଙ୍କରେ ଓଡ଼ିଆଙ୍କୁ ନିଯୁକ୍ତ କରିବାର ନିତାନ୍ତ ପ୍ରୟୋଜନ । ଏ ସବୁ ଅଫିସରୁ ଅଧିକାଂଶ ଓଡ଼ିଆ ଚିଠି ଆସଇ ଓ ବଙ୍ଗଦେଶୀୟ ଲୋକମାନେ ଭଲ ଓଡ଼ିଆ ପଢ଼ି ପାରିବେ ଏମନ୍ତ ଆଶା କରିବା ସମ୍ଭବର ଅତିରିକ୍ତ ଅଟଇ । ବିଶେଷରେ ସେମାନେ ଏଠା ଗ୍ରାମର ନାମ ସବୁ ଭଲ ଉଚ୍ଚାରଣ କରି ପାରନ୍ତି ନାହିଁ ଓ ତାହାଙ୍କୁ ଏ ପ୍ରଦେଶର କୌଣସି ଅଂଶର କିଛିମାତ୍ର ନାମ ଜଣା ନାହିଁ । ଏପରି ଲୋକଙ୍କଦ୍ୱାରା ଚିଠି ବଣ୍ଟାଇବା କର୍ମ ନିର୍ବାହ ହୋଇ ନ ପାରେ । ଏଦେଶୀୟ ଲୋକମାନେ ଅନେକ ଗ୍ରାମର ନାମ ଜାଣନ୍ତି ଓ ଅନେକ ଗ୍ରାମକୁ ଯିବା ବାଟ କହିଦେଇ ପାରନ୍ତି । ଏପରି ଅନେକ ଲୋକଙ୍କୁ ଚିହ୍ନନ୍ତି ବୋଲି ଠିକଣା ସହଯୋଗୀ ହୋଇ ତାହାଙ୍କ ପତ୍ର ପହଞ୍ଚାଇ ଦିଅନ୍ତି । ବାସ୍ତବରେ ଯେଉଁମାନେ କାଲିକାଲର ଏଠାରେ ଆସିଯାଇ ହୋଇଅଛନ୍ତି ତାହାଙ୍କର ଯେମନ୍ତ ସ୍ଥାନୀୟ ଜ୍ଞାନ ହେବ ଅନ୍ୟ ପ୍ରଦେଶରୁ ଆସିଥିବା ଲୋକର ସେପରି ହେବ ନାହିଁ ବିଶେଷରେ ଗ୍ରାମ୍ୟ ଡାକଘର ସବୁ ନୂତନ ହେଉଅଛି ଓ ଲୋକମାନେ ଯେମନ୍ତ ସହର ଓ ଦେଶୀୟ ଚିଠି ପାଇବେ ତେମନ୍ତ ଏ ସବୁ ଅଫିସର ଆଦର ବଢ଼ିବ । ଅତଏବ ଓଡ଼ିଶାର ଡାକଘର ସବୁରେ ଓଡ଼ିଆଙ୍କୁ ରଖିବାର ଅତିଶୟ ଆବଶ୍ୟକ ଅଟଇ । ସ୍ଥାନୀୟ ହାକିମଙ୍କୁ ଅନେକଥର ଏ ବିଷୟରେ ଅନୁରୋଧ ହୋଇଅଛି ମାତ୍ର ଅଦ୍ୟାବଧି ସେମାନେ ଏଥିରେ କର୍ଣ୍ଣପାତ କରି ନାହାନ୍ତି । ଭରସା ଅମ୍ଭମାନଙ୍କ ପତ୍ରପ୍ରେରକଙ୍କ କଥାକୁ ଆସ୍ଥା କଲେ ଅମ୍ଭେମାନେ ପରମ ଉପକୃତ ହେବୁଁ ।

---

## ଓଡ଼ିଶାରେ ଦୁର୍ଭିକ୍ଷ

ଅମ୍ଭେମାନେ ବଙ୍ଗଳାର ଦୁର୍ଭିକ୍ଷର ଖବର କରୁଅଛୁଁ କି ଏଥି ମଧ୍ୟରେ ଦୁର୍ଭିକ୍ଷ ଅସ୍ମମାନଙ୍କଦ୍ୱାରରେ ଆସି ପ୍ରବେଶ ହେଲାଣି । ଶ୍ରୀଯୁକ୍ତ କମିଶନରସାହେବ ମୋଫସଲ ଗସ୍ତ ଉପଲକ୍ଷରେ ସୋରମୁକାମରେ ସ୍ପଷ୍ଟ ଦେଖିଅଛନ୍ତି ଯେ ସେ ଅଞ୍ଚଳରେ ଦୁର୍ଭିକ୍ଷ ଉପସ୍ଥିତ ହୋଇ ଅଛି ଏକଶତମାଇଲ ଅଭ୍ୟନ୍ତରରେ ଗୋଟିଏ ସୁଦ୍ଧା ଧାନଗଛ ରକ୍ଷା ପାଇ ନାହିଁ ଓ ପ୍ରଜାମାନେ ଦୂରମାନର ବଲକୁ ଯାଇ ନାହାନ୍ତି । ଅନାବୃଷ୍ଟି ଏଥିର କାରଣ ଅଟଇ । ଓଡ଼ିଶାରେ ଯେବେକି ସାଧାରଣରୂପେ ଫସଲ ହୋଇ ଅଛି ମାତ୍ର ସ୍ଥାନବିଶେଷରେ ବୃଷ୍ଟିର ଅଭାବ ଅତିଶୟ ଅନିଷ୍ଟ କରଅଛି କମିଶନରସାହେବ ସୋରର ଅବସ୍ଥା ଏରୂପ ଦେଖି ସେଠାରେ ଲୋକଙ୍କ ସାହାଯ୍ୟ ନିମିତ୍ତ ସରକାରୀ କର୍ମ ଆରମ୍ଭ କରିବାପାଇଁ ଗବର୍ଣ୍ଣମେଣ୍ଟଙ୍କୁ ଲେଖି ଅଛନ୍ତି ମାତ୍ର ଯେଉଁମାନେ କର୍ମ କରିବାକୁ ଅକ୍ଷମ ତାହାଙ୍କ ସାହାଯ୍ୟ ନିମିତ୍ତ ଚେନ୍ଦାଦ୍ୱାରା ଟଙ୍କା ସଂଗ୍ରହ କରିବାର ଆବଶ୍ୟକ ହେବାରୁ କଟକ କଲେକ୍ଟରଙ୍କ ନିକଟକୁ ତହିଁର ଉଦ୍ୟମ କରିବାପାଇଁ ଲେଖି ଅଛନ୍ତି । ତଦନୁସାରେ କଲେକ୍ଟରସାହେବ ଏ ନଗରସ୍ଥ ସମସ୍ତ ସମ୍ଭ୍ରାନ୍ତ ଲୋକଙ୍କୁ ସଭାକୁ ଆହ୍ୱାନ କରିଅଛନ୍ତି ଏ ସଭା ଗତ କାଲି ଅପରାହ୍ନ ୪ଟା ବାଜିବା ସମୟରେ ସର୍କ୍ୟୁଟ ଘରରେ ହେବାର ଥିଲା । ଅସମୟ ହେବାରୁ ଅମ୍ଭେମାନେ ଉକ୍ତ ସଭାର ବିବରଣ ଅଦ୍ୟ ଲେଖି ନ ପାରିଲୁଁ । ଭରସା କରୁଁ ଯେ ସଭା ସଫଳ ହୋଇଥିବ ଓ ଯେଉଁମାନେ ସଭାରେ ଉପସ୍ଥିତ ନ ଥିଲେ ସେମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଏମନ୍ତ ସମୟରେ ଦୁଃଖିଙ୍କ ସାହାଯ୍ୟ ନିମିତ୍ତ ସେମାନେ ଅଗ୍ରସର ହେଉନ୍ତୁ । ଦୁର୍ଭିକ୍ଷ ଅଳ୍ପସ୍ଥାନରେ ପଡ଼ିଅଛି ଓ କମିଶନରସାହେବଙ୍କ ଲେଖାନୁସାରେ ସେ ଅଞ୍ଚଳର ଲୋକସଂଖ୍ୟା ୩୭୦୦୦ ହଜାର ଅଟଇ । କୋଡ଼ିଏଲକ୍ଷ ଲୋକଙ୍କ ମଧ୍ୟରେ ୩୭୦୦୦ ଜଣ ନିର୍ବାହ ହୋଇବିବା ବଡ଼ କଠିନ ନୁହଇ କିନ୍ତୁ ଗୋଟିଏ ପ୍ରତିବନ୍ଧକ ଏହି ଯେ ଓଡ଼ିଶାରେ ଅତି ବୃଷ୍ଟି ପୁଣି କଲିକତାକୁ ଚାଉଳ ଅଧିକ ରପ୍ତାନୀ ହେବାରୁ ଭାତ ଅତ୍ୟନ୍ତ ବୃଦ୍ଧି ହୋଇ ଅଛି ଏମନ୍ତ କି ଓଡ଼ିଶାପ୍ରତି ତାହାକୁ ଦୁର୍ଭିକ୍ଷ କୁହାଯାଇ ପାରେ ସୁତରାଂ ସାହାଯ୍ୟର ନିତାନ୍ତ ପ୍ରୟୋଜନ ଦେଖାଯାଏ ଓ ତହିଁ ... ବୋଧ ହୁଅଇ ଗବର୍ଣ୍ଣମେଣ୍ଟ ଉକ୍ତ ସ୍ଥାନର ଖଜଣା ସମ୍ପୂର୍ଣ୍ଣ କ୍ଷମା ଦେବାକୁ ପ୍ରସ୍ତୁତ ହେବେ ତାହା ନ ହେଲେ ଜମିଦାରମାନେ ସରକାରଙ୍କୁ ଖଣ୍ଡ ଦେବାର ଆଉ ସେମାନଙ୍କର ଉପକାର ସକାଶେ ଅର୍ଥ ବ୍ୟୟ କରି ପାରିବେ ନାହିଁ ।

---

ଏ ନଗରସ୍ଥ ମହାଜନମାନେ ଅମ୍ଭମାନଙ୍କୁ ଜଣାଇଅଛନ୍ତି ଯେ ବ୍ରିଟିଶ ଇଣ୍ଡିଆନ ଷ୍ଟିମ ନାବିଗେସନ କମ୍ପାନିଙ୍କ ଏଜେଣ୍ଟ ଉଇଦର ସାହେବ ତାହାଙ୍କ ବାଣିଜ୍ୟଦ୍ରବ୍ୟ କଲିକତାକୁ ପଠାଇବା କାରଣ ନେଉ ନାହାନ୍ତି । ନ ନେବାର କାରଣ ଏହି ଯେ ଗବର୍ଣ୍ଣମେଣ୍ଟ ଏଠାରୁ ଯେଉଁ ଚାଉଳ କ୍ରୟ କରି ନେଉଅଛନ୍ତି ତହିଁରେ ବଣିଘର ଓ ବନ୍ଦରର ଜାହାଜ ପୂର୍ଣ୍ଣ ହୋଇଯାଉଅଛି ଅପର ଲୋକର ଦ୍ରବ୍ୟ ନେଇ ଯିବାକୁ ସ୍ଥାନ ହେଉ ନାହିଁ ଏବଂ ଉଇଦର ସାହେବ ସ୍ୱୟଂ ବାଣିଜ୍ୟ କରନ୍ତି ତାହାଙ୍କର ଦ୍ରବ୍ୟ ସେଥି ସଙ୍ଗେ କୌଣସିରୂପେ ପଠାଉଅଛନ୍ତି । ଏଥିରେ ମହାଜନମାନଙ୍କର ବିଶେଷ କ୍ଷତି ହେଉଅଛି । ସେମାନେ ଟଙ୍କା ବ୍ୟୟ କରି ଲାଭ ପାଇବା ମାନସରେ ଅନେକ ଦ୍ରବ୍ୟ କ୍ରୟ କରି କଲିକତାକୁ ପଠାଇବାପାଇଁ ପ୍ରସ୍ତୁତ ରଖିଅଛନ୍ତି ସମୟରେ ସେ ସବୁ କଲିକତାରେ ପହଞ୍ଚାଇ ପାରିଲେ ଲାଭ କରନ୍ତେ କିନ୍ତୁ ରପ୍ତାନିର ଅସୁବିଧା ଯୋଗୁଁ ଟଙ୍କା ବନ୍ଦ ପଡ଼ି ରହି ସୁଧ ବଢ଼ି ହେଲା ଓ ଅସମୟରେ ପ୍ରବେଶ ହେଲେ ଏମନ୍ତ ହୋଇପାରେ ଯେ ଲାଭ ଉଣା ହୋଇ କ୍ଷତି ପଡ଼ିବାର ସମ୍ଭାବନା । ମହାଜନମାନେ ସ୍ଥାନୀୟ କର୍ମଚାରୀ ଓ ଗବର୍ଣ୍ଣମେଣ୍ଟଙ୍କୁ ଏ ଦୁଃଖ ଜଣାଇବାପାଇଁ ଅମ୍ଭମାନଙ୍କୁ ଅନୁରୋଧ କରିଅଛନ୍ତି ଓ ଅମ୍ଭେମାନେ ବିବେଚନା କରି ଦେଖୁଁ ଯେ ତାହାଙ୍କର ଦୁଃଖ ଶୋଚନୀୟ ଅଟଇ ଓ ତାହା ନିବାରଣ ନ କଲେ ତାହାଙ୍କର ଓ ଗବର୍ଣ୍ଣମେଣ୍ଟଙ୍କର କ୍ଷତି ହେବ । ସରକାରୀ ଚାଉଳ ରପ୍ତାନୀ କରିବା ଏ କମ୍ପାନିର ଉଚିତ କାର୍ଯ୍ୟ ନୁହଇ ଓ ତହିଁପାଇଁ ଉଚିତ ବ୍ୟବସାୟର ବାଧା ଜନ୍ମାଇବା ନିତାନ୍ତ ଅନୁଚିତ । ସରକାରୀ ଚାଉଳ ଦସ୍ତୁର ଯିବ ଓ ଯେବେ କମ୍ପାନିର ଓ ଷ୍ଟିମରଙ୍କ ଅସୁବିଧା ତାହାଙ୍କରେ ସ୍ଥାନ ନ ହେଲା ତେବେ ତହିଁପାଇଁ ଅଧିକ ଜାହାଜ ଭଡ଼ା କରିବାର ଉଚିତ ସେ ରପ୍ତାନୀ ସକାଶେ ମହାଜନମାନଙ୍କୁ କ୍ଲେଶ ଦେବାର କୌଣସି କାରଣ ନାହିଁ । ବିଶେଷରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ସ୍ପଷ୍ଟ କହିଅଛନ୍ତି ଯେ ସାଧାରଣ ବାଣିଜ୍ୟ ଉପରେ କୌଣସିରୂପେ ହସ୍ତକ୍ଷେପଣ କରିବା ଅଯୋଗ୍ୟ

Digitized by srujanika@gmail.com

Split by PDF Splitter



ଓ ଗବର୍ଣ୍ଣମେଣ୍ଟ ତାହା ପ୍ରଦାନ କରବେ
। କିନ୍ତୁ ଯେଉଁ ଅସୁବିଧାର କଥା ଆମ୍ଭେ-
କହୁଅଛୁଁ ତହିଁରେ ସାଧାରଣ ବାଣି-
ପ୍ରକାରାନ୍ତରରେ ହସ୍ତକ୍ଷେପଣ ହୋଇଥ-
ାନୀୟ ଗବର୍ଣ୍ଣମେଣ୍ଟ କର୍ମଚାରୀଙ୍କୁ ଆମ୍ଭେ-
ଅନୁରୋଧ କରୁଁ ଯେ ଏଥିର ପ୍ରତୀକାର
କରନ୍ତୁ । ଆମ୍ଭେମାନେ ଶୁଣିଅଛୁଁ ଯେ
୨ ୨୦ ନ ହେଲା କୌଣସି ମହାଜନର
ରପ୍ତାନୀ ତହିଁ ନାହିଁ ଓ ଏଥିପାଇଁ ଦର
ବଜାର ବସ୍ତ୍ରା ଚାଉଳ ଓ ତୈଳଜଦ୍ରବ୍ୟ
ହୋଇ ପଡିଅଛି । ଗୁଡବାଲଠାରେ ମଧ୍ୟ
ାର ଘଟିବାର ଗତସପ୍ତାହରେ ଲେଖିଥି-
ତହିଁରେ ଅନେକ ମହାଜନର କ୍ଷତି
ଅଛି । ବାଣିଜ୍ୟର ସୁବିଧା ସକାଶେ ଗବ-
ଏତେ କଷ୍ଟ ସ୍ୱୀକାର କରି ବନ୍ଦର ଓ
ନ ବନ୍ଦରମାନଙ୍କର ଉନ୍ନତି ସାଧନ କରୁ-
କିନ୍ତୁ ଯେବେ ସମୟରେ ମହାଜନମା-
ଉପକାରରେ ତାହା ନ ଆସିଲା ତେବେ
ଫଳ ହେବ ? ଆମ୍ଭମାନଙ୍କ ବିବେଚ-
ନ୍ୟୁନିତରୂପେ ଅସୁବିଧା ଜାହାଜମାନ-
ମହାଜନମାନଙ୍କର ଦ୍ରବ୍ୟ ଆଗେ ପଠା-
କର୍ତ୍ତବ୍ୟ ତହିଁ ଉତ୍ତାରୁ ସରକାରୀ ଚାଉଳ
ଯେବେ ତାହାସବୁ ଯାଇ ନ ପାରେ
ଗବର୍ଣ୍ଣମେଣ୍ଟ ପୃଥକ୍ ଜାହାଜ ପଠାଉନ୍ତୁ

---

### ଦୁର୍ଭିକ୍ଷ ଓ ଲର୍ଡନର୍ଥବ୍ରୁକ ।

ମାନ୍ୟ ଗବର୍ଣ୍ଣର ଜେନରଲ ଲର୍ଡନର୍ଥ
ବ୍ରୁକ ଆପଣଙ୍କ ପ୍ରତ୍ୟାଗମନ କାଳରେ
ଖଣ୍ଡର ଜେତେକ ସ୍ଥାନ ଦର୍ଶନ ଓ
କର୍ମଚାରୀଙ୍କ ସହିତ ପରାମର୍ଶ କରି ଦୁର୍ଭି-
ବସ୍ଥା ଉତ୍ତମରୂପେ ଜାଣି ଆସି ଗବର୍ଣ୍ଣ-
ବଙ୍ଗାଳଙ୍କୁ ଏକ ପତ୍ର ଲେଖି ଅଛନ୍ତି ।
ଛେ ଉକ୍ତ ପତ୍ରରୁ ଅବଗତ ହେଲୁଁ ଯେ
ର୍ଡ ସାହେବ ଗବର୍ଣ୍ଣମେଣ୍ଟ ବଙ୍ଗାଳଙ୍କ
ର ଅତ୍ୟନ୍ତ ସନ୍ତୁଷ୍ଟ ହୋଇଅଛନ୍ତି ଓ
କର୍ମଚାରୀମାନେ ଯେମନ୍ତ ତତ୍ପର ହୋଇ
ର ନାନା ଉପାୟମାନ କାର୍ଯ୍ୟରେ ପରି-
ରଗୁଅଛନ୍ତି ତହିଁରେ ସେମାନଙ୍କର
କରୁଅଛନ୍ତି । ଲର୍ଡ ମହୋଦୟ ବୋ-
ଧ ହେବାର ଅଞ୍ଚଳରେ ସର୍ବାପେକ୍ଷା
ସମ୍ଭାବନା ଅଧିକ ଥିଲା ସେଠାରେ
ାକାଳୀୟ ଶସ୍ୟର ସମ୍ପୂର୍ଣ୍ଣ କ୍ଷତି ନ ହୋଇ
ଲ୍ ହସ୍ତଗତ ହୋଇଅଛି ଓ ତହିଁର

ନିକଟବର୍ତ୍ତୀ ପଶ୍ଚିମ ପ୍ରଦେଶରେ ରବି ଫସଲ ଅତ୍ୟନ୍ତ ଭଲ ହେବାର ସମ୍ଭାବନା ଅଛି କେବଳ କତିଦିନ ସମୟକୁ କିଛି ବର୍ଷାର ଆବଶ୍ୟକ । ଏମନ୍ତ ଅନୁମାନ ହୁଅଇ ଯେ ଏସବୁ ସ୍ଥାନରୁ ବଙ୍ଗଳାକୁ ଅନେକ ଖାଦ୍ୟ ଦ୍ରବ୍ୟ ଆମଦାନୀ ହୋଇପାରିବ । ଦୁର୍ଭିକ୍ଷ ନିବାରଣ ଉଦ୍ଦେଶରେ ଯେ ସମସ୍ତ ଉପାୟ ସ୍ଥିର ହୋଇଅଛି ତହିଁରୁ ଅଧିକ କିଛି ପ୍ରୟୋଜନ ହୋଇ ନାହିଁ ଓ ସାହାଯ୍ୟ ଦାନ ପାଇଁ କମିଟୀ ବସାଇବାର ଅଦ୍ୟ ଆବଶ୍ୟକ ହୋଇ ନ ଥିବାରୁ ତାହା ସ୍ଥଗିତ ଅଛି ।

ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ନାନା ସ୍ଥାନରୁ ଖାଦ୍ୟ ଦ୍ରବ୍ୟ ଆମଦାନୀ କରିବା ବିଷୟରେ ଗବର୍ଣ୍ଣର ଜେନରଲ ଏହି ମନ୍ତବ୍ୟ ବ୍ୟକ୍ତ କରିଅଛନ୍ତି ଯେ ସ୍ଥାନୀୟ ଅଭାବମାନ ବାଣିଜ୍ୟଦ୍ୱାରା ଉତ୍ତମରୂପେ ପୂରଣ ହେଉଅଛି ଓ ବାଣିଜ୍ୟ ଦ୍ରବ୍ୟର ଯାତାୟାତର ଯେରୂପ ସୁବିଧା ଅଛି ତହିଁରେ ନିଶ୍ଚୟ ଜଣାଯାଏ ଯେ ସାଧାରଣ ବାଣିଜ୍ୟଦ୍ୱାରା ସମ୍ପୂର୍ଣ୍ଣ ଲାଭ ହେବ ଗବର୍ଣ୍ଣମେଣ୍ଟଙ୍କର ତହିଁରେ ହସ୍ତକ୍ଷେପଣ କରିବାର କୌଣସି ପ୍ରୟୋଜନ ନାହିଁ । ଗବର୍ଣ୍ଣମେଣ୍ଟ କେବଳ ସରକାରୀ କାର୍ଯ୍ୟ ହେଉଥିବା ସ୍ଥଳରେ ଆବଶ୍ୟକ ମତେ ଚାଉଳ କ୍ରୟ କରି ରଖିବେ ଓ ସାଧାରଣ ବାଣିଜ୍ୟର ଯେମନ୍ତ କିଛି କ୍ଷତି ନ ହୁଅଇ ତହିଁପ୍ରତି ବିଶେଷ ଦୃଷ୍ଟି ରଖିବେ । ଦରିଦ୍ରଙ୍କୁ ବିତରଣ କରିବା ସକାଶେ ମଧ୍ୟ ଆବଶ୍ୟକମତେ ଚାଉଳ ଜମା ରହିବ ।

ସୋନକେନାଲର ସୁପରିଣ୍ଟେଣ୍ଡିଂଇଞ୍ଜିନିୟର ଲେକ୍ଷସାହେବଙ୍କୁ ଗବର୍ଣ୍ଣମେଣ୍ଟ ଅନେକ ଧନ୍ୟବାଦ ଦେଇଅଛନ୍ତି । ଅଳ୍ପ ବର୍ଷାବଶରେ ଯେତେବେଳେ ବର୍ଷାର ଅଭାବ ଭରି ଦେଖାଗଲା ତେତେବେଳେ ସେ ଉକ୍ତ କେନାଲର ଅନେକଗୁଡିଏ ଶାଖା ଶୀଘ୍ର ପ୍ରସ୍ତୁତ କରାଇ ଏକଲକ୍ଷ କୋଡିଏହଜାରମାଣ ଭୂମିରେ ଜଳ ଦେବାର ସୁଯୋଗ କରିଦେଇ ଅନେକ କ୍ଷେତ ବଞ୍ଚାଇ ଥିଲେ । ଲେକ୍ଷ ସାହେବଙ୍କ ଏଠା ଲୋକେ ଉତ୍ତମରୂପେ ଜାଣନ୍ତି ଓଡିଶାରେ ଯେତେବେଳେ ଇରିଗେସନ କାର୍ଯ୍ୟ ଆରମ୍ଭ ହେଲା ସେ ଏଠାକୁ ଆସିଥିଲେ ଓ ଏଠା ଦୁର୍ଭିକ୍ଷ ସମୟରେ ଏହିପରି କାର୍ଯ୍ୟକରି ସୁଖ୍ୟାତି ଲଭି ଅଛନ୍ତି । ଏ ପ୍ରସଙ୍ଗରେ ଆମ୍ଭେମାନେ ଦେଖୁଁ ଯେ ଯେଉଁ ସମୟରେ କେନ୍ଦ୍ରାପଡ଼ା କାଲ ପ୍ରଥମେ ପ୍ରସ୍ତୁତ ହେଲା ଓ ଜଳ ଯୋଗାଇବାର ଅଳ୍ପ ସୁଯୋଗ ହୋଇଥିଲା ସେହିକାଳରେ ଓଡିଶାରେ ଦୁର୍ଭିକ୍ଷ ପଡିଲା ଓ ଏବର୍ଷ ବେହାର ପ୍ରଦେଶରେ କେବଳ ସୋନନାଲ ପ୍ରସ୍ତୁତ ହୋଇ ଅଳ୍ପସ୍ଥାନରେ ଜଳ ଦେବାର ସୁବିଧା ହୋଇଥିବା କାଳରେ ସେଠାରେ ଦୁର୍ଭିକ୍ଷ ଉପସ୍ଥିତ ହୋଇ ଅଛି । ଏ ଘଟନାଟି ଅତି ଚମତ୍କାର ଅଟଇ । ଦୁର୍ଭିକ୍ଷ ନିବାରଣ କରିବା ପାଇଁ ଗବର୍ଣ୍ଣମେଣ୍ଟ ନାଲକାର୍ଯ୍ୟରେ ପ୍ରବୃତ୍ତ ହୋଇଅଛନ୍ତି କିନ୍ତୁ ଯେଉଁଠାରେ ଯେତେବେଳେ ନାଲର ଆରମ୍ଭ ହେଉଅଛି ସେଠାରେ ସେତେବେଳେ ଦୁର୍ଭିକ୍ଷ ଉପସ୍ଥିତ ହେଉଅଛି । ଏଥିର ତାତ୍ପର୍ଯ୍ୟ କି ବୁଝାଯାଉ ନାହିଁ । ବୈଦ୍ୟ ଯେମନ୍ତ କୌଣସି ରୋଗର ପ୍ରତୀକାର କରିବା ଆରମ୍ଭରେ ସେ ରୋଗକୁ ପ୍ରଥମେ ବଢ଼ାଇଦେବାର ଶୁଣାଯାଏ କଥାଟା କି ସେହିପରି କରୁଅଛନ୍ତି ଯେବେ ତାହା ହୁଅଇ ତେବେ ପରିଶେଷରେ ନାଲଦ୍ୱାରା ମଙ୍ଗଳ ହେବ ଏମନ୍ତ ଆଶା ନିଶ୍ଚୟ ହୋଇପାରେ ।

---

## ସାପ୍ତାହିକସଂବାଦ ।

ଆମ୍ଭେମାନେ କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ ଯେ ବାଲେଶ୍ୱରର ଜଣେ ଜମିଦାର ବାବୁ ବୈକୁଣ୍ଠନାଥ ଦେ ପଣ୍ଡିତ ହରିହର ଦାସଙ୍କ ଚିକିତ୍ସା ପାଇଁ ୫ ୧୦ ଟଙ୍କା ଭେଟା ପଠାଇ ଦେଇଅଛନ୍ତି । ବାବୁଙ୍କର ଏପରି ଦାନ ଅତି ପ୍ରଶଂସନୀୟ ଅଟଇ ।

ଏ ନଗରରେ ଚାଉଳର ଦର ପୁନର୍ବାର ବୃଦ୍ଧି ହେବାର ଦେଖାଯାଏ । କଲିକତା ରପ୍ତାନୀ ଏଥିର କାରଣ ଅଟଇ ।

ଆଗାମୀ ମାସ ତା ୪ ରିଖରେ ଶ୍ରୀଯୁକ୍ତ କଲେକ୍ଟର ସାହେବ ମୋଫସଲ ଯାତ୍ରାକୁ ଯିବେ ବୋଲି ସ୍ଥିର କରୁଅଛନ୍ତି ।

ଏବର୍ଷ ବଡଦିନ ଉପଲକ୍ଷରେ ସ୍ଥାନୀୟ ଇଂରେଜମାନେ ସାଧାରଣଙ୍କ ଦର୍ଶନୋପଯୁକ୍ତ କୌଣସି କ୍ରୀଡା କି ଆମୋଦ କରି ନାହାନ୍ତି । ପୂର୍ବେ ଘୋଡଦୌଡ଼ ଇତ୍ୟାଦି ହେଉଥିବାରୁ ଏସବୁର ଉତ୍ସବ ଜଣା ପଡୁଥିଲା ।

ପୁରୁଷୋତ୍ତମରୁ ଜଣେ ଲେଖିଅଛନ୍ତି କେଶବପୁର ଶାସନର ବ୍ରାହ୍ମଣମାନେ ଅନେକ ବ୍ୟୟରେ ଗୋଟିଏ ଉତ୍ତମ ମନ୍ଦିର ଓ ମୁକ୍ତଶାଳୀ ପ୍ରସ୍ତୁତ କରି ତହିଁପାଇଁ ଉପଯୁକ୍ତ ଠାକୁର ପାଉ

Digitized by srujanika@gmail.com

Split by PDF Splitter



ନ ଥିଲେ । ପୁରୀର ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ସେ କଥା ଜାଣି ଆପଣା ଘର ୫୦୦୦ଙ୍କାର ଅଧିକ ମୂଲ୍ୟର ଏକ ଗୋପୀନାଥ ମୂର୍ତ୍ତି ସେଠାରେ ବସାଇ ଆପଣା ବ୍ୟୟରେ ପ୍ରତିଷ୍ଠା କର୍ମ କରାଇ ଅଛନ୍ତି । ଏଥିପାଇଁ ପତ୍ରପ୍ରେରକ ତାହାଙ୍କର ଅନେକ ପ୍ରଶଂସା କରିଅଛନ୍ତି ଓ ଆଶା କରନ୍ତି ଯେ ଠାକୁରଙ୍କ ପୂଜା ଓ ଯାତ୍ରା ନିମିତ୍ତ ସେ କିଛି ବ୍ୟବସ୍ଥା କରି ଦେବେ ।

କଟକର ଜଣେ ଡାକଯୋଗେ ଲେଖିଅଛନ୍ତି ଯେ ସେଥିକର ମହକୁମାରେ ଦେଢ଼େ ଜଣ କର୍ମୀ ନିଯୁକ୍ତ ହେବାର ଥିବାରୁ ଅନେକ ପ୍ରବେଶିକା ଓ ଏଲ, ଏ ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତି ଆବେଦନ କରିଥିଲେ କିନ୍ତୁ କାହିଁ ସେମାନଙ୍କଠାରୁ ସାମାନ୍ୟ ନିଶାଣର ପରୀକ୍ଷା ନେଇଅଛନ୍ତି ଏଥିରେ ପତ୍ରଲେଖକ ଦୁଃଖିତ ହୋଇ କହନ୍ତି ଯେ ଉକ୍ତ ପ୍ରାର୍ଥୀମାନେ କାହିଁକି ଏଡେ ପରିଶ୍ରମ କରି ବିଶ୍ୱବିଦ୍ୟାଳୟର ପରୀକ୍ଷା ଦେଇଥିଲେ । ଆମ୍ଭେମାନେ ବୋଧ କରୁଁ ପରୀକ୍ଷା କରିବା ଭିନ୍ନ ପ୍ରାର୍ଥୀଙ୍କ ମଧ୍ୟରେ ଇତର ବିଶେଷ କରିବାର ଉପାୟାନ୍ତର ନାହିଁ ।

ପୁରୀରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଗତମାସ ତା ୧୬ ରଖ ମଙ୍ଗଳବାର ସନ୍ଧ୍ୟାରେ ୫୦ ବର୍ଷର ଶୂନ୍ୟ ମହାପ୍ରଭୁଙ୍କ ଦେଉଳ କୃଷ୍ଣଚନ୍ଦ୍ର ଭ୍ରମରବର ମୃତ୍ୟୁ କ୍ଷେତ୍ର ପ୍ରାପ୍ତ ହୋଇଅଛନ୍ତି ଏ ଦେଓ୍ୱାନ ଅତି ଉତ୍ତମ ଓ ଧର୍ମିଷ୍ଠ ଥିଲେ ।

ମାନ୍ୟବର ଦ୍ୱାରକାନାଥ ମିତ୍ର ବଡ଼ ପୀଡ଼ିତ ଅଛନ୍ତି ବୋଲି ଟେଲିଗ୍ରାଫ ଲେଖନ୍ତି କିନ୍ତୁ ଭରସା ହୁଅଇ ଯେ ଶୀଘ୍ର ଆରୋଗ୍ୟ ଲାଭ କରିବେ ।

ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ଗତ ସପ୍ତାହରେ କଲିକତା ନଗରକୁ ପ୍ରତ୍ୟାଗମନ କଲେ । ଆସିବା ସମୟରେ ସେ କେତେଗୁଡ଼ାଏ ଦୁର୍ଭିକ୍ଷପୀଡ଼ିତ ସ୍ଥାନ ଦେଖି ଆସିଅଛନ୍ତି ଓ ସାହାଯ୍ୟ ନିମିତ୍ତ ଯେ ସମସ୍ତ ଉପାୟ ହୋଇଅଛି ଓ ଯାହାର କାର୍ଯ୍ୟ ଯେରୂପ ଚାଲୁଅଛି ତହିଁରେ ଲେଫ୍ଟନେଣ୍ଟ ଗବର୍ଣ୍ଣର ଓ ତାଙ୍କ ଅଧୀନମାନଙ୍କ ପ୍ରତି ସନ୍ତୁଷ୍ଟ ହୋଇଅଛନ୍ତି ।

ଭଗି ଦାସ ଭୁଜ ଦାସ ନାମରେ ଏକ ବ୍ୟକ୍ତି ସୁରତ ନଗରରେ ଗୋଟିଏ ମନ୍ଦିର ଓ ଉଦ୍ୟାନ ନିର୍ମାଣ କରାଇଅଛନ୍ତି ଓ ବଡ଼ ସମାରୋହରେ ତହିଁର ପ୍ରତିଷ୍ଠା କର୍ମ ସମାଧା କଲେ । କଥିତ ହୁଅଇ ଯେ ଏ ମନ୍ଦିର ନିର୍ମାଣରେ ସେ ୭୧୦୦୦ ଟଙ୍କା ବ୍ୟୟ କରିଅଛନ୍ତି ।

ହନୁର୍ଯେଣ୍ଟ୍ ଅଟର ଅବଗତ ହେଲୁଁ ଯେ ଫ୍ରାନ୍ସ ଦେଶରେ ଖାଦ୍ୟଦ୍ରବ୍ୟ ଦୁର୍ମୂଲ୍ୟ ହୋଇଅଛି ଓ ଦୁର୍ଭିକ୍ଷ ପଡ଼ିବ ଏମନ୍ତ ସମ୍ଭାବନା ଦେଖାଯାଏ । ଲୋକଙ୍କୁ ଉଦ୍ଧାର କରିବା କାରଣ ଗବର୍ଣ୍ଣମେଣ୍ଟ କି ଉପାୟ କରିବେ ଦେଖିବାରେ ଆସିବ ।

ଏ ବର୍ଷ କଲିକତା ବିଶ୍ୱବିଦ୍ୟାଳୟର ବି, ଏ ଉପାଧି ନିମିତ୍ତ ଜ ୧୯୬ ଣ ପରୀକ୍ଷାର୍ଥୀ ହୋଇଅଛନ୍ତି ବି, ଏଲ ଉପାଧି ସକାଶେ ଜ ୧୦୭ ଣ ଓ ଏଲ, ଏଲ ଉପାଧି ସକାଶେ ଜ ୬୪ ଣ ପ୍ରାର୍ଥୀ ହୋଇଅଛନ୍ତି ।

ଗତ ଅକ୍ଟୋବର ମାସ ଅପେକ୍ଷା ନବମ୍ବର ମାସରେ ବଙ୍ଗଳାର ଚାଉଳ ଶସ୍ତା ଥିବାରୁ ପାୟୋନିୟର ସ୍ଥିର କରିଅଛନ୍ତି ଯେ ବଙ୍ଗଳାରେ ଦୁର୍ଭିକ୍ଷ ହେବ ନାହିଁ । ଗତ ଅକ୍ଟୋବର ନବମ୍ବର ମାସରେ ଯେ ନୂତନ ଧାନ ବିକ୍ରୟ ହେବାରୁ ଚାଉଳ ଶସ୍ତା ହୁଅଇ ଏହା ସେ ଜାଣନ୍ତି ନାହିଁ ।

ବର୍ତ୍ତମାନ ମହାରାଜାଙ୍କ ପୂର୍ବପୁରୁଷମାନେ ଶାନ୍ତିଦେବୀଙ୍କୁ ଅନେକ ସମ୍ପତ୍ତି ଦାନ କରିଥିବାରୁ କିଏବ ହୋଇଥିବା ମହନ୍ତ ସ୍ଥାନରେ ଜଣେ ଉପଯୁକ୍ତ ବ୍ୟକ୍ତିଙ୍କୁ ନିୟମାନୁସାରେ ମନୋନୀତ କରିବାପାଇଁ ମନ୍ଦିର ସମ୍ପର୍କୀୟ ପୁରୋହିତମାନଙ୍କୁ ଆଜ୍ଞା ଦେଇଅଛନ୍ତି । ସମ୍ପ୍ରତି ଜଣେ ଏକ୍‌ଟିଂ ମହନ୍ତ ନିଯୁକ୍ତ ହୋଇଅଛି ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ମାନ୍ୟବରେଷୁ ।

ମହାଶୟ !

ଉଡ଼ିଶ୍ୟା କଟକ ପୋଷ୍ଟଅଫିସ ଇତ୍ୟାଦିରେ କେବଳ ବଙ୍ଗଦେଶୀ ବଙ୍ଗାଳୀ ନିଯୁକ୍ତ ଥିବାରୁ କାର୍ଯ୍ୟର ଅନେକ ଅସୁବିଧା ହେଉଅଛି ଅର୍ଥାତ୍ ପୋଷ୍ଟଅଫିସର ପ୍ରେରିତ ଚିଠିମାନ ବୃଥାରେ ଅନେକ ଅଫିସରେ ଫେରି ଶେଷରେ ଡେଡ଼ ଲେଟର ଅଫିସକୁ ପ୍ରେରିତ ହୁଏ । ତାହାର କାରଣ ଏହିକି କଟକବାସୀ ବଙ୍ଗାଳିମାନେ ଉତ୍କଳ ଭାଷା ଉତ୍ତମରୂପେ ଜାଣନ୍ତି ନାହିଁ, ମଧ୍ୟ ଉଡ଼ିଆ ଅକ୍ଷର ଉତ୍ତମରୂପେ ପଢ଼ି ପାରନ୍ତି ନାହିଁ, ଯଦ୍ୱତ ଚିଠିର ଶିରୋନାମା ପଢ଼ି ନ ପାରନ୍ତି କେବେ ଆପଣା ଅଧୀନସ୍ଥ "ସରସ୍ୱତୀ ଦେବୀଙ୍କ ବରପୁତ୍ର" ଡେଲିଭରୀ ପିଅନମାନଙ୍କୁ ସେ ଚିଠିମାନ ପଢ଼ିବାକୁ ଦିଅନ୍ତି, ସେମାନେ ବ କୁ ତ କରି ପଢ଼ି ଦିଅନ୍ତି, ସେଥିରେ ତାହାଙ୍କ ଧ୍ୱଷମାନେ ଚିଠି ଗଣ୍ଡିକ ଯେଉଁ ଅଫିସକୁ ଗଲେ ନିଜ ହୁଅନ୍ତା ସେ ଅଫିସକୁ ନ ଯାଇ ଅଫିସକୁ ପଠାଇଥାନ୍ତି ; ସେ ଏ ଅଫିସ ସେ ଅଫିସ ଫେରି ଅଫିସ ଦର୍ଶନ କରେ । ପୋ ଜେଣିକି ଥାଆନ୍ତୁ, ଉଡ଼ିଶ୍ୟାପ୍ରି କରେ ଉଡ଼ିଆ ନ ଥାଇ ବଙ୍ଗାଳୀ ଅଛନ୍ତି । ଯାହା ବ ଥିଲେ ସେଥି ମଧ୍ୟରୁ ପୁରୁଷ ଷ୍ଟାଫିସର ପୋଷ୍ଟମାଷ୍ଟର ବାବ ଲାହୀ (ଯେ କି ପ୍ରକୃତ ଉଡ଼ିଆ ବଦଳି କରି ଦେଲେ ଅହ କର୍ତ୍ତାମାନଙ୍କର ହେମନ୍ତ ସହ ବିଷୟରେ ମହାମହିମାଙ୍କ ଉଡ଼ିଶ୍ୟା ପ୍ରଦେଶର ଶ୍ରୀଯୁକ୍ତ ଦୂର ଓ ଡାକର ମାଷ୍ଟରମା କ୍ଷେପ ନ କଲେ କାର୍ଯ୍ୟର ନାହିଁ । ଇତି ।

ପୋଲସାହି
୧୯।୧୨।୭୩ କେହି

## ବିଜ୍ଞାପନ ।

ଏ ଛାପାର ସମସ୍ତ ଲଗଣ୍ଡ ଉଦ୍ଧାର କ୍ଷାଇ ଦିଆଯାଉଅଛି ଉପରେ ଯେତେକ ପଥରର ଅ ତାହା ସେମାନେ ସଭାକୁ ଦାଖଲ କରିବାକୁ ଖବର ଦ ଅପଣା ପ୍ରଗଣା ଜିଲ୍ଲା ଖ ନିକଟରେ କିସ୍ତିବନ୍ଦୀ ମାଙ୍ଗିବେ ନୂତନ ଗୋମାନଙ୍କଠାରୁ ତାଙ୍କ ମେ ରେ ପାଉଣାମାନ ପାଇପାରିବେ ବିଜ୍ଞାପନ ସର୍ବସାଧାରଣଙ୍କ କଟକ ତା୨୨ରଖ ଡିସେମ୍ବର
JOSEPH ARM

## ମୂଲ୍ୟପ୍ରାପ୍ତି ।

ଚୌଧୁରୀ ବଡ଼ୁନାଥ ଦାସ କା ଶ୍ରୀ ଗଡ଼ା ମୁଲ୍ଲାନ ଇଲମ ଗଞ୍ଜାମ ବାବୁ ଭର୍ଗବଚରଣ ଦାସଙ୍କ ଦ୍ୱାର
କଟକ
ବାବୁ କୃଷ୍ଣମୋହନ ଘୋଷ "

ଶ୍ରୀ ଏହି ଉତ୍କଳଦୀପିକା ସହ ବଜାର କଟକପ୍ରିଣ୍ଟିଂକମ୍ପାନୀଙ୍କ ମୁଦ୍ରିତ ଓ ପ୍ରଚାରିତ ହେଲା ।

Digitized by srujanika@gmail.com